ବର୍ଷ-୨୫, ସଂଖ୍ୟା-୨୬୦
ଭୁବନେଶ୍ୱର
୨୮, ସେପ୍ଟେମ୍ବର, ୨୦୨୫ ରବିବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-25, Issue No. 260
Bhubaneswar
28, September, 2025 Sunday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com
Mahabharat

# ପୂର୍ବୋଦୟ ନକ୍ସାରେ ଏବେ ଓଡ଼ିଶା

## ଝାରସୁଗୁଡାକୁ ପ୍ରଧାନମନ୍ତ୍ରୀଙ୍କ ୬୦ହଜାର କୋଟିର ପୂଜା ଭେଟି




**ଝାରସୁଗୁଡା,୨୭।୯ (ମହାଭାରତ):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶନିବାର ଝାରସୁଗୁଡାଠାରେ ୬୦,୦୦୦ କୋଟି ଟଙ୍କାରୁ ଅଧିକ ମୂଲ୍ୟର ବିକାଶମୂଳକ ପ୍ରକଳ୍ପର ଉଦଘାଟନ ଏବଂ ଶିଳାନ୍ୟାସ କରିଛନ୍ତି। ପ୍ରଧାନମନ୍ତ୍ରୀ ସମାବେଶକୁ ସମ୍ବୋଧିତ କରି ସେଠାରେ ଉପସ୍ଥିତ ସମସ୍ତ ବିଶିଷ୍ଟ ବ୍ୟକ୍ତିଙ୍କୁ ଶୁଭେଚ୍ଛା ଜଣାଇଥିଲେ। ସେ କହିଥିଲେ, ବର୍ତ୍ତମାନ ନବରାତ୍ରି ପର୍ବ ପାଳନ କରାଯାଉଛି। ଏହି ପବିତ୍ର ଦିନରେ ମା' ସମଲେଇ ଏବଂ ମା' ରାମଚଣ୍ଡୀଙ୍କ ପବିତ୍ର ଭୂମିକୁ ଆସିବା ଏବଂ ଆଜିର କାର୍ଯ୍ୟକ୍ରମରେ ସମବେତ ଲୋକମାନଙ୍କୁ ଭେଟିବାର ସୌଭାଗ୍ୟ ତାଙ୍କୁ ମିଳିଛି। ସେ କାର୍ଯ୍ୟକ୍ରମରେ ବହୁ ସଂଖ୍ୟକ ମା' ଏବଂ ଭଉଣୀଙ୍କ ଉପସ୍ଥିତି ବିଷୟରେ ଉଲ୍ଲେଖ କରି କହିଥିଲେ, ସେମାନଙ୍କର ଆଶୀର୍ବାଦ ହିଁ ଶକ୍ତିର ପ୍ରକୃତ ଉତ୍ସ। ଏହି ଅବସରରେ ସବୁ ଲୋକମାନଙ୍କୁ ସେ ପ୍ରଣାମ ଜଣାଇଥିଲେ।

ଶ୍ରୀ ମୋଦୀ କହିଥିଲେ, ଦେଢ଼ ବର୍ଷ ପୂର୍ବେ ବିଧାନସଭା ନିର୍ବାଚନ ସମୟରେ, ଓଡ଼ିଶାବାସୀ ନୂତନ ପ୍ରତିବଦ୍ଧତା ସହିତ ଏକ ବିକଶିତ ଓଡ଼ିଶା ଆଡ଼କୁ ଆଗକୁ ବଢ଼ିବାକୁ ସଂକଳ୍ପ ନେଇଥିଲେ। ଆଜି କେନ୍ଦ୍ର ଏବଂ ରାଜ୍ୟରେ ସେମାନଙ୍କ ସରକାରଙ୍କ ବିକାଶ ଧାରା ସହିତ ଓଡ଼ିଶା ଦ୍ରୁତ ଗତିରେ ପ୍ରଗତି କରୁଛି। ସେ ଓଡ଼ିଶା ଏବଂ ଦେଶର ବିକାଶ ପାଇଁ ହଜାର ହଜାର କୋଟି ଟଙ୍କାର ପ୍ରକଳ୍ପ ଶୁଭାରମ୍ଭ ବିଷୟରେ ଘୋଷଣା କରିଥିଲେ। ଶ୍ରୀ ମୋଦୀ ବିଏସଏନଏଲର ନୂତନ ଅବତାର ଉନ୍ମୋଚନ କରି ଏହାର ସ୍ୱଦେଶୀ ୪ଜି ସେବାର ଶୁଭାରମ୍ଭ କରିଥିଲେ। ସେ କହିଥିଲେ, ଆଜି ବିଭିନ୍ନ ରାଜ୍ୟରେ ଆଇଆଇଟିର ବିସ୍ତାର ମଧ୍ୟ ଆରମ୍ଭ ହେଉଛି। ଏହା ସହିତ, ଓଡ଼ିଶାରେ ଶିକ୍ଷା, ଦକ୍ଷତା ବିକାଶ ଏବଂ ଯୋଗାଯୋଗ ସହିତ ଜଡିତ ଅନେକ ପ୍ରକଳ୍ପର ଶିଳାନ୍ୟାସ ଏବଂ ଉଦଘାଟନ ଉପରେ ସେ ଆଲୋକପାତ କରିଥିଲେ। ବ୍ରହ୍ମପୁରରୁ ସୁରଟ ପର୍ଯ୍ୟନ୍ତ ଆଧୁନିକ ଅମୃତ ଭାରତ ଟ୍ରେନକୁ ପତାକା ଦେଖାଇ ପ୍ରଧାନମନ୍ତ୍ରୀ ଶୁଭାରମ୍ଭ କରିଥିଲେ। ଏହି ଟ୍ରେନ ସ୍ଥାନୀୟ ଲୋକଙ୍କ ପାଇଁ ବ୍ୟାପକ ଲାଭ ଆଣି ଦେବ। କେନ୍ଦ୍ର ରେଳ, ସୂଚନା ଏବଂ ପ୍ରସାରଣ, ଇଲେକ୍ଟ୍ରୋନିକ୍ସ ଏବଂ ଆଇଟି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଗୁଜରାଟର ସୁରଟରୁ ଆଭାସୀ ମାଧ୍ୟମରେ ଏହି ସମାରୋହରେ ଯୋଗ ଦେଇଥିବା ଶ୍ରୀ ମୋଦୀ କହିଥିଲେ। ଏହି ସମସ୍ତ ବିକାଶମୂଳକ ପଦକ୍ଷେପ ପାଇଁ ସେ ଓଡ଼ିଶାବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଇଥିଲେ।

ପ୍ରଧାନମନ୍ତ୍ରୀ କହିଥିଲେ, ଆମ ସରକାର ଗରିବଙ୍କ ସେବା ଏବଂ ସଶକ୍ତୀକରଣ ପାଇଁ ସଂକଳ୍ପବଦ୍ଧ। ବଞ୍ଚିତ, ପଛୁଆ ବର୍ଗ ଏବଂ ଆଦିବାସୀ ସମ୍ପ୍ରଦାୟ ସମେତ ଅବହେଳିତ ଲୋକଙ୍କୁ ମୌଳିକ ସୁବିଧା ଯୋଗାଇବା ଉପରେ ଆମେ ଧ୍ୟାନ ଦେଉଛୁ। ଏହି କ୍ରମରେ ସେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଏବଂ ତାଙ୍କ ସହଯୋଗୀମାନଙ୍କର ଉଲ୍ଲେଖନୀୟ ପ୍ରୟାସକୁ ପ୍ରଶଂସା କରିଥିଲେ । ଆଜି ପ୍ରାୟ ପଚାଶ ହଜାର ପରିବାର ନୂତନ ଘର ପାଇଁ ଅନୁମୋଦନ ପାଇଛନ୍ତି ବୋଲି ପ୍ରଧାନମନ୍ତ୍ରୀ ଘୋଷଣା କରିଥିଲେ। ସେ କହିଥିଲେ, ପିଏମ ଜନମନ ଯୋଜନା ଅଧୀନରେ, ଓଡ଼ିଶାରେ ଆଦିବାସୀ ପରିବାର ପାଇଁ ଚାଳିଶ ହଜାରରୁ ଅଧିକ ଘର ମଞ୍ଜୁର କରାଯାଇଛି। ଏହା ଆଦିବାସୀମାନଙ୍କ ମଧ୍ୟରୁ ସବୁଠାରୁ ଅବହେଳିତଙ୍କ ଏକ ପ୍ରମୁଖ ଆକାଂକ୍ଷା ପୂରଣ କରିଛି। ସେ ସମସ୍ତ ହିତାଧିକାରୀ ପରିବାରଙ୍କୁ ଶୁଭକାମନା ଜଣାଇଥିଲେ। ଓଡ଼ିଶାବାସୀଙ୍କ ଦକ୍ଷତା ଏବଂ ପ୍ରତିଭା ଉପରେ ଦୃଢ଼ ବିଶ୍ୱାସ ପ୍ରକାଶ କରି ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଥିଲେ ଯେ ପ୍ରକୃତି ଓଡ଼ିଶାକୁ ପ୍ରଚୁର ପରିମାଣରେ ଆଶୀର୍ବାଦ ଦେଇଛି। ଓଡ଼ିଶା ଦଶନ୍ଧି ଧରି ଦାରିଦ୍ର୍ୟ ସହିଆସିଛି ବୋଲି ସ୍ୱୀକାର କରିବା ସହିତ, ସେ ଦୃଢ଼ୋକ୍ତି କରିଥିଲେ ଯେ ଆଗାମୀ ଦଶନ୍ଧି ରାଜ୍ୟବାସୀଙ୍କ ପାଇଁ ସମୃଦ୍ଧି ଆଣିବ। ଏହାକୁ ହାସଲ କରିବା ପାଇଁ, ସରକାର ରାଜ୍ୟକୁ ବହୁ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ଆଣୁଛନ୍ତି। କେନ୍ଦ୍ର ସରକାର ସମ୍ପ୍ରତି ଓଡ଼ିଶା ପାଇଁ ଦୁଇଟି ସେମିକଣ୍ଡକ୍ଟର ୟୁନିଟ୍ ମଞ୍ଜୁର କରିଛନ୍ତି ଏବଂ ଗୋଟିଏ ସେମିକଣ୍ଡକ୍ଟର ପାର୍କ ମଧ୍ୟ ପ୍ରତିଷ୍ଠା ହେବାକୁ ଯାଉଛି। ଯାହା ଓଡ଼ିଶାର ଯୁବପିଢ଼ିଙ୍କ ଶକ୍ତି ଏବଂ ସମ୍ଭାବନାକୁ ବଢ଼ାଇବ।

ପ୍ରଧାନମନ୍ତ୍ରୀ କହିଲେ ଯେ ଚିପ୍ସ ଠାରୁ ସିପ୍ (ଜାହଜ) ପର୍ଯ୍ୟନ୍ତ ପ୍ରତ୍ୟେକ କ୍ଷେତ୍ରରେ ଦେଶକୁ ଆତ୍ମନିର୍ଭରଶୀଳ କରିବାକୁ ପଡିବ। ସେ କହିଥିଲେ, ପାରାଦୀପରୁ ଝାରସୁଗୁଡା ପର୍ଯ୍ୟନ୍ତ ଏକ ବିଶାଳ ଶିଳ୍ପ କରିଡର ବିକଶିତ ହେଉଛି। ଶ୍ରୀ ମୋଦୀ କହିଥିଲେ, ସ୍ୱଦେଶୀ ଜାହାଜ ରହିବା ବିଶ୍ୱ ସଙ୍କଟ ସମୟରେ ମଧ୍ୟ ନିରବଚ୍ଛିନ୍ନ ଆମଦାନୀ-ରପ୍ତାନି କାର୍ଯ୍ୟକୁ ସୁନିଶ୍ଚିତ କରେ। ପ୍ରଧାନମନ୍ତ୍ରୀ ସେମାନଙ୍କ ସରକାରଙ୍କ ଦ୍ୱାରା ଏକ ପ୍ରମୁଖ ପଦକ୍ଷେପ ସ୍ୱରୂପ ଭାରତରେ ଜାହାଜ ନିର୍ମାଣ ପାଇଁ ୭୦,୦୦୦ କୋଟି ଟଙ୍କାର ପ୍ୟାକେଜ୍ ଘୋଷଣା କରିଥିଲେ।

ଭାରତ ଆତ୍ମନିର୍ଭରଶୀଳତା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇଛି ବୋଲି ଉଲ୍ଲେଖ କରି ଶ୍ରୀ ମୋଦୀ କହିଥିଲେ, ପୂର୍ବରୁ ଯେତେବେଳେ ୨ଜି, ୩ ଜି ଏବଂ ୪ ଜି ଭଳି ଦୂରସଞ୍ଚାର ସେବା ବିଶ୍ୱ ସ୍ତରରେ ପ୍ରଚଳନ କରାଯାଇଥିଲା, ସେତେବେଳେ ଭାରତ ପଛରେ ପଡ଼ିଯାଇଥିଲା ଏବଂ ଏହି ସେବା ପାଇଁ ବିଦେଶୀ ପ୍ରଯୁକ୍ତିବିଦ୍ୟା ଉପରେ ନିର୍ଭରଶୀଳ ରହିଥିଲା। ବିଏସଏନଏଲ ଭାରତରେ ଏକ ସମ୍ପୂର୍ଣ୍ଣ ସ୍ୱଦେଶୀ ୪ଜି ପ୍ରଯୁକ୍ତିବିଦ୍ୟା ସଫଳତାର ସହିତ ବିକଶିତ କରିଛି ବୋଲି ସେ ଗର୍ବର ସହିତ କହିଥିଲେ। ଏହି ମାଇଲଖୁଣ୍ଟ ସୃଷ୍ଟି କରିବାରେ ସେ ବିଏସଏନଏଲର ନିଷ୍ଠା, ଦୃଢ଼ତା ଏବଂ ବିଶେଷଜ୍ଞତାକୁ ପ୍ରଶଂସା କରିଥିଲେ। ସେ ଆହୁରି ମଧ୍ୟ କହିଥିଲେ, ଭାରତୀୟ କମ୍ପାନୀଗୁଡ଼ିକ ଏବେ ବିଶ୍ୱର ପାଞ୍ଚଟି ମନୋନୀତ ଦେଶ ମଧ୍ୟରେ ଭାରତକୁ ସ୍ଥାନିତ କରିଛନ୍ତି ଯେଉଁଠାରେ ୪ଜି ସେବା ଆରମ୍ଭ କରିବା ପାଇଁ ସମ୍ପୂର୍ଣ୍ଣ ସ୍ୱଦେଶୀ ପ୍ରଯୁକ୍ତିବିଦ୍ୟା ଅଛି। ପ୍ରଧାନମନ୍ତ୍ରୀ କହିଥିଲେ ଯେ ଏହା ଓଡ଼ିଶା ପାଇଁ ଗର୍ବର ବିଷୟ ଯେ ବିଏସଏନଏଲର ସ୍ୱଦେଶୀ ୪ଜି ନେଟୱାର୍କ ଝାରସୁଗୁଡାରୁ ଆରମ୍ଭ ହେଉଛି, ଯେଉଁଥିରେ ପ୍ରାୟ ଏକ ଲକ୍ଷ ୪ଜି ଟାୱାର ଅନ୍ତର୍ଭୁକ୍ତ।

ପ୍ରଧାନମନ୍ତ୍ରୀ କହିଥିଲେ, ହଜାର ହଜାର ଗ୍ରାମ ଏହି ଐତିହାସିକ ଦିନକୁ ସାକ୍ଷୀ ରଖିବା ପାଇଁ ଆଭାସୀ ମାଧ୍ୟମରେ ଯୋଡ଼ି ହୋଇଛନ୍ତି। ହାଇ-ସ୍ପିଡ୍ ଇଣ୍ଟରନେଟ୍ ମାଧ୍ୟମରେ ସେମାନେ ଏହି କାର୍ଯ୍ୟକ୍ରମକୁ ଶୁଣି ଏବଂ ଦେଖିପାରୁଛନ୍ତି। କେନ୍ଦ୍ର ସଞ୍ଚାର ମନ୍ତ୍ରୀ ଶ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆ ମଧ୍ୟ ଆସାମରୁ ଯୋଡ଼ି ହୋଇଥିବା ସେ କହିଥିଲେ।

ବିଏସଏନଏଲର ସ୍ୱଦେଶୀ ୪ଜି ସେବା ଆଦିବାସୀ ଅଞ୍ଚଳ, ଦୁର୍ଗମ ଗ୍ରାମ ଏବଂ ପାହାଡ଼ିଆ ଅଞ୍ଚଳ ପାଇଁ ସର୍ବାଧିକ ଲାଭଦାୟକ ହେବ ବୋଲି ଶ୍ରୀ ମୋଦୀ ଉଲ୍ଲେଖ କରିଥିଲେ। ଏହି ଅଞ୍ଚଳର ଲୋକମାନେ ଏବେ ଗୁଣାତ୍ମକ ଡିଜିଟାଲ୍ ସେବା ପାଇପାରିବେ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଥିଲେ। ପ୍ରଧାନମନ୍ତ୍ରୀ କହିଥିଲେ, ଗ୍ରାମାଞ୍ଚଳର ପିଲାମାନେ ଅନଲାଇନ୍ ଶ୍ରେଣୀରେ ପାଠ ପଢ଼ିପାରିବେ। ଦୂରବର୍ତ୍ତୀ ଅଞ୍ଚଳର ଚାଷୀମାନେ ଫସଲ ମୂଲ୍ୟ ଯାଞ୍ଚ କରିପାରିବେ ଏବଂ ରୋଗୀମାନେ ଟେଲିମେଡିସିନ୍ ମାଧ୍ୟମରେ ଡାକ୍ତରଙ୍କ ସହିତ ପରାମର୍ଶ କରିବାକୁ ସହଜ ପାଇବେ। ଏହି ପଦକ୍ଷେପ ଆମର ସଶସ୍ତ୍ର ବାହିନୀ କର୍ମଚାରୀମାନଙ୍କୁ ମଧ୍ୟ ବହୁତ ଲାଭ ଦେବ, ସେମାନଙ୍କୁ ଉନ୍ନତ ସଂଯୋଗୀକରଣ ମାଧ୍ୟମରେ ସୁରକ୍ଷିତ ଭାବରେ ଯୋଗାଯୋଗ କରିବାକୁ ସକ୍ଷମ କରିବ ବୋଲି ପ୍ରଧାନମନ୍ତ୍ରୀ କହିଥିଲେ। ଭାରତ କିଛିଦିନ ପୂର୍ବରୁ ଦ୍ରୁତତମ ୫ଜି ସେବା ଆରମ୍ଭ କରିସାରିଛି ବୋଲି ଉଲ୍ଲେଖ କରି ପ୍ରଧାନମନ୍ତ୍ରୀ କହିଥିଲେ, ଆଜି ଉଦଘାଟନ ହୋଇଥିବା ବିଏସଏନଏଲ ଟାୱାରଗୁଡ଼ିକ ୫ଜିସେବାକୁ ସମର୍ଥନ କରିବା ପାଇଁ ପ୍ରସ୍ତୁତ ଅଛି।

# ବିଜୟଙ୍କ ରାଲିରେ ଦଳାଚକଟାରେ ୩୮ ମୃତ



**ଚେନ୍ନାଇ,୨୭।୯(ଏଜେନ୍ସି):** ଅଭିନେତା ତଥା ଟିଭିକେ ମୁଖ୍ୟ ବିଜୟ ଥାଲାପତିଙ୍କ ଏକ ନିର୍ବାଚନୀ ରାଲିରେ ଘଟିଛି ବଡ ଦୁର୍ଘଟଣା। ବିଜୟଙ୍କୁ ଦେଖିବା ପାଇଁ ଲକ୍ଷାଧିକ ଲୋକଙ୍କ ସମାଗମ ହେବାରୁ ଦଳାଚକଟା ସୃଷ୍ଟି ହୋଇଥିଲା। ଏହି ଦଳାଚକଟାରେ ୩୪ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଶତାଧିକ ଲୋକ ଗୁରୁତର ଆହତ ହୋଇ ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ବିଜୟ ଭାଷଣ ଦେବା ବେଳେ ଭୟଙ୍କର ଦଳଚକଟା ପରିସ୍ଥିତି ସୃଷ୍ଟି ହୋଇଥିଲା। ମୃତକଙ୍କ ମଧ୍ୟରେ ମହିଳା ଓ ଶିଶୁ ଅଛନ୍ତି। ତେବେ ଘଟଣା ପରେ ତାମିଲନାଡୁର କରୁରରେ ଚାଞ୍ଚଲ୍ୟ ଖେଳିଯାଇଥିବା ବେଳେ ପାଖ ଜିଲ୍ଲାରୁ ଡାକ୍ତରଙ୍କୁ ଅଣାଯାଇ ମେଡିକାଲରେ ଚିକିତ୍ସା କାମରେ ନିୟୋଜିତ କରାଯାଇଛି। ଛୋଟପିଲା ଏବଂ ଦଳୀୟ କର୍ମୀଙ୍କ ସମେତ ଅନେକ ଲୋକ ଶ୍ୱାସରୁଦ୍ଧ ହୋଇ ଚେତାଶୂନ୍ୟ ହୋଇପଡ଼ିଥିଲେ। ଘଟଣାସ୍ଥଳରେ ଉପସ୍ଥିତ ବିଜୟ ପରିସ୍ଥିତି ଦେଖି ତୁରନ୍ତ ତାଙ୍କ ଭାଷଣ ବନ୍ଦ କରି ଦେଇଥିଲେ।

ବିଜୟଙ୍କ ରାଲିରେ ଦଳାଚକଟା ଘଟଣାରେ ୩୪ ଜଣଙ୍କ ମୃତ୍ୟୁ ପରେ ସାରା ଦେଶ ସ୍ତବ୍ଧ ହୋଇଛି। ରାଜନୈତିକ ରାଲିରେ ଏପରି ଅଘଟଣରେ ସମସ୍ତେ ଦୁଃଖ ପ୍ରକାଶ କରିଛନ୍ତି। ରାଜନେତା ଠାରୁ ସିନେ ଅଭିନେତା ଘଟଣାରେ ମର୍ମାହତ ଥିବା ପ୍ରକାଶ କରିଛନ୍ତି। ତେବେ ତାମିଲନାଡୁର କରୁର ଟ୍ରାଜେଡିକୁ ଦୁର୍ଭାଗ୍ୟଜନକ ବୋଲି କହିଛନ୍ତି ପ୍ରଧାନମନ୍ତ୍ରୀ ମୋଦୀ। ରାଜନୈତିକ ରାଲିରେ ଏମିତି ଘଟଣା ଅତ୍ୟନ୍ତ ଦୁଃଖଦ। ମୋର ସମବେଦନା ସେହି ପରିବାର ସହିତ ଅଛି ଯେଉଁମାନେ ସେମାନଙ୍କର ପ୍ରିୟଜନଙ୍କୁ ହରାଇଛନ୍ତି। ଏହି କଷ୍ଟକର ସମୟରେ ସେମାନଙ୍କୁ ଭଗବାନ ଶକ୍ତି ଦିଅନ୍ତୁ ଏତିକି କାମନା କରୁଛି। ଆହତଙ୍କ ଆରୋଗ୍ୟ ପାଇଁ ପ୍ରାର୍ଥନା କରୁଛି ବୋଲି ମୋଦୀ ଏକ୍ସରେ ପୋଷ୍ଟ କରିଛନ୍ତି। ସେହିପରି ଦଳଚକଟା ଘଟଣାରେ ତାମିଲନାଡୁ ମୁଖ୍ୟମନ୍ତ୍ରୀ ଚିନ୍ତା ପ୍ରକାଶ କରିବା ସହ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି।

# ଯୁବବର୍ଗଙ୍କର ମନପ୍ରାଣରେ ନୂତନ ଉତ୍ସାହ ସୃଷ୍ଟି ହୋଇଛି

**ଝାରସୁଗୁଡା,୨୭।୯ (ମହାଭାରତ):** ଝାରସୁଗୁଡାର ଅମଲିପାଲିଠାରେ ଅନୁଷ୍ଠିତ ବିଜେଡ଼ିର ଯୁବ ସମାବେଶରେ ଉଦବୋଧନ ଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି ଯେ ମୋଦି ସରକାରଙ୍କ ପୂର୍ବୋଦୟ ପରିକଳ୍ପନାରେ ଓଡ଼ିଶା ଏବେ କେନ୍ଦ୍ରବିନ୍ଦୁ ପାଲିଟିଛି। ଏହି ଉତ୍ସବକୁ ଉଦଘାଟନ କରିଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ସ୍ୱାଗତ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ରାଜ୍ୟରେ ବିଜେପି ସରକାର ଗଠନ ହେବାପରେ ପ୍ରଧାନମନ୍ତ୍ରୀ ଓଡ଼ିଶାକୁ ବାରମ୍ବାର ଗସ୍ତ କରି ଓଡ଼ିଶା ସହିତ ତାଙ୍କର ଅତୁଟ ସମ୍ପର୍କ ଓ ଭଲପାଇବାର ନିଦର୍ଶନ ଦେଖାଇଛନ୍ତି। ସେଥିପାଇଁ ସେ ପ୍ରଧାନମନ୍ତ୍ରୀଙ୍କୁ ହୃଦୟରୁ ପ୍ରଧାନମନ୍ତ୍ରୀଙ୍କୁ ଗଭୀର କୃତଜ୍ଞତା ଜଣାଇଥିଲେ।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ କିଛିଦିନ ପୂର୍ବେ ସମଗ୍ର ଦେଶ, ହର୍ଷ-ଉଲ୍ଲାସର ସହିତ, ଆପଣଙ୍କର ଜନ୍ମଦିବସ ପାଳନ କରିଥିଲା। ଏହା କେବଳ ଏକ ଜନ୍ମଦିବସ ଉତ୍ସବ ନଥିଲା, ବରଂ ଏହା ଥିଲା ଦେଶ ପ୍ରତି ଆପଣଙ୍କର ପଚାଶ ବର୍ଷରୁ ଅଧିକ ସମୟଧରି, ଅତୁଟ ସମର୍ପଣ ଭାବରେ କରିଥିବା ସେବାର ପ୍ରତିଫଳନ। ସେପ୍ଟେମ୍ବର ୧୭ ରୁ ଅକ୍ଟୋବର ୨ ପର୍ଯ୍ୟନ୍ତ 'ସେବା ପକ୍ଷ' ଭାବରେ ପାଳନ କରିବା ଏହାର ସବୁଠାରୁ ବଡ଼ ପ୍ରମାଣ। ଏହା ଆମ ପାଇଁ 'ସେବା ପର୍ବ'।

ଆଜିର ଏହି ସମାବେଶ, ଯୁବବର୍ଗଙ୍କ ପାଇଁ ସମର୍ପିତ। ବିଶେଷ କରି ୨୦୧୪ ପରେ, ଦେଶର ଯୁବବର୍ଗଙ୍କ ପାଇଁ ଆପଣ ଯଥାର୍ଥ ଭାବେ ସବୁଠାରୁ ବଡ଼ 'ଆଇକନ୍'। ଦେଶର ଯୁବବର୍ଗଙ୍କ ପାଇଁ ଆପଣ ପ୍ରେରଣାର ସ୍ରୋତ। 'ଅପରେସନ ସିନ୍ଦୁର' ସହିତ ଦେଶର ସୁରକ୍ଷାକୁ ନେଇ ଆପଣ ଯେଉଁ 'ଲକ୍ଷ୍ମଣ ରେଖା' ଆଙ୍କିଛନ୍ତି, ସେଥିରେ ଦେଶର ଯୁବବର୍ଗଙ୍କର ମନପ୍ରାଣରେ ଏକ ନୂତନ ଉତ୍ସାହ ଭରି ଦେଇଛି। ପେହଲଗାମର ନରସଂହାର ପରେ, ଶତ୍ରୁ ଦେଶରେ ପ୍ରବେଶ କରି, ଆତଙ୍କବାଦୀ ଏବଂ ସେମାନଙ୍କର ପୃଷ୍ଠପୋଷକଙ୍କୁ ଯେପରି ଦଣ୍ଡ ଦିଆଗଲା, ସେଥିରେ ଦେଶର ସୁରକ୍ଷା ନୀତିର ସବୁ ଦିଗ ସମ୍ପୂର୍ଣ୍ଣ ଭାବେ ବଦଳିଯାଇଛି। ଦେଶକୁ ସୁରକ୍ଷିତ ରଖିଥିବାରୁ, ସମଗ୍ର ଦେଶ ପକ୍ଷରୁ, ଆପଣଙ୍କୁ ଅଶେଷ ଧନ୍ୟବାଦ।



ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପ୍ରତି ଆପଣଙ୍କର ଭକ୍ତି ଏବଂ ଓଡ଼ିଶାବାସୀଙ୍କ ପ୍ରତି ଆପଣଙ୍କର ଶ୍ରଦ୍ଧା ବିଷୟରେ ଆମେ ସମସ୍ତେ ଜାଣୁ। ଆମ ସରକାର ଆସିବା ପରେ, ଆପଣ ସାତ ଥର ଓଡ଼ିଶା ଗସ୍ତ କରିଛନ୍ତି।

ଗତବର୍ଷ, ଆପଣଙ୍କ ଜନ୍ମଦିନରେ ଆପଣ ଓଡ଼ିଶା ଆସିଥିଲେ ଏବଂ ଆମ ମା' ଓ ଭଉଣୀମାନଙ୍କ ପାଇଁ 'ସୁଭଦ୍ରା ଯୋଜନା'ର ଶୁଭାରମ୍ଭ କରିଥିଲେ। ଆଜି ଏହି ଯୋଜନା ଅଧୀନରେ, ଏକ କୋଟିରୁ ଅଧିକ ମା'ମାନଙ୍କୁ ପ୍ରତିବର୍ଷ ଦଶ ହଜାର ଟଙ୍କାର ସହାୟତା ମିଳୁଛି। ଗତବର୍ଷ, ଜଣେ ଆଦିବାସୀ ମା'ଙ୍କ ହାତରୁ କ୍ଷିରି ଖାଇ, ଆପଣ ଆପଣଙ୍କର ଜନ୍ମଦିନ ପାଳନ କରିଥିଲେ। ଓଡ଼ିଶାବାସୀଙ୍କ ପ୍ରତି ଆପଣଙ୍କର ଏହି ଭଲପାଇବା, ଆମ ସମସ୍ତଙ୍କୁ ଅଭିଭୂତ କରିଛି।

ପରିବେଶ ସୁରକ୍ଷା ପ୍ରତି ଆପଣଙ୍କ ଚିନ୍ତା ବିଷୟରେ ସମଗ୍ର ଦେଶ ଜାଣିଛି। ଗତବର୍ଷ ଆପଣ ଯେଉଁ "ଏକ ପେଡ୍ ମା' କେ ନାମ୍' କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ, ତାହା ଆଜି ଏକ ଜନ ଆନ୍ଦୋଳନରେ ପରିଣତ ହୋଇଛି। ଚଳିତ ବର୍ଷ ଆପଣଙ୍କ ଜନ୍ମଦିନ ସେପ୍ଟେମ୍ବର ୧୭ ରେ, "ଏକ ପେଡ୍ ମା' କେ ନାମ୍ ୨.୦" ଅଭିଯାନରେ, ଆମେ ୭୫ ଲକ୍ଷ ବୃକ୍ଷରୋପଣ ପାଇଁ ସଙ୍କଳ୍ପ ନେଇଥିଲୁ। କିନ୍ତୁ ଓଡ଼ିଶାବାସୀ ସେହି ଦିନ, ଦୁଇଗୁଣା ଅର୍ଥାତ ଦେଢ଼ କୋଟି ଗଛ ଲଗାଇଦେଲେ। ଆପଣଙ୍କର ମାର୍ଗଦର୍ଶନରେ ଓଡ଼ିଶା ଆଜି ଦ୍ରୁତ ଗତିରେ ବିକାଶ ପଥରେ ଅଗ୍ରସର ହେଉଛି। ଆପଣ ଯେତେବେଳେ ଓଡ଼ିଶା ଆସନ୍ତି, ରାଜ୍ୟବାସୀଙ୍କ ପାଇଁ ଅନେକ ଉପହାର ନେଇଆସନ୍ତି। ଏଥର, ଆପଣ ପାର୍ବଣ ସମୟରେ ଅର୍ଥାତ, ନବରାତ୍ରିରେ ଆସିଛନ୍ତି। ବ୍ରହ୍ମପୁରରୁ ସୁରାଟ ପର୍ଯ୍ୟନ୍ତ ନୂଆ ଅମୃତ ଭାରତ ଟ୍ରେନ୍, ବିଶ୍ୱସ୍ତରୀୟ ଦକ୍ଷତା ବିକାଶ ପ୍ରକଳ୍ପ, ନୂଆ ସେମିକଣ୍ଡକ୍ଟର ପାର୍କ, ବ୍ରହ୍ମପୁର ଏମକେସିଜି ଏବଂ ବୁର୍ଲା ଭୀମସାର ହସ୍ପିଟାଲ୍‌କୁ ବିଶ୍ୱସ୍ତରୀୟ ସୁପର ସ୍ପେସିଆଲିଟି ହସ୍ପିଟାଲ୍ ଭାବେ ବିକଶିତ କରିବା, ଗଞ୍ଜାମ ଜିଲ୍ଲାରେ ନୂଆ ପୋର୍ଟ ବେସଡ ଏସଇଜେଡ୍ ପ୍ରତିଷ୍ଠା କରିବା, ଏବଂ ସବୁଠାରୁ ବଡ଼ କଥା, ଆମର ଗରିବ ଭାଇମାନଙ୍କ ପାଇଁ ୫୦,୦୦୦ ଅନ୍ତ୍ୟୋଦୟ ଗୃହ ନିର୍ମାଣ ପାଇଁ କାର୍ଯ୍ୟାଦେଶ ମଧ୍ୟ ପ୍ରଦାନ କରାଯିବ। ଦ୍ୱିତୀୟ ବୋନାଞ୍ଜା ହେଉଛି 'ନେକ୍ସଟ ଜେନେରେସନ ଜିଏସଟି ରିଫର୍ମ'। ବର୍ତ୍ତମାନ ଓଡିଶାର ଲୋକମାନେ 'ଜିଏସଟି ବଚତ୍ ଉତ୍ସବ'ରେ ସକ୍ରିୟ ଭାବରେ ଅଂଶଗ୍ରହଣ କରୁଛନ୍ତି।

# ସାମାଜିକ ଓ ଆର୍ଥିକ ବିକାଶକୁ ନୂଆ ଗତି ଦେବ

**ଭୁବନେଶ୍ୱର,୨୭।୯ (ମହାଭାରତ):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ 'ସେବା ପର୍ବ -୨୦୨୫' ଅବସରରେ ଝାରସୁଗୁଡ଼ାରେ ଯୁବ ସମାବେଶରେ ଯୋଗଦେଇ ଓଡ଼ିଶା ସମେତ ରାଷ୍ଟ୍ର ଉଦ୍ଦେଶ୍ୟରେ ପ୍ରାୟ ୬୦,୦୦୦ କୋଟି ମୂଲ୍ୟ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ସହ ବିଭିନ୍ନ ବିକାଶମୂଳକ ପ୍ରକଳ୍ପର ଉନ୍ମୋଚନ କରିଛନ୍ତି । ଶିକ୍ଷା, ସ୍ୱାସ୍ଥ୍ୟ, ଗୃହ, ଦକ୍ଷତା ବିକାଶ ଓ ଭିତ୍ତିଭୂମି କ୍ଷେତ୍ରରେ ଏହି ପ୍ରକଳ୍ପଗୁଡ଼ିକ ଓଡ଼ିଶାର ଜନସାଧାରଣଙ୍କ ଆକାଂକ୍ଷାକୁ ପୂରଣ କରିବ। ଓଡ଼ିଶା ଏବଂ ଦେଶର ସାମାଜିକ-ଆର୍ଥିକ ବିକାଶରେ ନୂତନ ଗତି ଦେବ ବୋଲି କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଶ୍ରୀ ପ୍ରଧାନ ଶନିବାର ଆଇଆଇଟି ପାଟନାରୁ ଝାରସୁଗୁଡାରେ ଆୟୋଜିତ ପ୍ରଧାନମନ୍ତ୍ରୀଙ୍କ ସେବା ପକ୍ଷ କାର୍ଯ୍ୟକ୍ରମରେ ଭିଡ଼ିଓ କନଫରେନ୍ସିଂ ମାଧ୍ୟମରେ ଯୋଡ଼ି ହୋଇଥିଲେ। ଶିଳାନ୍ୟାସ ଓ ଶୁଭାରମ୍ଭ ହୋଇଥିବା ପ୍ରକଳ୍ପ ପାଇଁ ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇବା ସହ ଶ୍ରୀ ପ୍ରଧାନ କହିଛନ୍ତି, ଓଡ଼ିଶା ଏବଂ ଆମ ଦେଶର ବିକାଶ ପଥ ପାଇଁ ଆଜି ଏକ ଗୁରୁତ୍ୱପୂର୍ଣ୍ଣ ଦିନ। ୩,୦୦୦ କୋଟି ଟଙ୍କା ବ୍ୟୟରେ ସମ୍ବଲପୁରର ବୀର ସୁରେନ୍ଦ୍ର ସାଏ ଆର୍ଯୁବିଜ୍ଞାନ ଓ ଗବେଷଣା ପ୍ରତିଷ୍ଠାନ, ବୁର୍ଲା ଏବଂ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟ, ବ୍ରହ୍ମପୁରକୁ ବିଶ୍ୱସ୍ତରୀୟ ସୁପର ସ୍ପେଶାଲିଟି ଚିକିତ୍ସାଳୟରେ ରୂପାନ୍ତରଣ କରିବା ପାଇଁ ଘୋଷଣା ହୋଇଛି। ଏହି ପଦକ୍ଷେପ ହସ୍ପିଟାଲକୁ ଅତ୍ୟାଧୁନିକ ଚିକିତ୍ସା କେନ୍ଦ୍ରରେ ପରିଣତ କରିବା ସହ ସ୍ୱାସ୍ଥ୍ୟସେବାକୁ ଉନ୍ନତ କରିବ। ପ୍ରଧାନମନ୍ତ୍ରୀ ପ୍ରାୟ ୧୧,୦୦୦କୋଟି ଟଙ୍କା ନିବେଶରେ ଆଠଟି ଆଇଆଇଟି - ତିରୁପତି, ପଲକଡ଼, ଭିଲାଇ, ଜମ୍ମୁ, ଧାରୱାଡ, ଯୋଧପୁର, ପାଟନା ଏବଂ ଇନ୍ଦୋରର ସମ୍ପ୍ରସାରଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହି ସମ୍ପ୍ରସାରଣ ଆଗାମୀ ଚାରି ବର୍ଷ ମଧ୍ୟରେ ୧୦,୦୦୦ ନୂତନ ଛାତ୍ରଛାତ୍ରୀଙ୍କ ପାଇଁ କ୍ଷମତା ସୃଷ୍ଟି କରିବ। ଆଠଟି ଅତ୍ୟାଧୁନିକ ଗବେଷଣା ପାର୍କ ପ୍ରତିଷ୍ଠା କରିବ, ଯାହା ଦ୍ୱାରା ଭାରତର ନବସୃଜନ ଇକୋସିଷ୍ଟମ ସୁଦୃଢ଼ ହେବ ଏବଂ



ଗବେଷଣା ଓ ବିକାଶକୁ ବଡ଼ ପ୍ରୋତ୍ସାହନ ମିଳିବ। ଏହାବ୍ୟତୀତ ଆଇଆଇଟି ଭୁବନେଶ୍ୱରରେ ସେମିକଣ୍ଡକ୍ଟର ଏବଂ ଇଏସଡିଏମ ପାର୍କ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନା ପ୍ରଶଂସନୀୟ ପଦକ୍ଷେପ। ଏହାଦ୍ୱାରା ଓଡ଼ିଶାରେ ସେମିକଣ୍ଡକ୍ଟର ଉତ୍ପାଦନ ବଢିବା ସହ ସେମିକଣ୍ଡକ୍ଟର କ୍ଷେତ୍ରରେ ଆନ୍ସିଲାରି ଇଣ୍ଡଷ୍ଟ୍ରିରେ ବ୍ୟାପକ ଅଭିବୃଦ୍ଧି ହେବ ଏବଂ ଓଡ଼ିଶାର ଅର୍ଥନୀତିକୁ ବଡ଼ ଗତି ମିଳିବ। ଭାରତବର୍ଷରେ ୪୨୦୦ କୋଟି ଟଙ୍କା ବ୍ୟୟରେ ମେରିଟ୍ ଯୋଜନା ମାଧ୍ୟମରେ ଇଞ୍ଜିନିୟରିଂ ଏବଂ ପଲିଟେକନିକ୍ ଶିକ୍ଷାନୁଷ୍ଠାନମାନଙ୍କର ଉନ୍ନତୀକରଣ ପ୍ରଶଂସନୀୟ ପଦକ୍ଷେପ । ଓଡ଼ିଶାରେ ଦକ୍ଷତା ବିକାଶକୁ ଆଗେଇ ନେବା ପାଇଁ ପ୍ରଧାନମନ୍ତ୍ରୀ ୧୯୭୯ କୋଟି ଟଙ୍କା ବ୍ୟୟରେ ସମ୍ବଲପୁର ଓ ବ୍ରହ୍ମପୁରରେ ବିଶ୍ୱ ଦକ୍ଷତା ବିକାଶ କେନ୍ଦ୍ର ସ୍ଥାପନା ସହିତ ପ୍ରକଳ୍ପର ଶୁଭାରମ୍ଭ କରିଛନ୍ତି । ଏହି ଯୋଜନାରେ ଏଗ୍ରିଟେକ, ନବୀକରଣ ଉର୍ଜା, ରିଟେଲ, ମେରାଇନ ଏବଂ ଆତିଥେୟତା କ୍ଷେତ୍ରରେ ଦକ୍ଷତା ବୃଦ୍ଧି ଉପରେ ପ୍ରାଧାନ୍ୟ ଦିଆଯିବ, ଯାହା ଦ୍ୱାରା ଆମର ଯୁବପିଢିମାନେ ଅଧିକ କୁଶଳୀ ହେବେ ଏବଂ ରୋଜଗାରର ନୂଆ ସୁଯୋଗ ତିଆରି ହେବ। ପ୍ରଧାନମନ୍ତ୍ରୀଙ୍କ କରକମଳରେ ଶିଳାନ୍ୟାସ ହୋଇଥିବା ସମ୍ବଲପୁର ସିଟି-ସରଳା ମଧ୍ୟରେ ୨୭୩ କୋଟି ଟଙ୍କାର ରେଳ ଫ୍ଲାଇଓଭର ଟ୍ରାଫିକ ଭିଡ଼କୁ ନିୟନ୍ତ୍ରଣ କରିବା ସହ ସମ୍ବଲପୁର ଏବଂ ଝାରସୁଗୁଡ଼ା ମଧ୍ୟରେ କୋଇଲା, ଖଣିଜ ପଦାର୍ଥ ଏବଂ ଶିଳ୍ପ ସାମଗ୍ରୀର ପରିବହନକୁ ସହଜ କରିବ । ବିଏସଏନଏଲ ଦ୍ୱାରା ସ୍ୱଦେଶୀ ୪ଜି(୫ଜି ପ୍ରସ୍ତୁତ)ନେଟୱାର୍କର ଶୁଭାରମ୍ଭ ଆମର ଟେଲିକମ କ୍ଷେତ୍ରକୁ ଅଧିକ ମଜଭୂତ୍ କରିବ । ୯୦ କୋଟି ଟଙ୍କା ବ୍ୟୟରେ ରାଜ୍ୟର ୧୩୦ଟି ଉଚ୍ଚ ଶିକ୍ଷା ଅନୁଷ୍ଠାନରେ ୱାଇ-ଫାଇ ସୁବିଧା ଦ୍ୱାରା ୨.୫ ଲକ୍ଷରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଉପକୃତ ହେବେ । 'ଅନ୍ତ୍ୟୋଦୟ ଗୃହ ଯୋଜନା' ଅଧୀନରେ ୫୦ ହଜାର ଘର ନିର୍ମାଣ ନିମନ୍ତେ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ପତ୍ର ବିତରଣ ହୋଇଛି । ଗରିବଙ୍କୁ ସମ୍ମାନର ସହ ପକ୍କା ଘର ଯୋଗାଇଦେବା ଦିଗରେ ଆମ ସରକାର ବଦ୍ଧ ପରିକର । ଶିଳାନ୍ୟାସ ଓ ଶୁଭାରମ୍ଭ ହୋଇଥିବା ସମସ୍ତ ପ୍ରକଳ୍ପ ଓଡ଼ିଶାର ଭବିଷ୍ୟତକୁ ସୁଦୃଢ଼ କରିବା ସହ 'ସମୃଦ୍ଧ ଓଡ଼ିଶା' ଓ 'ବିକଶିତ ଓଡ଼ିଶା' ଗଠନରେ ବେଶ୍ ସହାୟକ ହେବ ବୋଲି ଶ୍ରୀ ପ୍ରଧାନ ଏକ୍ସରେ ଉଲ୍ଲେଖ କରିଛନ୍ତି ।

# ବିଶ୍ୱ ଦକ୍ଷତା କେନ୍ଦ୍ରଠାରେ ଉତ୍କର୍ଷ କେନ୍ଦ୍ର ଉଦଘାଟିତ



**ଭୁବନେଶ୍ୱର,୨୭।୯ (ମହାଭାରତ):** ଆଜି ଓଡ଼ିଶାର ଦକ୍ଷତା ବିକାଶ କ୍ଷେତ୍ରରେ ଏକ ଉଲ୍ଲେଖନୀୟ ଦିବସ। ବିଶ୍ୱ ଦକ୍ଷତା କେନ୍ଦ୍ରରୁ ୧୦୮୮ ଜଣ ଛାତ୍ରଛାତ୍ରୀ ପାଠ୍ୟକ୍ରମ ଶେଷ କରି ଉତ୍ତୀର୍ଣ୍ଣ ହେବା ନିଶ୍ଚିତ ଭାବରେ ଆମର ଦକ୍ଷତା ବିକାଶ କାର୍ଯ୍ୟକ୍ରମକୁ ଆଗେଇ ନେବେ ବୋଲି ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ପ୍ରକାଶ କରିଛନ୍ତି।

ଆଜି ୧୦୮୮ ଜଣ ଷଷ୍ଠ ବ୍ୟାଚ୍‌ର ଛାତ୍ରଛାତ୍ରୀ ଦୃଢ଼ ସଂକଳ୍ପ ଓ ଆତ୍ମବିଶ୍ୱାସର ସହ ଏକ ଉଜ୍ଜ୍ୱଳ ଭବିଷ୍ୟତ ନେଇ ଏଠାରୁ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେମାନେ ପରବର୍ତ୍ତୀ ପର୍ଯ୍ୟାୟରେ ଏବେ ପାଦ ରଖିବା ସହ ଏଠାରୁ ଶିକ୍ଷାଲାଭ କରିଥିବା ଦକ୍ଷତା ବିକାଶମୂଳକ ଶିକ୍ଷାକୁ ନିଜ ପାରଦର୍ଶିତାରେ ପରିଣତ କରି ନିଜର ଉପସ୍ଥିତି ଜାହିର କରିବେ ଏବଂ ଭବିଷ୍ୟତ ପିଢ଼ି ପାଇଁ ମାର୍ଗଦର୍ଶକ ସାବ୍ୟସ୍ତ ହେବେ ବୋଲି ମନ୍ତ୍ରୀ ଶ୍ରୀ ସ୍ୱାଇଁ ପ୍ରକାଶ କରିଛନ୍ତି।

ବିଶ୍ୱ ଦକ୍ଷତା କେନ୍ଦ୍ରଠାରେ ଫେଷ୍ଟୋ ସହଭାଗିତାରେ ସ୍ମାର୍ଟ ମାନୁଫ୍ୟାକଚରିଂ ଓ ସମିନେଡ଼୍‌ର ସହଭାଗିତାରେ ଇଣ୍ଡଷ୍ଟ୍ରିଆଲ ଅଟୋମେସନ୍ କେନ୍ଦ୍ର ପରି ଦୁଇଟି ଉତ୍କର୍ଷ କେନ୍ଦ୍ରକୁ ମନ୍ତ୍ରୀ ଶ୍ରୀ ସ୍ୱାଇଁ ଆଜି ଉଦ୍‌ଘାଟନ କରିଛନ୍ତି।

ଏହି ଅବସରରେ ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଲେ ଯେ ଏହି ବ୍ୟାଚ୍‌ର ୯୩ ପ୍ରତିଶତରୁ ଅଧିକ ଛାତ୍ରଛାତ୍ରୀ ସୁନାମଧନ୍ୟ କମ୍ପାନୀଗୁଡ଼ିକରେ ନିଯୁକ୍ତି ପାଇସାରିଛନ୍ତି । ତା' ମଧ୍ୟରୁ ୯୪ ଜଣ ଛାତ୍ର ୟୁଏଇରେ ଏମିରଲ୍ ଏବଂ ଜିନ୍ଦଲ ସ ଭଳି ପ୍ରମୁଖ କମ୍ପାନୀରେ ନିଯୁକ୍ତି ପାଇଛନ୍ତି । ବର୍ତ୍ତମାନ ବଡ଼ ବଡ଼ କର୍ପୋରେଟ ସଂସ୍ଥା ଜନ୍‌ସନ୍ ଲିଫଟ୍‌ସ୍, ରିଲାଏନ୍ସ ସୋଲାର, ଜିନ୍ଦଲ ଷ୍ଟିଲ, ଫୁଜିଟେକ୍, ଜେଏସ୍‌ଡବ୍ଲୁ, ଟାଟା ଷ୍ଟିଲ, ଟାଟା ଅଟୋକମ୍ପ, ଏୟାରଟେଲ, ଓ୍ୱିପ୍ରୋ ଏରୋସ୍ପେସ୍ ଭଳି କମ୍ପାନୀଗୁଡ଼ିକ ବିଶ୍ୱ ଦକ୍ଷତା କେନ୍ଦ୍ରରୁ ଉତ୍ତୀର୍ଣ୍ଣ ଛାତ୍ରଛାତ୍ରୀମାନଙ୍କୁ ନିଯୁକ୍ତି ଦେବାକୁ ଆଗ୍ରହ ପ୍ରକାଶ କରୁଛନ୍ତି। ସେହିପରି ଟାଟାର ଆଇଏଚ୍‌ଏଲ୍‌ସି, ଗ୍ରୀନ୍‌ଟ୍ରେଣ୍ଡ, ଭିଏଲ୍‌ସିସି, ଜାଓ୍ୱେଦ୍ ହବିବ୍, ମହିନ୍ଦ୍ରା ସ୍ୱସ୍ତି ଏବଂ ଅନ୍ୟାନ୍ୟ କମ୍ପାନୀଗୁଡ଼ିକ ସ୍କୁଲ ଅଫ୍ ସର୍ଭିସେସ୍‌ରୁ ଛାତ୍ରଛାତ୍ରୀଙ୍କୁ ନିଯୁକ୍ତି ଦେଉଛନ୍ତି ।

କିଛି ଛାତ୍ର ବାର୍ଷିକ ୫.୨୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ପ୍ୟାକେଜ୍ ପାଉଛନ୍ତି। ଯାହାକି ଏଠାରେ ପ୍ରଦାନ କରାଯାଉଥିବା ତାଲିମ୍‌ର ଗୁଣବତ୍ତା ଓ ଆମ ଯୁବପିଢ଼ିଙ୍କର ଦକ୍ଷତା ବିକାଶ ଉତ୍କର୍ଷର ପ୍ରତିଫଳନ। ଆଜି ଦୁଇଟି ନୂତନ ଉତ୍କର୍ଷ କେନ୍ଦ୍ର ଉଦ୍‌ଘାଟିତ ହେବା ପରେ ଏହି କେନ୍ଦ୍ରଗୁଡ଼ିକ ନିଶ୍ଚିତ ଭାବରେ ଛାତ୍ରଛାତ୍ରୀଙ୍କୁ ବିଶ୍ୱସ୍ତରୀୟ ମାନଦଣ୍ଡ ସହିତ ସମକକ୍ଷ କରି ତାଲିମ ପ୍ରଦାନ ସହ ଶିଳ୍ପର ଚାହିଦା ଅନୁଯାୟୀ ପ୍ରସ୍ତୁତ କରିବା ଓ ଏହା ସହ ସେମାନେ 'ସ୍କିଲଡ୍-ଇନ୍-ଓଡ଼ିଶା' ବ୍ରାଣ୍ଡକୁ ବିଶ୍ୱ ଦରବାରରେ ପହଂଚାଇବାରେ ଆମ୍ବାସାଡ଼ର ଭାବେ କାର୍ଯ୍ୟ କରିବେ। ଏହି ଅବସରରେ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର କମିଶନର ତଥା ଶାସନ ସଚିବ ଭୂପିନ୍ଦର ସିଂ ପୁନିଆ, ବିଶ୍ୱ ଦକ୍ଷତା କେନ୍ଦ୍ରର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ରଶ୍ମିତା ପଣ୍ଡା ଓ କର୍ପୋରେଟ୍ ଜଗତର ବରିଷ୍ଠ ପ୍ରତିନିଧିମାନେ ଉପସ୍ଥିତ ଥିଲେ।

# ଶିଶୁକନ୍ୟା ବଳାତ୍କାର ମାମଲାରେ ଆଜୀବନ କାରା ଦଣ୍ଡ

**ଭୁବନେଶ୍ୱର,୨୭।୯ (ମହାଭାରତ):** ଯାଜପୁର ଜିଲ୍ଲା ବରୀ-ରାମଚନ୍ଦ୍ରପୁର ଥାନା ଅଂଚଳରେ ଏକ ୮ ବର୍ଷର ଶିଶୁକନ୍ୟା ବଳାତ୍କାର ମାମଲାର ରାୟ ଶୁଣାଇଛନ୍ତି ଅତିରିକ୍ତ ଜିଲ୍ଲା ଦୌରା ଜଜ ତଥା ସ୍ୱତନ୍ତ୍ର ପୋକ୍ସୋ କୋର୍ଟ ର ବିଚାରପତି । ସମସ୍ତ ସାକ୍ଷ୍ୟ ଓ ପ୍ରମାଣକୁ ଭିତ୍ତି କରି ମାନ୍ୟବର କୋର୍ଟ ଅଭିଯୁକ୍ତ କାଳିଆ ଓରଫ ଅରକ୍ଷିତ ପରିଡା(୫୨) କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି । ଏଥିସହ ଅଭିଯୁକ୍ତଠାରୁ ୨ ଲକ୍ଷ ଟଙ୍କା ଜରିମାନା ଆଦାୟ ଲାଗି ମଧ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏହା ସହ ପୀଡ଼ିତାକୁ ୫ ଲକ୍ଷ ଟଙ୍କା ଅନୁକମ୍ପାମୂଳକ ସହାୟତା ରାଶି ଦେବାକୁ ଜିଲ୍ଲା ଆଇନସେବା ପ୍ରାଧିକରଣକୁ ମଧ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଅକ୍ଟୋବର ୨୩, ୨୦୨୪ ମସିହାରେ ନାବାଳିକା ଜଣକ ଖେଳି ସାରି ଘରକୁ ଫେରୁଥିବା ସମୟରେ ଏହି ଘଟଣା ଘଟିଥିଲା। ଅଭିଯୁକ୍ତ ଅରକ୍ଷିତ ନାବାଳିକାକୁ ପ୍ରଲୋଭିତ କରିବା ସହ ଏକ ନିକାଂଚନ ଜାଗାକୁ ଡାକିନେଇ ବଳାତ୍କାର କରିଥିଲା। ଏହା ସହ ଘଟଣା ସଂକ୍ରାନ୍ତରେ କାହାରିକୁ ନଜଣାଇବାକୁ ମଧ ତାଗିଦ କରିଥିଲା। ଗୁରୁତର ଅବସ୍ଥାରେ ପରିବାର ଲୋକେ ପ୍ରଥମେ ତାଙ୍କୁ ଚିକିତ୍ସା ନିମନ୍ତେ ସ୍ଥାନୀୟ ଡାକ୍ତରଖାନା ଏବଂ ପରବର୍ତ୍ତୀ ସମୟରେ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ନାବାଳିକା ଜଣକ ଘଟଣା ସଂକ୍ରାନ୍ତରେ ପରିବାର ଲୋକଙ୍କୁ କହିଥିଲେ। ସେହି ଅନୁଯାୟୀ, ବରୀ ରାମଚନ୍ଦ୍ରପୁର ଥାନାରେ ଅକ୍ଟୋବର ୨୪ , ୨୦୨୪ ରେ ପରିବାର ତରଫରୁ ଏତଲା ଦିଆଯାଇଥିଲା।

# ବ୍ୟାଙ୍କର ଅଧିକ ଶାଖା ସ୍ଥାପନ କରିବାକୁ ପ୍ରସ୍ତାବ

**ଭୁବନେଶ୍ୱର,୨୭।୯ (ମହାଭାରତ):** ରାଜ୍ୟ ମୁଖ୍ୟ ଶାସନ ସଚିବ ଗମନୋଜ ଆହୁଜାଙ୍କୁ ଶନିବାର ପଞ୍ଜାବ ଏବଂ ସିନ୍ଧ ବ୍ୟାଙ୍କର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ରବି ମେହେରା ସୌଜନ୍ୟମୂଳକ ସାକ୍ଷାତ କରିଥିଲେ। ଏହି ସାକ୍ଷାତ ସମୟରେ ଶ୍ରୀ ମେହରା ମୁଖ୍ୟ ଶାସନ ସଚିବକୁ ଓଡିଶାରେ ଏହି ବ୍ୟାଙ୍କର ରହିଥିବା ସଂପ୍ରସାରଣ ଯୋଜନା ବିଷୟରେ ଅବଗତ କରାଇଥିଲେ। ଶ୍ରୀ ମେହେରା ମୁଖ୍ୟ ଶାସନ ସଚିବଙ୍କୁ ଓଡ଼ିଶାରେ ପଞ୍ଜାବ ଓ ସିନ୍ଧ ବ୍ୟାଙ୍କ, ବ୍ୟାଙ୍କିଂ ସେବା ବୃଦ୍ଧି କରିବା ଲକ୍ଷ୍ୟ ରହିଥିବା ପ୍ରକାଶ କରି ଜଣାଇଥିଲେ ଯେ, ଓଡ଼ିଶାରେ ଏବେ ଏହି ବ୍ୟାଙ୍କର ବିଭିନ୍ନ ଜିଲ୍ଲାରେ ୩୦ଟି ଶାଖା କାର୍ଯ୍ୟକ୍ଷମ ରହିଛି ଏବଂ ୨୦୨୫-୨୬ ଆର୍ଥିକ ବର୍ଷରେ ରାଜ୍ୟରେ ଏକ କ୍ଷେତ୍ରୀୟ କାର୍ଯ୍ୟାଳୟ (ଜୋନାଲ ଅଫିସ) ସହିତ ଆହୁରି ୨୦ଟି ଶାଖା ଖୋଲାଯିବା ପାଇଁ ଯୋଜନା ରହିଛି। ସେ ଆହୁରି ମଧ କହିଥିଲେ ଯେ, ବ୍ୟାଙ୍କରନିର୍ଦ୍ଦେଶକ ମଣ୍ଡଳୀ ପରିଷଦ ଓଡ଼ିଶାର ଭୁବନେଶ୍ୱରରେ ଜୋନାଲ କାର୍ଯ୍ୟାଳୟ ସ୍ଥାପନ କରିବାକୁ ଅନୁମୋଦନ କରିଛନ୍ତି।

# ଡିସେମ୍ବରରେ ଓଡ଼ିଶା ପରିବେଶ କଂଗ୍ରେସ



**ଭୁବନେଶ୍ୱର,୨୭।୯ (ମହାଭାରତ):** ଚଳିତ ବର୍ଷ ଓଡ଼ିଶା ପରିବେଶ କଂଗ୍ରେସର ୧୬ତମ ଅଧିବେଶନ ଭୁବନେଶ୍ୱରସ୍ଥିତ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ହେବ। ଡିସେମ୍ବର ୨୦ ରୁ ୨୨ ତାରିଖ ପର୍ଯ୍ୟନ୍ତ ୩ ଦିନଧରି ଅନୁଷ୍ଠିତ ହେବାକୁ ଥିବା ଏହି ଅଧିବେଶନର ବିଷୟବସ୍ତୁ ରହିଛି ପରିବେଶ ଓ ନାରୀ। ଓଡ଼ିଶା ଓ ଓଡ଼ିଶା ବାହାରୁ ଅନେକ ଗବେଷକ ଓ ପରିବେଶବିତମାନେ ଏଥିରେ ଯୋଗଦେବେ।

ରମାଦେବୀ ମହିଳା ମହାବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ଡ ଚଣ୍ଡୀ ଚରଣ ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରଥମ ପ୍ରସ୍ତୁତି ବୈଠକରେ ଏହାର ପ୍ରାରମ୍ଭିକ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ବୈଠକରେ ଓଡ଼ିଶା ପରିବେଶ କଂଗ୍ରେସର କାର୍ଯ୍ୟକାରୀ ଅଧ୍ୟକ୍ଷ ଡ ଅରବିନ୍ଦ ବେହେରା, ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ପଦ୍ମଜା ମିଶ୍ର, ପରିବେଶ କଂଗ୍ରେସର ସାଙ୍ଗଠନିକ ସମ୍ପାଦକ ସୁଦର୍ଶନ ଦାସ, ଓଡ଼ିଶା ପରିବେଶ ସମିତିର କାର୍ଯ୍ୟକାରୀ ସଭାପତି ଡ ଜୟକୃଷ୍ଣ ପାଣିଗ୍ରାହୀ, କୋରାପୁଟ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ପୂର୍ବତନ ଭାରପ୍ରାପ୍ତ କୁଳପତି ପ୍ରଫେସର ଶରତ କୁମାର ପାଲିତ, ଡ ରିନା ରାଉତରାୟ, ଡ ମାନସ ବେହେରା, ଡ ଶିଶିରକାନ୍ତ ବେହେରା, ଡ ସେବା ମହାପାତ୍ର, ପ୍ରଫେସର ସସ୍ମିତା ମହାନ୍ତି, ଡ ରାଜେଶ ଯୋଶୀ, ଡ ମମତା ମହାନ୍ତି, ସଚ୍ଚିକାନ୍ତ ପ୍ରଧାନ, ଇ ବାଳମୁକୁନ୍ଦ ଦାସ, ମନୋଜ ବାରିକ ପ୍ରମୁଖ ବୈଠକରେ ଯୋଗଦେଇ ସମ୍ମିଳନୀର ସଫଳତା ପାଇଁ ଆଲୋଚନା କରିଥିଲେ।

# ଛାତ୍ରଛାତ୍ରୀଙ୍କ ମଧ୍ୟରେ ନବସୃଜନ ଜାଗ୍ରତ ହେଉ




**ଭୁବନେଶ୍ୱର,୨୭।୯ (ମହାଭାରତ):** କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମଙ୍ଗଳବାର ନୂଆଦିଲ୍ଲୀ ଠାରେ ସାରା ଦେଶର ସ୍କୁଲ ଛାତ୍ରଛାତ୍ରୀଙ୍କ ମଧ୍ୟରେ ନବସୃଜନକୁ ବଢ଼ାଇବା ଲକ୍ଷ୍ୟରେ 'ବିକଶିତ ଭାରତ ବିଲ୍ଡାଥନ ୨୦୨୫'ର ଶୁଭାରମ୍ଭ କରିଛନ୍ତି। ଏହାବ୍ୟତୀତ ଶ୍ରୀ ପ୍ରଧାନ ପୃଥକ କାର୍ଯ୍ୟକ୍ରମରେ ଭାରତର ନବସୃଜନ ଯାତ୍ରା ଉପରେ ନୀତି ଆୟୋଗର ଏକ ରିପୋର୍ଟ ଉନ୍ମୋଚନ କରିବା ସହ ଟ୍ରାଇ ସର୍ଭିସେସ୍ ଏକାଡେମି ଟେକ୍ନୋଲୋଜି ସିମ୍ପୋଜିୟମର ଉଦଯାପନୀ ସମାରୋହରେ ଯୋଗଦେଇଛନ୍ତି।

କେନ୍ଦ୍ରମନ୍ତ୍ରୀଙ୍କ କରକମଳରେ ଶୁଭାରମ୍ଭ ହୋଇଥିବା 'ବିକଶିତ ଭାରତ ବିଲ୍ଡାଥନ୍ - ୨୦୨୫' ଶିକ୍ଷା ମନ୍ତ୍ରଣାଳୟର ସ୍କୁଲ ଶିକ୍ଷା ଏବଂ ସାକ୍ଷରତା ବିଭାଗ ଦ୍ୱାରା ଅଟଳ ଇନୋଭେସନ ମିଶନ, ନୀତି ଆୟୋଗ ଏବଂ ଏଆଇସିଟିଇ ସହଯୋଗରେ ଆୟୋଜନ କରାଯାଉଛି। କାର୍ଯ୍ୟକ୍ରମରେ ଶ୍ରୀ ପ୍ରଧାନ ବିକଶିତ ଭାରତ ବିଲ୍ଡାଥନର ଜିଙ୍ଗଲ୍ ଏବଂ ଲୋଗୋର ମଧ ଶୁଭାରମ୍ଭ କରିଥିଲେ । ସେ କହିଛନ୍ତି, ବିକଶିତ ଭାରତ ବିଲ୍ଡାଥନ୍ ନାମକ ଏକ ବଡ଼ ସ୍କୁଲ ହାକାଥନ୍ ଆରମ୍ଭ କରାଯାଇଛି। ଏହାର ମୁଖ୍ୟ ଲକ୍ଷ୍ୟ ହେଉଛି ଛାତ୍ରଛାତ୍ରୀଙ୍କ ମଧ୍ୟରେ ନୂତନ ଚିନ୍ତାଧାରା ଏବଂ ଉତ୍ପାଦ ବିକାଶ କରିବାର କ୍ଷମତାକୁ ବଢ଼ାଇବା। ଏଥିରେ ଛାତ୍ରଛାତ୍ରୀମାନେ 'ଭୋକାଲ୍ ଫର୍ ଲୋକାଲ', 'ଆତ୍ମନିର୍ଭର ଭାରତ', 'ସ୍ୱଦେଶୀ' ଏବଂ 'ସମୃଦ୍ଧି' ପରି ଚାରୋଟି ବିଷୟବସ୍ତୁ ଉପରେ କାମ କରିବେ। ଏହି କାର୍ଯ୍ୟକ୍ରମ ଦେଶରେ ନୂଆ ଚିନ୍ତାଧାରାକୁ ପ୍ରୋତ୍ସାହିତ କରିବ ଏବଂ ଯୁବପିଢ଼ିଙ୍କୁ ଏକ ଉନ୍ନତ, ବିକଶିତ, ଓ ଆତ୍ମନିର୍ଭର ଭାରତ ଗଠନରେ ମୁଖ୍ୟ ଭୂମିକା ଗ୍ରହଣ କରିବା ପାଇଁ ପ୍ରସ୍ତୁତ କରିବ। ସେପଟ୍ଟେମ୍ବର ୨୩ରୁ ଅକ୍ଟୋବର ୬ ପର୍ଯ୍ୟନ୍ତ ଛାତ୍ରଛାତ୍ରୀମାନଙ୍କ ପାଇଁ ବିକଶିତ ଭାରତ ବିଲ୍ଡାଥନ୍ ପୋର୍ଟାଲ୍ ରେ ପଞ୍ଜିକରଣ କରିବା ପାଇଁ ଏକ ଓ୍ୱିଣ୍ଡୋ ରହିବ। ବିଭିନ୍ନ ତାରିଖ ଅନୁସାରେ ଅନ୍ୟାନ୍ୟ କାର୍ଯ୍ୟ ନିର୍ଦ୍ଧାରଣ ହୋଇଥିବା ବେଳେ ଏହି ବିଲ୍ଡାଥନ କାର୍ଯ୍ୟକ୍ରମ ଅକ୍ଟୋବର ୧୩ରୁ ଆରମ୍ଭ ହେବ। ଏହାର ଶେଷ ପର୍ଯ୍ୟାୟ ୨୦୨୬ ଜାନୁଆରୀରେ ଆୟୋଜନ ହୋଇ ଫଳାଫଳ ଘୋଷଣା ହେବ ଏବଂ ଶ୍ରେଷ୍ଠ ୧୦୦୦ରୁ ଅଧିକ ବିଜେତାଙ୍କୁ ସମ୍ବର୍ଦ୍ଧିତ କରାଯିବାର କାର୍ଯ୍ୟକ୍ରମ ରହିଛି।

ଆଉ ଏକ ପୃଥକ କାର୍ଯ୍ୟକ୍ରମରେ ଶ୍ରୀ ପ୍ରଧାନ କେନ୍ଦ୍ର ବିଜ୍ଞାନ, ପ୍ରଯୁକ୍ତିବିଦ୍ୟା ଓ ଭୂପୃଷ୍ଠ ବିଜ୍ଞାନ ମନ୍ତ୍ରୀ ଡକ୍ଟର ଜିତେନ୍ଦ୍ର ସିଂହ ଓ ନୀତି ଆୟୋଗର ସଦସ୍ୟ ଡକ୍ଟର ଭିକେ ସାରସ୍ୱତଙ୍କ ଉପସ୍ଥିତିରେ ଭାରତର ନବସୃଜନ ଯାତ୍ରା ଉପରେ ନୀତି ଆୟୋଗର ଏକ ରିପୋର୍ଟ ଉନ୍ମୋଚନ କରିଥିଲେ । ଏହି ରିପୋର୍ଟର ଶୀର୍ଷକ ହେଉଛି "ପଥୱେଜ୍ ଟୁ ପ୍ରୋଗ୍ରେସ – ଆନାଲିସିସ ଆଣ୍ଡ୍ ଇନସାଇଟ୍ସ ଇନଟୁ ଇଣ୍ଡିଆ ଇନୋଭସନ ଷ୍ଟୋରୀ" ଅର୍ଥାତ୍ 'ପ୍ରଗତିର ପଥ: ଭାରତର ନବସୃଜନ କାହାଣୀରେ ବିଶ୍ଳେଷଣ ଏବଂ ଅନ୍ତର୍ଦୃଷ୍ଟି' । ସେ କହିଛନ୍ତି, ଏହା କେବଳ ଏକ ରିପୋର୍ଟ ନୁହେଁ ବରଂ ଭାରତର ଅଭିବୃଦ୍ଧିର ଦର୍ପଣ। ୨୦୪୭ ସୁଦ୍ଧା ସମୃଦ୍ଧ ଏବଂ ବିକଶିତ ଭାରତର ଦୃଷ୍ଟିକୋଣ ହାସଲ କରିବା ପାଇଁ ଆମେ କିପରି ନବସୃଜନକୁ ବ୍ୟବହାର କରିବୁ ତାହାର ଏକ ରୋଡମ୍ୟାପ୍। ପ୍ରଧାନମନ୍ତ୍ରୀ ମୋଦୀଙ୍କ ନିରନ୍ତର ପ୍ରୋତ୍ସାହନ ଯୋଗୁଁ ଗତ ଦଶନ୍ଧିରେ ନବସୃଜନକୁ ପ୍ରାଥମିକତା ଦିଆଯାଉଛି। ଅନୁକୂଳ ନୀତି ଏବଂ ଆମର ଯୁବପିଢ଼ିଙ୍କ ନବସୃଜନ ଏବଂ ଉଦ୍ୟୋଗୀ ମନୋଭାବ ଯୋଗୁଁ ଦେଶରେ ଷ୍ଟାର୍ଟ-ଅପ୍ ବିପ୍ଳବ ଆରମ୍ଭ ହୋଇଛି ବୋଲି ସେ କହିଥିଲେ। ଶ୍ରୀ ପ୍ରଧାନ ଟ୍ରାଇ ସର୍ଭିସେସ୍ ଏକାଡେମି ଟେକ୍ନୋଲୋଜି ସିମ୍ପୋଜିୟମର ଉଦଯାପନୀ ସମାରୋହରେ ପ୍ରତିରକ୍ଷା ରାଷ୍ଟ୍ର ମନ୍ତ୍ରୀ ସଞ୍ଜୟ ସେଠଙ୍କ ସହ ଯୋଗଦେଇଥିଲେ । ସେ କହିଥିଲେ ଆମର ସଶସ୍ତ୍ର ବାହିନୀ ଆମର ଶିକ୍ଷାନୁଷ୍ଠାନ ଏବଂ ଛାତ୍ରଛାତ୍ରୀମାନଙ୍କ ଉପରେ ଅତୁଟ ଭରସା ରଖିଛନ୍ତି। ଆଧୁନିକ ଯୁଦ୍ଧର ପ୍ରମୁଖ ବାହକ ଭାବରେ ଏଆଇ, ଡ୍ରୋନ୍ ଏବଂ ସଠିକ୍ ଅସ୍ତ୍ରଶସ୍ତ୍ର ସହିତ ଆମର ସଶସ୍ତ୍ର ବାହିନୀ ଏବଂ ଶିକ୍ଷାନୁଷ୍ଠାନ ମଧ୍ୟରେ ସହଭାଗୀତା ଆହୁରି ଅତ୍ୟାବଶ୍ୟକ ହୋଇପଡିଛି। ଅପରେସନ ସିନ୍ଦୁର ; ଗବେଷଣା, ନବସୃଜନ ଏବଂ ଶିକ୍ଷାଗତ ଶକ୍ତି କିପରି ଯୁଦ୍ଧକ୍ଷେତ୍ରରେ ନିର୍ଣ୍ଣାୟକ ବିଜୟରେ ଯୋଗଦାନ ଦେଇପାରେ ତାହାର ଏକ ଶକ୍ତିଶାଳୀ ଉଦାହରଣ।

# ସ୍ୱଚ୍ଛୋତ୍ସବ ପାଳନ କରିବା ଲାଗି ୟୁଏଲ୍‌ବି ଗୁଡ଼ିକୁ ନିର୍ଦ୍ଦେଶ

**ଭୁବନେଶ୍ୱର,୨୭।୯ (ମହାଭାରତ):** ଓଡ଼ିଶା ସରକାରଙ୍କ ଗୃହନିର୍ମାଣ ଓ ନଗରଉନ୍ନୟନ ବିଭାଗ ସମସ୍ତ ସହରାଞ୍ଚଳ ସ୍ଥାନୀୟ ସଂସ୍ଥା (ୟୁଏଲବି) ମାନଙ୍କୁ ସ୍ୱଚ୍ଛୋତ୍ସବ ଭାବନା ସହିତ ସେପ୍ଟେମ୍ବର ୧୭ ରୁ ଅକ୍ଟୋବର ୨ ପର୍ଯ୍ୟନ୍ତ ପନ୍ଦର ଦିନ ଧରି ସ୍ୱଚ୍ଛତା ହି ସେବା ଅଭିଯାନକୁ ସକ୍ରିୟ ଭାବେ ପାଳନ କରିବାକୁ ନିର୍ଦ୍ଦେଶ ଦେଇଛି।

୨୦୧୭ରେ ଏହାର ଆରମ୍ଭ ପରଠାରୁ, ସ୍ୱଚ୍ଛତା ହି ସେବା ଏକ ଜନ ଆନ୍ଦୋଳନରେ ବିକଶିତ ହୋଇଛି, ଯାହା ଏକ ସ୍ୱଚ୍ଛ ଏବଂ ସ୍ଥାୟୀ ଭାରତର ଦୃଷ୍ଟିକୋଣ ଦିଗରେ ସ୍ୱେଚ୍ଛାକୃତତା ଏବଂ ସାମୂହିକ ନାଗରିକ କାର୍ଯ୍ୟକୁ ମଜବୁତ କରିଛି। ବର୍ଷ ବର୍ଷ ଧରି, ଏହି ଅଭିଯାନ ମାତ୍ରା ଏବଂ ପ୍ରଭାବରେ ବୃଦ୍ଧି ପାଇଛି, ଲକ୍ଷ ଲକ୍ଷ ନାଗରିକଙ୍କୁ ସେମାନଙ୍କ ଆଖପାଖରେ ସ୍ୱଚ୍ଛତା ପାଇଁ ସେମାନଙ୍କର ସମୟ ଏବଂ ପ୍ରୟାସ ଯୋଗଦାନ କରିବାକୁ ପ୍ରେରଣା ଦେଇଛି।

ଚଳିତ ବର୍ଷ, ଏହି ଅଭିଯାନ ୧୭ ସେପ୍ଟେମ୍ବର, ୨୦୨୫ ରେ ଦେଶବ୍ୟାପୀ ଆରମ୍ଭ ହେବ, ନାଗରିକ ଅଂଶଗ୍ରହଣକୁ ଉତ୍ସାହିତ କରିବା ପାଇଁ ଅନେକ କାର୍ଯ୍ୟକଳାପ ସହିତ। ଏହି ଅଭିଯାନର ମୁଖ୍ୟ ଆକର୍ଷଣ ହେବ ୨୫ ତାରିଖ ସକାଳ ୮ ଟାରେ 'ଏକ ଦିନ, ଏକ ଘଣ୍ଟା, ଏକ ସାଥ' କାର୍ଯ୍ୟକ୍ରମ, ଯେଉଁଥିରେ ସାରା ଦେଶର ନାଗରିକମାନେ ଏକ ଘଣ୍ଟାର ଶ୍ରମଦାନ ଉତ୍ସର୍ଗ କରିବେ, ଏହି ବାର୍ତ୍ତାକୁ ଦୋହରାଇବେ ଯେ ସ୍ୱଚ୍ଛତା ହେଉଛି ସମସ୍ତଙ୍କ ଦାୟିତ୍ୱ। ମହାତ୍ମା ଗାନ୍ଧୀଙ୍କ ଜୟନ୍ତୀ ଅବସରରେ ସ୍ୱଚ୍ଛ ଭାରତ ଦିବସ ଭାବେ ପାଳନ କରାଯାଉଥିବା ଏହି ଅଭିଯାନ ୨୦୨୫ ମସିହା ଅକ୍ଟୋବର ୨ ତାରିଖରେ ଶେଷ ହେବ।

ଏସ୍‌ଏଚ୍‌ଏସ୍.-୨୦୨୫ର ପ୍ରମୁଖ ଫୋକସ୍ କ୍ଷେତ୍ରଗୁଡ଼ିକ ହେଲା ସ୍ୱଚ୍ଛତା ଲକ୍ଷ୍ୟ ୟୁନିଟ୍ (ସିଟିୟୁ) ଗୁଡ଼ିକର ରୂପାନ୍ତରଣ, ୟୁଏଲ୍‌ବି ଗୁଡ଼ିକରେ କଠିନ ଏବଂ ଅପରିଷ୍କାର ସ୍ଥାନଗୁଡ଼ିକର ଚିହ୍ନଟ, ମ୍ୟାପିଂ ଏବଂ ସମୟବଦ୍ଧ ସଫେଇ। ସ୍ୱଚ୍ଛ ସାର୍ବଜନୀନ ସ୍ଥାନଃ ଅନୁଷ୍ଠାନ, ପ୍ରତିଷ୍ଠାନ, ବଜାର ଏବଂ ଅଧିକ ଭିଡ଼ ଥିବା ଅଞ୍ଚଳରେ ସ୍ୱଚ୍ଛତାର ଉଚ୍ଚ ମାନ ସୁନିଶ୍ଚିତ କରିବା। ସଫାଇମିତ୍ର ସୁରକ୍ଷା ଶିବିର, ସଫେଇ କର୍ମଚାରୀଙ୍କ ପାଇଁ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଆୟୋଜନ କରିବା ଏବଂ ସେମାନଙ୍କ ସୁରକ୍ଷା ଏବଂ ମର୍ଯ୍ୟାଦା ସୁନିଶ୍ଚିତ କରିବା ପାଇଁ ସେମାନଙ୍କୁ କଲ୍ୟାଣକାରୀ ଯୋଜନା ସହିତ ଯୋଡ଼ିବା। ସ୍ୱଚ୍ଛ ସବୁଜ ଉତ୍ସବ ପରିବେଶ ଅନୁକୂଳ ଅଭ୍ୟାସ, ବର୍ଜ୍ୟବସ୍ତୁ ପୃଥକୀକରଣ ଏବଂ ପର୍ବପର୍ବାଣୀ ଏବଂ ସର୍ବସାଧାରଣ ସମାବେଶରେ ଶୂନ୍ୟ-ବର୍ଜ୍ୟ ଉତ୍ସବକୁ ପ୍ରୋତ୍ସାହିତ କରିବା। ନାଗରିକ ଯୋଗଦାନ ବର୍ଜ୍ୟରୁ କଳା ପଦକ୍ଷେପ ଉପରେ ଅଭିଯାନ, ସ୍ୱଚ୍ଛ ପଥ ଖାଦ୍ୟ ଅଭିଯାନ, ଏବଂ ବୃତ୍ତାକାର ଅର୍ଥବ୍ୟବସ୍ଥା ଅଭ୍ୟାସକୁ ପ୍ରୋତ୍ସାହିତ କରିବା ପାଇଁ ଆରଆରଆର (ହ୍ରାସ, ପୁନଃବ୍ୟବହାର, ପୁନଃଚକ୍ରଣ) କେନ୍ଦ୍ରଗୁଡ଼ିକର ପ୍ରୋତ୍ସାହନ।

# ନୂଆପଡ଼ାର ସାମଗ୍ରିକ ଉନ୍ନତି ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ

**ଭୁବନେଶ୍ୱର,୨୭।୯ (ମହାଭାରତ):** ନୂଆପଡ଼ା ଏକ ସମ୍ଭାବନା ଜିଲ୍ଲା। ଏଠାରେ କୃଷିଠାରୁ ଆରମ୍ଭ କରି ଶିଳ୍ପ ପର୍ଯ୍ୟନ୍ତ ସବୁକ୍ଷେତ୍ରରେ ଅପାର ସମ୍ଭାବନା ରହିଛି। ଏହି ଜିଲ୍ଲାରେ କୃଷିର ସୁବିଧାପାଇଁ ଜଳସେଚନ ବ୍ୟବସ୍ଥା ତ୍ୱରାନ୍ୱିତ କରିବାକୁ ପ୍ରକ୍ରିୟା ଆରମ୍ଭ ହୋଇଛି। କୃଷିଭିତିକ ଶିଳ୍ପ ପ୍ରତିଷ୍ଠା, ପ୍ରୋସେସିଂ ୟୁନିଟ୍, ଶୀତଳଭଣ୍ଡାର ଆଦି ଖୋଲିବା ପାଇଁ ବ୍ୟବସ୍ଥା କରାଯାଇଛି । ଏଠାରେ କିପରି ମାଛ ଚାଷ ଓ ପର୍ଯ୍ୟଟନ ଶିଳ୍ପର ବିକାଶ ହୋଇପାରିବ ସେନେଇ ବିଚାରବିମର୍ଶ ଚାଲିଛି। ନୂଆପଡ଼ାରେ କେଉଁ ଶିଳ୍ପ ପ୍ରତଷ୍ଠା ହୋଇପାରିବ ସେନେଇ ସର୍ଭେ କାର୍ଯ୍ୟ ଆରମ୍ଭ ହୋଇଗଲାଣି। ଏହି ଜିଲ୍ଲାର ସାମଗ୍ରିକ ଉନ୍ନତି ପାଇଁ ବିଜେପି ସରକାର ପ୍ରତିଶ୍ରୁତିବଦ୍ଧ। ସରକାରଙ୍କ ବିକାଶମୂଳକ କାର୍ଯ୍ୟ ଉପରେ ନୂଆପଡ଼ାବାସୀଙ୍କ ଆଶା ଓ ବିଶ୍ୱାସ ବଢ଼ିବାରେ ଲାଗିଛି। ଆଗମୀ ଦିନରେ ନୂଆପଡ଼ାର ବିକାଶ ପାଇଁ ସମସ୍ତଙ୍କୁ ମିଳିତ ଭାବେ ପ୍ରୟାସ କରିବାକୁ ପଡ଼ିବ ବୋଲି ବିଜେପି ରାଜ୍ୟ ସଭାପତି ଭାବେ ପୁନର୍ବାର ଦାୟିତ୍ୱ ଗହଣ କରିବା ପରେ ନୂଆପଡ଼ା ଗସ୍ତରେ ଆସି ମନମୋହନ ସାମଲ କହିଛନ୍ତି। ଶ୍ରୀ ସାମଲ କହଛନ୍ତି ଯେ, ରାଜ୍ୟରେ ବିଜେପି ଏକାକୀ ସରକାର ଗଠନ କରିବା ପରେ ବିକଶିତ ଓଡ଼ିଶା ଗଢ଼ିବା ପାଇଁ ଗୋଟିଏ ପରେ ଗୋଟିଏ ଯୋଜନା କରି ଚାଲିଛନ୍ତି। ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦି ଯାହା କୁହନ୍ତି ତାହା କରନ୍ତି। ଦୀର୍ଘ ୧୧ବର୍ଷ ଧରି ପ୍ରଧାନମନ୍ତ୍ରୀ ମୋଦିଙ୍କ ନେତୃତ୍ୱରେ ଭାରତ ବିଶ୍ୱର ଚତୁର୍ଥ ବୃହତମ ଅର୍ଥନୀତି ହୋଇପାରିଛି। ଗରୀବ କଲ୍ୟାଣ ଯୋଜନା ଦ୍ୱାରା କୋଟି କୋଟି ପରିବାରଙ୍କର ଜୀବନର ମାନ ପରିବର୍ତିତ ହୋଇଛି। ଚାଷୀମାନଙ୍କ ରୋଜଗାର ବୃଦ୍ଧି ହୋଇଛି। ୮୦କୋଟି ଲୋକଙ୍କୁ ଖାଦ୍ୟ ସୁରକ୍ଷା ଯୋଜନାରେ ମାଗଣାରେ ରାସନ ଯୋଗାଣ, ୫୦କୋଟି ନାଗରିକଙ୍କୁ ଆୟୁଷ୍ମାନ ଭାରତ ଯୋଜନାରେ ସ୍ୱାସ୍ଥ୍ୟ ସୁରକ୍ଷା ଯୋଗାଇ ଦିଆଯାଇଛି। କୋଟି କୋଟି ପରିବାର ଉଜ୍ଜ୍ୱଳା ଯୋଜନାରେ ରୋଷେଇ ଗ୍ୟାସ ଓ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ଲାଭ ପାଇପାରିଛନ୍ତି। କୋଭିଡ୍ ମହାମାରୀ ପରେ ସମଗ୍ର ବିଶ୍ୱରେ ଭାରତ ସବୁଠାରୁ ଦ୍ରୁତ ଗତିରେ ନିଜର ଅର୍ଥନୀତିକୁ ସଜାଡିବାରେ ସମର୍ଥ ହୋଇଛି । ଜିଏସଟିରେ ସୁଧାର କରାଯାଇ ଗରିବ, ନିମ୍ନ ମଧବିତ, ମଧବିତ ବର୍ଗଙ୍କ ପାଇଁ ଐତିହାସିକ ପଦକ୍ଷେପ ନିଆଯାଇଛି। ଏହାଦ୍ୱାରା ଦୈନନ୍ଦିନ, ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀର ଦର ହ୍ରାସ ପାଇବା କାରଣରୁ ଗରିବ, ମଧବିତ ପରିବାରର ଖର୍ଚ୍ଚ ମଧ ହ୍ରାସ ପାଇବ। ଓଡ଼ିଶାରେ ବିଜେପି ସରକାର ଗଠନ କରିବାର ମାତ୍ର ୨୪ ଘଂଟା ମଧ୍ୟରେ ପୁରୀ ଶ୍ରୀମନ୍ଦିରର ୪ ଦ୍ୱାରା ଖୋଲି ଦିଆଗଲା । ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ରତ୍ନଭଣ୍ଡାର ଖୋଲାଯାଇ ମରାମତି କାର୍ଯ୍ୟ ଶେଷ କରଗଲା । ଧାନ କୁଇଂଟାଲ ପିଛା ସହାୟକ ମୂଲ୍ୟ ବୃଦ୍ଧି କରି ଚାଷୀଙ୍କ ଆୟ ଦୁଇଗୁଣିତ କରିବାରେ ସହାୟତା କରାଗଲା । ରାଜ୍ୟର ମା' ଓ ଭଉଣୀମାନଙ୍କୁ ସୁଭଦ୍ରା ଯୋଜନାରେ ୫୦ହଜାର ଟଙ୍କା ଦେବାକୁ ବ୍ୟବସ୍ଥା କରାଗଲା । ଲକ୍ଷପତି ଦିଦି ଯୋଜନାରେ ଓଡ଼ିଶାର ମା' ଭଉଣୀମାନେ ଏବେ ୧ ନମ୍ବର ହେଲେଣି । ୮୦ ବର୍ଷରୁ ଉର୍ଦ୍ଧ୍ୱ ବୃଦ୍ଧାବୃଦ୍ଧ ଓ ଭିନ୍ନକ୍ଷମଙ୍କ ପାଇଁ ସ୍ୱାସ୍ଥ୍ୟବୀମା ସହ ୩୫୦୦ଟଙ୍କା ଭତା ପ୍ରଦାନ କରିବାର ପ୍ରତିଶ୍ରୁତି ପୂରଣ କରିଛି । ସବୁ ଗ୍ରାମରେ ପକ୍କା ସଡ଼କ କରିବା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଯାଇଛି । ୭୫ ହଜାର କିଲୋମିଟର ରାସ୍ତା ଗଢ଼ିବା ପାଇଁ ଯୋଜନା ପ୍ରସ୍ତୁତ କରାଯାଇଛି । ୧୫ ଲକ୍ଷ ହେକ୍ଟର ଜମିରେ ଜଳସେଚନ କରିବା ପାଇଁ ବ୍ୟବସ୍ଥା କରାଯାଇଛି ।

# ଗ୍ରାଣ୍ଡ ସପ୍ସି ମେଳା ଉତ୍ସବ

**ଭୁବନେଶ୍ୱର,୨୭।୯ (ମହାଭାରତ):** ସାରା ଦେଶରେ ପରିବାର ଉତ୍ସବ ଋତୁ ପାଇଁ ପ୍ରସ୍ତୁତ ହେଉଥିବାବେଳେ ଫ୍ଲିପକାର୍ଟ ଦ୍ୱାରା ସପ୍ସି ଏହାର ଗ୍ରାଣ୍ଡ ସପସି ମେଳାରେ ମୂଲ୍ୟ-ଚାଳିତ ସପିଂ ରେ ଏକ ଦୃଢ ବୃଦ୍ଧି ସହିତ ଉତ୍ସବ ପାଇଁ ସ୍ୱର ସ୍ଥିର କରିଛି । ୭୦% ରୁ ଅଧିକ ଆପ୍ ଇନଷ୍ଟଲ୍ ଏବଂ ଟାୟାର ୩ ଏବଂ ୪+ ସହରରୁ ଆସୁଥିବା ଅର୍ଡର ସହିତ, ଏହି କାର୍ଯ୍ୟକ୍ରମ ସୁଲଭ ଏବଂ ଗୁଣାତ୍ମକ ଉତ୍ପାଦ ପାଇଁ ଭାରତର ବଢୁଥିବା କ୍ଷୁଧାକୁ ପୁନଃ ନିଶ୍ଚିତ କରିଛି। ମିଲେନିଆଲ୍ ଏବଂ ଜେନ୍ ଜେଡ୍, ବିଶେଷ ଭାବରେ, ଘରୋଇ ସାମଗ୍ରୀ, ପୁରୁଷଙ୍କ ଫ୍ୟାଶନ୍ ଏବଂ ଜୋତାରେ ଅଭିବୃଦ୍ଧି ଘଟାଇଥିଲେ । ବିକ୍ରୟ ଅବଧିରେ ପୁନରାବୃତ୍ତି କ୍ରେତାଙ୍କ ସଂଖ୍ୟାରେ ୪୪% ବୃଦ୍ଧି ଘଟିଥିବା ସପ୍ସି ମଧ ରିପୋର୍ଟ କରିଛି। ଫ୍ଲିପକାର୍ଟର ସପ୍ସି ଏବଂ ଫ୍ଲିପକାର୍ଟ ମାର୍କେଟପ୍ଲେସର ଭାଇସ୍ ପ୍ରେସିଡେଟ୍ କପିଲ ଥିରାନି କହିଛନ୍ତି, 'ଗ୍ରାଣ୍ଡ ସପ୍ସି ମେଳା ସହିତ ଆମେ ଆମର ଗ୍ରାହକ ଏବଂ ବିକ୍ରେତାମାନଙ୍କୁ ପାର୍ବଣ ଋତୁରେ ଶୀଘ୍ର ପ୍ରବେଶ କରିବାକୁ ଲକ୍ଷ୍ୟ ରଖିଛୁ । ଏହି ବର୍ଷର ପ୍ରତିକ୍ରିୟା ସପସି ପାଇଁ ଏକ ନୂତନ ମାନଦଣ୍ଡ ସ୍ଥିର କରିଛି, ଯାହା ଅର୍ଥର ମୂଲ୍ୟ ପ୍ରଦାନ କରିବା, ଏକ ବ୍ୟାପକ ଗୁଣାତ୍ମକ ଚୟନ ଏବଂ ସ୍ଥାନୀୟ ବିକ୍ରେତାମାନଙ୍କ ପାଇଁ ଡିଜିଟାଲ୍ ଆକ୍ସେସ୍ ବିସ୍ତାର କରିବା ଉପରେ ଆମର ନିରନ୍ତର ଧ୍ୟାନକୁ ପ୍ରତିଫଳିତ କରେ । ମୂଳ ବର୍ଗରେ ଦୁଇ ଅଙ୍କ ବିଶିଷ୍ଟ ଅଭିବୃଦ୍ଧି ଏବଂ ପୂର୍ବରୁ ଅପହଂଚ ସହରଗୁଡ଼ିକରେ ରେକର୍ଡ ପହଂଚିବା ଦ୍ୱାରା ଆମେ ଆନନ୍ଦିତ ।

# ନେସଲେ ଇଣ୍ଡିଆ ଗ୍ରାହକମାନଙ୍କ ପାଇଁ ଜିଏସଟି ହାର ହ୍ରାସ

**ଭୁବନେଶ୍ୱର,୨୭।୯ (ମହାଭାରତ):** ନେସଲେ ଇଣ୍ଡିଆ ଭାରତ ସରକାରଙ୍କ ଦ୍ୱାରା ଘୋଷିତ ସାମଗ୍ରୀ ଏବଂ ସେବା କର (ଜିଏସଟି) ହାରରେ ସମ୍ପ୍ରତି ସଂଶୋଧନକୁ ସ୍ୱାଗତ କରୁଛି। ଏହା ସେପ୍ଟେମ୍ବର ୨୨, ୨୦୨୫ ଠାରୁ ଗ୍ରାହକମାନଙ୍କୁ ସିଧାସଳଖ ଲାଭ ପ୍ରଦାନ କରିବ। ଏହି ଅବସରରେ ନେସଲେ ଇଣ୍ଡିଆର ଅଧ୍ୟକ୍ଷ ଏବଂ ପରିଚାଳନା ନିର୍ଦ୍ଦେଶକ ମନୀଷ ତିଓ୍ୱାରୀ କହିଲେ, ଜିଏସଟି ହାର ହ୍ରାସ ଭାରତର ଗ୍ରାହକମାନଙ୍କ ପାଇଁ ଏକ ସକାରାତ୍ମକ ପଦକ୍ଷେପ, କାରଣ ଏହା ବ୍ୟବହାରକୁ ଉତ୍ସାହିତ କରିବ ଏବଂ ଅର୍ଥନୀତିର ସାମଗ୍ରିକ ଅଭିବୃଦ୍ଧିରେ ଯୋଗଦାନ ଦେବ। ନେସଲେ ୧୧୩ ବର୍ଷରୁ ଅଧିକ ସମୟ ଧରି ଭାରତର ଏକ ଅବିଚ୍ଛେଦ୍ୟ ଅଂଶ ହୋଇ ରହିଛି ଏବଂ ଗ୍ରାହକମାନେ ଆମ ବ୍ୟବସାୟର କେନ୍ଦ୍ରରେ ଅଛନ୍ତି। ଆମେ ସମସ୍ତ ପ୍ରକାରେ ଗ୍ରାହକମାନଙ୍କୁ ସେବା ଯୋଗାଇବା ପାଇଁ ପ୍ରତିବଦ୍ଧ ଅଟୁ। ସ୍ୱଚ୍ଛତା ସୁନିଶ୍ଚିତ କରିବା ପାଇଁ, ନେସଲେ ଇଣ୍ଡିଆ ଜାତୀୟ ଏବଂ ଆଂଚଳିକ ସମ୍ବାଦପତ୍ରରେ ଘୋଷଣା ମାଧ୍ୟମରେ ଲାଭଗୁଡ଼ିକୁ ଜଣାଇଛି। ଏହି ପରିବର୍ତ୍ତନଗୁଡ଼ିକ ପାଇକାରୀ, ବିତରକ ଏବଂ ଖୁଚୁରା ବ୍ୟବସାୟୀଙ୍କୁ ମଧ ଜଣାଇ ଦିଆଯାଇଛି।

# କାଇନେଟିକ୍ ଗ୍ରୀନ ଅନାବରଣ କରିଛି ଇ-ଲୁନା ପ୍ରାଇମ

**ଭୁବନେଶ୍ୱର,୨୭।୯ (ମହାଭାରତ):** କାଇନେଟିକ୍ ଗ୍ରୀନ ଏନର୍ଜି ଏବଂ ପାଓ୍ୱାର ସଲ୍ୟୁସନ ଲିମିଟେଡ଼, ଯାହାକି ଭାରତର ଅଗ୍ରଣୀ ପ୍ରମୁଖ ପ୍ରିମିୟର ବୈଦ୍ୟୁତିକ ଦୁଇ ଏବଂ ତିନିଚକିଆ ଯାନର ନିର୍ମାଣକାରୀ ପ୍ରତିଷ୍ଠାନ, ଆଜି ଏହାର ଇ ଲୁନା ପ୍ରାଇମ ଶୁଭାରମ୍ଭର ଘୋଷଣା କରିଛି, ଏକ ଉଦ୍ଦେଶ୍ୟ ପ୍ରଣୋଦିତ - ବୈଦ୍ୟୁତିକ ମୋବିଲିଟି ସମାଧାନ ନିମନ୍ତେ ପ୍ରସ୍ତୁତ ବିଶେଷ କରି ଭାରତର ବିରାଟ ଯାତ୍ରୀମାନଙ୍କ ପାଇଁ ଉଦ୍ଦିଷ୍ଟ ଏକ ସେଗମେଂଟ। ଇ ଲୁନା ପ୍ରାଇମ ଏକ ସଫଳତାକାରୀ ସମାଧାନ ଯାହାକି ଜ୍ଞାନ-କୌଶଳ ଯୁକ୍ତ ବୈଦ୍ୟୁତିକ ଯାନ ବୈଷୟିକ ପରିଚାଳନାକୁ ପ୍ରତିନିଧିତ୍ୱ କରୁଛି ସିଧାସଳଖ ଭାବରେ ଆଶାବାଦୀ ଲକ୍ଷ ଲକ୍ଷ ଧାରାରେ କାମ କରୁନଥିବା ଆକାଂକ୍ଷିତ ତଥାପି ସୁଲଭକାରୀ ମାନଙ୍କୁ ଠିକଣା ପ୍ରଦାନ କରିପାରିଛି ବାସ୍ତବ ତଥାପି ଏହାର ପାଓ୍ୱାର ପ୍ୟାକକୁ ନେଇ ଯାହାକି ଉଭୟ ସହର ଏବଂ ଗ୍ରାମାଂଚଳ ପରିବେଶ ପାଇଁ ଯଥାର୍ଥରେ ବ୍ୟବହାର ଯୋଗ୍ୟ ଏବଂ ନିର୍ଭରଯୋଗ୍ୟ ବ୍ୟକ୍ତିଗତ ପରିବହନକାରୀ ଅଟେ। ଆଇକନିକ୍ ବ୍ରାଣ୍ଡ ଭାବରେ ସେହି ବିରଳ ବଂଶାନୁକ୍ରମିକ ସଫଳତାକୁ ନେଇ ପ୍ରତିଷ୍ଠିତ ଏହି ଇ ଲୁନା ଯାହାକି ମାତ୍ର କିଛି ମାସ ପୂର୍ବରୁ ଶୁଭାରମ୍ଭ ହୋଇଥିଲା ୨୫,୦୦୦ ୟୁନିଟରୁ ଅଧିକ ବିକ୍ରୟ ହୋଇସାରିଲାଣି। କାଇନେଟିକ୍ ଗ୍ରୀନ ଭାରତର ବିଶାଳ ପ୍ରବେଶ-ସ୍ତରୀୟ ଯାତ୍ରୀ ମୋଟରସାଇକେଲ ସେଗମେଂଟ ପାଇଁ ଚ଼ଟାଣ ପ୍ରସ୍ତୁତ କରିବା ସହିତ ଇ ଲୁନାର ଏହି ଶୁଭାରମ୍ଭ ଗ୍ରାହକ ସେଗମେଂଟର ଏହି ସମାଧାନ ଦିଗରେ ଯଥାର୍ଥ ପାରମ୍ପରିକତାର ଛାପ ପ୍ରଦାନ କରିପାରିଛି। ଭାରତର ଅଭିବୃଦ୍ଧି କାହାଣୀକୁ ଏକ ବାସ୍ତବ ସ୍ଥାନରେ ଅବସ୍ଥାପିତ କରିବା ପାଇଁ, ଇ-ଲୁନା ପ୍ରାଇମର ଲକ୍ଷ୍ୟ ସେହି ଜନସଂଖ୍ୟାଙ୍କ ପାଖରେ ପହଂଚ଼ିବା ପାଇଁ ଯେଉଁମାନେ କି ଏ ପର୍ଯ୍ୟନ୍ତ କୌଣସି ଦୁଇଚ଼କିଆର ମାଲିକାନା ପ୍ରାପ୍ତ ହୋଇ ନାହାନ୍ତି ତଥା ସମଗ୍ର ପାଖାପାଖି ୭୫ କୋଟି ଭାରତୀୟ ଯେ କି ଏହି ବ୍ୟକ୍ତିଗତ ପରିବହନକାରୀତା ପାଇଁ ଏହାକୁ ଲୋକାଭିମୁଖୀ କରାଇବାକୁ ଚାହୁଁଛନ୍ତି।

# ନେକ୍ସସ ଏସପ୍ଲାନେଡ୍‌ରେ ଦଶହରା ଉତ୍ସବ

**ଭୁବନେଶ୍ୱର,୨୭।୯ (ମହାଭାରତ):** ଏହି ପାର୍ବଣ ଋତୁରେ, ନେକ୍ସସ ଏସପ୍ଲାନେଡ୍ ଭବ୍ୟତା, ଉତ୍ସାହ ଏବଂ ଅବିସ୍ମରଣୀୟ ଅନୁଭୂତି ସହିତ ଦଶହରାର ଜୀବନ୍ତ ଆବେଗକୁ ଆରମ୍ଭ କରିବାକୁ ପ୍ରସ୍ତୁତ । ୨୩ ସେପ୍ଟେମ୍ବର - ୨ ଅକ୍ଟୋବର ୨୦୨୫ ପର୍ଯ୍ୟନ୍ତ, ମଲ୍ ଉତ୍ସବର ଏକ ହବ୍ ରେ ପରିଣତ ହେବ, ଯାହା ପରିଦର୍ଶକମାନଙ୍କୁ ସପିଂ, ମନୋରଞ୍ଜନ ଏବଂ ସାଂସ୍କୃତିକ ଉତ୍ସବର ଏକ ଉପଯୁକ୍ତ ମିଶ୍ରଣ ପ୍ରଦାନ କରିବ । ଏହି ଉତ୍ସବରେ ଦାଣ୍ଡିଆ ନାଇଟ୍ସ, ଲାଇଭ୍ ବ୍ୟାଣ୍ଡ ପ୍ରଦର୍ଶନ, ସୁମଧୁର ସଙ୍ଗୀତ ପ୍ରଦର୍ଶନ ଏବଂ ଗୀତ ଅଭିନୟ ପ୍ରଦର୍ଶିତ ହେବ, ଯାହା ପରିବାର ଏବଂ ବନ୍ଧୁମାନଙ୍କ ପାଇଁ ଏକାଠି ହୋଇ ଉତ୍ସବ ପାଳନ କରିବା ପାଇଁ ଏକ ଜୀବନ୍ତ ଏବଂ ଆନନ୍ଦଦାୟକ ବାତାବରଣ ସୃଷ୍ଟି କରିବ । ଉତ୍ସବର ଆନନ୍ଦକୁ ଯୋଡି ନେକ୍ସସ ଏସପ୍ଲାନେଡ୍ ଏକ 'ସପ୍ ଆଣ୍ଡ ୱିନ୍' ଅଭିଯାନ ସହିତ ଏକ ଆକ୍ଟିଭିଟି ଜୋନ୍ ମଧ ଆୟୋଜନ କରିବ, ଯାହା ଗ୍ରାହକମାନଙ୍କୁ ମଲ୍ ର ଅଗ୍ରଣୀ ବ୍ରାଣ୍ଡରେ କରାଯାଇଥିବା ପ୍ରତ୍ୟେକ କ୍ରୟ ସହିତ ସ୍ୱତନ୍ତ୍ର ବ୍ରାଣ୍ଡ ଭାଉଚର ଏବଂ ଆକର୍ଷଣୀୟ ପୁରସ୍କାର ଜିତିବାର ସୁଯୋଗ ଦେବ । ଗୋଟିଏ ଛାତ ତଳେ ସପିଂ, ମନୋରଞ୍ଜନ ଏବଂ ସଂସ୍କୃତି ସହିତ, ନେକ୍ସସ ଏସପ୍ଲାନେଡ୍ ଏହି ଦଶହରାର ଚରମ ଉତ୍ସବ ଗନ୍ତବ୍ୟସ୍ଥଳ ହେବାକୁ ପ୍ରତିଶୃତି ଦେଇଛି, ଯାହା ଅତିଥିମାନଙ୍କୁ ସେମାନଙ୍କ ପ୍ରିୟଜନଙ୍କ ସହିତ ଅବିସ୍ମରଣୀୟ ସ୍ମୃତି ସୃଷ୍ଟି କରିବାର ସୁଯୋଗ ପ୍ରଦାନ କରେ ।

# ଆଣ୍ଟିବାୟୋଟିକ୍ ଔଷଧ ସେବନ

ସ୍ୱାସ୍ଥ୍ୟ ସେବା ମହାନିର୍ଦ୍ଦେଶକ (ଡିଜିଏଚ୍ଏସ୍) ଅତୁଲ ଗୋଏଲ ନିର୍ଦ୍ଦେଶ ଜାରି କରିଛନ୍ତି। ନିର୍ଦ୍ଦେଶନାମାରେ କୁହାଯାଇଛି ଯେ, ଡାକ୍ତରମାନେ ରୋଗୀଙ୍କ ପାଇଁ ଏଭଳି ଔଷଧ ଲେଖିବା ବେଳେ ଏହି ଔଷଧର ସଙ୍କେତ, କାରଣ ଓ ଔଷଧ ଲେଖିବାର ଔଚିତ୍ୟ ସମ୍ପର୍କରେ ରୋଗୀଙ୍କୁ ସୂଚନା ଦେବା ଆବଶ୍ୟକ। କାରଣ ହେଉଛି ଅଧିକ ମାତ୍ରାରେ ଆଣ୍ଟିବାୟୋଟିକ୍ ଔଷଧ ସେବନ ଶରୀର ପାଇଁ କ୍ଷତିକାରକ ସାବ୍ୟସ୍ତ ହୋଇଥାଏ। ଅଧିକ ମାତ୍ରାରେ ଏହାର ସେବନ ଶରୀର ମଧ୍ୟରେ ରୋଗ ପ୍ରତିରୋଧକ କ୍ଷମତାକୁ ପ୍ରଭାବିତ କରିଥାଏ, ଯାହା ଫଳରେ ରୋଗୀକୁ ଦିଆଯାଉଥିବା ଅନ୍ୟ ଔଷଧ ମଧ୍ୟ ଠିକ୍ ଭାବେ କାମ କରିନଥାଏ। ଏହାର ଅଧିକ ମାତ୍ରାରେ ସେବନ ସଂକ୍ରମଣ ସୃଷ୍ଟି କରୁଥିବା ବ୍ୟାକ୍ଟେରିଆ ସୃଷ୍ଟି କରିଥାଏ ବୋଲି ମଧ୍ୟ ଗବେଷଣାରୁ ଜଣାପଡ଼ିଛି। ଏଥିପାଇଁ ସ୍ୱାସ୍ଥ୍ୟ ସେବା ମହାନିର୍ଦ୍ଦେଶକ ଏଭଳି ଔଷଧର ବିବେକପୂର୍ଣ୍ଣ ଉପଯୋଗ ସୁନିଶ୍ଚିତ କରିବା ପାଇଁ ଡାକ୍ତରମାନଙ୍କୁ ପରାମର୍ଶ ଦେଇଛନ୍ତି। ଏହି ଔଷଧ ମଧ୍ୟରେ ରହିଛି ଆଣ୍ଟିବାୟୋଟିକ୍, ଆଣ୍ଟି ଭାଇରାଲ୍, ଆଣ୍ଟି ଫଙ୍ଗଲ ଏବଂ ଆଣ୍ଟି ପାରାସିଟିକ୍ସ ଔଷଧ। ଏଭଳି ଔଷଧର ବ୍ୟବହାରକୁ କମ୍ କରାନଗଲେ ଭବିଷ୍ୟତରେ ସଂକ୍ରମଣକୁ ରୋକିବା ଅସମ୍ଭବ ହୋଇପଡ଼ିବ। ବିକାଶଶୀଳ ଦେଶଗୁଡ଼ିକରେ ଏଭଳି ଔଷଧର ବ୍ୟବହାର ଅଧିକ ହୋଇଥିବାରୁ ଏହାର ଗମ୍ଭୀର ପରିଣାମ ମଧ୍ୟ ଦେଖିବାକୁ ମିଳୁଛି। ବିକାଶଶୀଳ ଦେଶ ଗୁଡ଼ିକରେ ସଂକ୍ରମଣ ହାର ମଧ୍ୟ ଅଧିକ ଦେଖାଯାଇଥାଏ। ଏହାର ମାତ୍ରାଧିକ ସେବନ କାରଣରୁ ଦୀର୍ଘଦିନ ପର୍ଯ୍ୟନ୍ତ ରୋଗ ଭଲ ନହେବା ଏପରିକି ମୃତ୍ୟୁର ଭୟ ମଧ୍ୟ ରହିଛି। ଏଣୁ ତୀବ୍ର କ୍ଷମତା ଥିବା ଆଣ୍ଟିବାୟୋଟିକ୍ ଔଷଧ ସେବନ ପାଇଁ ରୋଗୀଙ୍କୁ ପରାମର୍ଶ ନଦେବା ପାଇଁ ସ୍ୱାସ୍ଥ୍ୟ ନିର୍ଦ୍ଦେଶାଳୟ ପକ୍ଷରୁ କୁହାଯାଇଛି। ଆଣ୍ଟିବାୟୋଟିକ୍ ଔଷଧ ବିଶ୍ୱ ପାଇଁ ବିପଦ ସୃଷ୍ଟି କରିବାକୁ ଯାଉଛି ବୋଲି କୁହାଯାଉଛି। ଏହି ଔଷଧର ବ୍ୟବହାରକୁ ନିୟନ୍ତ୍ରିତ କରାନଗଲେ ସଂକ୍ରମଣକୁ ରୋକିବା ଓ ଏହାର ଉପଚାର କରିବା କଷ୍ଟକର ହେବ। କ୍ଷୟ ରୋଗ ବା ଟିବି ଏକ ସଂକ୍ରାମକ ରୋଗ। ୨୦୧୯ ତଥ୍ୟ ଅନୁସାରେ ଟିବି ରୋଗରେ ମରିଥିବା ୧୦ ଜଣକ ମଧ୍ୟରୁ ଜଣକର ମୃତ୍ୟୁ ସଂକ୍ରମଣକୁ ରୋକାଯାଇ ନପାରିବାର କାରଣରୁ ହିଁ ହୋଇଛି। ବିଶ୍ୱରେ ଟିବି ରୋଗରେ ମୃତ୍ୟୁବରଣ କରୁଥିବା ଲୋକଙ୍କ ମଧ୍ୟରୁ ୨୮ ପ୍ରତିଶତ ଭାରତରେ ଘଟୁଛି। ୨୦୨୨ର ରିପୋର୍ଟ ଅନୁସାରେ ୨୦୨୧ ମସିହାରେ ଭାରତରେ ୨୧.୩ ଲକ୍ଷ ଟିବି ରୋଗୀ ଥିଲେ। ସରକାର ଏହାର ନିରାକରଣ ପାଇଁ ବଜେଟ୍‌ରେ ଅଧିକ ଅର୍ଥ ବରାଦ କରୁଥିଲେ ମଧ୍ୟ ବାର୍ଷିକ ମୃତ୍ୟୁ ସଂଖ୍ୟା ୧୦ ପ୍ରତିଶତ ବୃଦ୍ଧି ପାଇବାରେ ଲାଗିଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ ୨୦୨୨ ଗ୍ଲୋବାଲ୍ ଟିବି ରିପୋର୍ଟରେ କୁହାଯାଇଛି ଯେ, ପ୍ରତିଦିନ ଭାରତରେ ୧୩୮୩ ଟିବି ରୋଗୀଙ୍କର ମୃତ୍ୟୁ ଘଟୁଛି। ଏହି ରୋଗୀଙ୍କୁ ଦୀର୍ଘ ସମୟ ଧରି ଡାକ୍ତରଖାନାରେ ଚିକିତ୍ସିତ ହେବାକୁ ପଡୁଥିବାରୁ ସେମାନଙ୍କର ଅଧିକ ଖର୍ଚ୍ଚ ମଧ୍ୟ ହେଉଛି। ଏଥିରୁ ସ୍ପଷ୍ଟ ଯେ, ଟିବି ସଂକ୍ରମଣକୁ ରୋକାଯାଇ ନପାରିବାରୁ ଏଭଳି ଘଟୁଛି। ରୋଗ ଅଣୁ ନିରୋଧି ପ୍ରତିରୋଧ (ଏଏମ୍ଆର୍) ସ୍ୱାସ୍ଥ୍ୟ ସୁରକ୍ଷା ପାଇଁ ଏକ ମାନ୍ୟତାପ୍ରାପ୍ତ ବିଶ୍ୱସ୍ତରୀୟ ବିପଦ। ଏଏମ୍ଆର୍‌ର ଅର୍ଥ ହେଉଛି ସଂକ୍ରମଣ ସୃଷ୍ଟି କରୁଥିବା ବ୍ୟାକ୍ଟେରିଆର ଉପଚାରକୁ ପ୍ରତିରୋଧ କରିବା। ଆଣ୍ଟିବାୟୋଟିକ୍ସ ଔଷଧ ନିୟମ ୧୯୪୫ର ଅନୁସୂଚୀ ଏଚ୍ଆଣ୍ଡ୍ଏଚ୍୧ ଅନୁସାରେ କେବଳ ପଞ୍ଜିକୃତ ଚିକିତ୍ସକ (ଡାକ୍ତର)ମାନେ ଆଣ୍ଟିବାୟୋଟିକ୍ ଔଷଧ ସେବନ ପାଇଁ ରୋଗୀଙ୍କୁ ପରାମର୍ଶ ଦେଇପାରିବେ। ସରକାରୀ ନିୟମ ଥିଲେ ମଧ୍ୟ ନିୟମର କଡ଼ାକଡ଼ି ପାଳନ କରାଯାଉନଥିବା ଏପରିକି ନିୟମର ପାଳନ ସମ୍ପର୍କରେ ତଦାରଖ କରାଯାଉନଥିବା କାରଣରୁ ସର୍ବୋପରି ଲୋକମାନେ ଏହି ଔଷଧ ଓ ଏହାର ପ୍ରତିକୂଳ ପ୍ରଭାବ ସମ୍ପର୍କରେ ସଚେତନ ନଥିବାରୁ ଡାକ୍ତରଙ୍କ ବିନା ପରାମର୍ଶରେ ଔଷଧ ଦୋକାନୀମାନେ ଏହି ଔଷଧ ବିକ୍ରି କରୁଛନ୍ତି।

# ନିଖୋଜ ହେଉଛି ଋତୁ

॥ ବାଦଲ ଭୂୟାଁ ॥

*“ଜଳବାୟୁ ପରିବର୍ତ୍ତନର କୁପ୍ରଭାବରେ ବିଲୁପ୍ତ ହୋଇଯାଉଛନ୍ତି ଅନେକ କୀଟ, ସରୀସୃପ, ପକ୍ଷୀ, ଜୀବଜନ୍ତୁ। ବର୍ଷା ଋତୁରେ ପ୍ରକୃତିର ମଜା ନେଇ ପାରୁନାହାନ୍ତି କୁନି କୁନି ପିଲାମାନେ। ବାଡ଼ି ପଛ ପଟେ କଙ୍କି ଧରିବାର ମଜା ହେଉ ବା ଫୁଲ ବଗିଚାରେ ରଙ୍ଗିନ ପ୍ରଜାପତି ପଛେ ପଛେ ଦୌଡ଼ିବାର ଅଫୁରନ୍ତ ଆନନ୍ଦ ପାଇପାରୁନାହାନ୍ତି ଏବକାର ପିଲାମାନେ। ବର୍ଷା ଋତୁ ଆସିଲେ ବାଡ଼ି ପଛପଟେ ବୁଦା ମୂଳରେ ଏଣ୍ଡୁଅ ମୁଣ୍ଡ ଟେକିବାର ଚିରାଚରିତ ଦୃଶ୍ୟ ଆଉ ଦେଖିବାକୁ ମିଳୁନି। ଲାଲ ଟୁକୁଟୁକୁ ସାଧବ ବୋହୂକୁ ହାତରେ ଧରି ଉଲ୍ଲସିତ ହେବାର ଅପୂର୍ବ ସୁଯୋଗ ମିଳୁନାହିଁ।*

ଋତୁଚକ୍ରରେ ଛଅ ଋତୁରୁ ହଜିଗଲାଣି ବସନ୍ତ, ଶରତ, ହେମନ୍ତ। ଶୀତ ନିଷ୍ପ୍ରଭ, ବର୍ଷା ଅସନ୍ତୁଳିତ। ବର୍ଷର ଛଅ ଋତୁ ଓ ବାର ମାସ ମଧ୍ୟରୁ ଏବେ ଅର୍ଦ୍ଧାଧିକ କାଳ ଅନୁଭୂତ ହେଉଛି ଗ୍ରୀଷ୍ମର ପ୍ରଭାବ। ପ୍ରଚଣ୍ଡ ସୂର୍ଯ୍ୟତାପ ପ୍ରଭାବ ପ୍ରାଣୀ ଜଗତ ଠାରୁ ଆରମ୍ଭ କରି ମେରୁ ପର୍ଯ୍ୟନ୍ତ ପରିବ୍ୟାପ୍ତ। ଜଳବାୟୁ ପରିବର୍ତ୍ତନ ବୃକ୍ଷରାଜି ଠାରୁ କୀଟପତଙ୍ଗ ସମସ୍ତେ ପ୍ରଭାବିତ। କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟା, ବର୍ଦ୍ଧିତ ଜନବସତିର ଆକାର, ପ୍ରତିବର୍ଷ ବୃଦ୍ଧି ପାଉଥିବା ଗାଡ଼ିମୋଟର ସଂଖ୍ୟା, ବ୍ୟାପକ ଶିଳ୍ପାୟନ, ଜଙ୍ଗଲ ହ୍ରାସ ଆଦି ବିଭିନ୍ନ କାରଣ ଜଳବାୟୁ ପରିବର୍ତ୍ତନର କାରକ ଭାବରେ ଗଣାଯାଉଛି। ମଣିଷ ଯେତେ ଆଧୁନିକ ଓ ବିଳାସୀ ହେଉଛି ଜଳବାୟୁ ଉପରେ ତାହାର ପ୍ରଭାବ ସେତେ ଅଧିକ ପଡୁଛି। ତିନି ଦଶନ୍ଧି ପୂର୍ବରୁ ଅକ୍ଟୋବର ମାସର ଧୂଳିଆ ଅପରାହ୍ନ ସାଙ୍ଗକୁ ସଞ୍ଜକୁ ଢ଼ାଙ୍କି ଦେଉଥିଲା କୁଆଁଳ ଶୀତ ଚାଦର। ଶରତ କାଶତଣ୍ଡୀ ସାଙ୍ଗରେ ଆସୁଥିବା ଶୀତ ଶବିରାତ୍ରୀ ପର୍ଯ୍ୟନ୍ତ ଶୀତ ଅନୁଭୂତ ହେଉଥିଲା। ଦୋଳ ଠାରୁ ଖରା ଟିକେ ଟିକେ ଲାଗୁଥିଲା, ଆଉ ରଜ ବେଳକୁ ବୁନ୍ଦାବୁନ୍ଦା ବର୍ଷା ଖରାକୁ ଠେଲି ଦେଉଥିଲା ଦୂରକୁ। ମାତ୍ର ଏବେ ଋତୁଚକ୍ରରେ ଆସିଛି ବଡ଼ ପରିବର୍ତ୍ତନ। ଦିଲ୍ଲୀ ପରି ବଡ଼ ବଡ଼ ସହରରେ ସ୍ମଗ ସାଧାରଣ ଜୀବନଯାତ୍ରାକୁ ବ୍ୟତିବ୍ୟସ୍ତ କରି ଦେଇଛି। ଲୋକମାନେ ଖୋଜୁଛନ୍ତି ଶୁଦ୍ଧ ବାୟୁ। ଏପରିକି କିଛି ଅଞ୍ଚଳରେ ଶୁଦ୍ଧ ବାୟୁ ସିଲିଣ୍ଡରରେ ଭର୍ତ୍ତି କରି ବିକ୍ରି କରାଯାଉଥିବା ଖବର ବି ମିଳିବାରେ ଲାଗିଛି। କେବଳ ସେତିକି ନୁହେଁ, ବରଫ ମେରୁ ତରଳିବା ଯେବେ ଠୁ ଆରମ୍ଭ ହେଲାଣି, ସେବେଠାରୁ ବିଶ୍ୱ ଉପରେ ବିପଦ ବି ବଢ଼ିବାରେ ଲାଗିଛି। ସତରେ କ'ଣ ବରଫ ମେରୁ ତରଳି ଯିବ? ଯଦି ତରଳିଯାଏ, ତେବେ ବିଶ୍ୱ ଉପରେ ଏହାର କ'ଣ ପ୍ରଭାବ ପଡ଼ିବ ତାକୁ ନେଇ ଆରମ୍ଭ ହୋଇଛି ତର୍ଜମା। ଏପରିକି ଆଗାମୀ କିଛି ବର୍ଷ ମଧ୍ୟରେ ସମୁଦ୍ର ତଟବର୍ତ୍ତୀ ବିଶ୍ୱର ବହୁ ବଡ଼ ସହର ସହ ଭାରତର ୧୨ ସହର ମଧ୍ୟକୁ ସମୁଦ୍ର ମାଡ଼ି ଆସିବ ବୋଲି ମଧ୍ୟ ଆକଳନ କରାଯାଉଛି। ଏହାମଧ୍ୟରେ ଆମ ରାଜ୍ୟରେ ପାରାଦ୍ୱୀପ ମଧ୍ୟ ରହିଛି।

ତେବେ ପ୍ରଶ୍ନ ଉଠୁଛି କାହିଁକି ଏପରି ହେଉଛି? କାହିଁକି ଋତୁଚକ୍ରରୁ ହଜି ଯାଉଛି ଋତୁ? କାହିଁକି ବର୍ଷରେ ଛଅ ଋତୁ ବଦଳରେ ତିନିଟି ଋତୁ ଅନୁଭୂତ ହେଉଛି। କାହିଁକି ବଢ଼ୁଛି ତାତି? କାହିଁକି ତରଳୁଛି ବରଫ ମେରୁ? ବିକଶିତ, ବିକାଶଶୀଳ ଓ ବିକାଶମୁଖୀ ସବୁ ରାଷ୍ଟ୍ର ଏଥିପାଇଁ ଉଦ୍‌ବେଗ ପ୍ରକାଶ କରୁଛନ୍ତି। ଏହି ପ୍ରସଙ୍ଗକୁ ନେଇ ବୈଜ୍ଞାନିକ, ବିଶେଷଜ୍ଞ, ରାଜନୀତିଜ୍ଞ ସମସ୍ତେ ଚିନ୍ତିତ। ଆନ୍ତର୍ଜାତୀୟସ୍ତରରେ ଜଳବାୟୁ ସମ୍ମିଳନୀ ଡକାଯାଉଛି। ପରିବେଶ ପ୍ରଦୂଷଣ ରୋକିବା ନିମନ୍ତେ ନକ୍ସା ପ୍ରସ୍ତୁତ ହେଉଛି। ଋତୁ ପରିବର୍ତ୍ତନରେ ଅନିୟମିତା ଏବେ ଏକ ମୁଖ୍ୟ ସମସ୍ୟା ପାଲଟିଛି। ବର୍ଷା ଋତୁରେ ନା ଆବଶ୍ୟକ ପରିମାଣର ବର୍ଷା ହେଉଛି ନା ଶୀତ, ଋତୁରେ ଅନୁଭବ କରି ହେଉଛି ଜାଡ଼କୁ। ସେହିପରି ଗ୍ରୀଷ୍ମ ଋତୁରେ ଖରାର ପ୍ରକୋପ ଅସ୍ତବ୍ୟସ୍ତ କରିଦେଉଛି ପ୍ରାଣୀ ଜଗତକୁ। ଏ ସବୁ ଜଳବାୟୁ ପରିବର୍ତ୍ତନର ପରିଣାମ ଭୋଗିବାକୁ ପଡୁଛି ମଣିଷ ଓ ଜୀବଜଗତକୁ।

ଜଳବାୟୁ ପରିବର୍ତ୍ତନର କୁପ୍ରଭାବରେ ବିଲୁପ୍ତ ହୋଇଯାଉଛନ୍ତି ଅନେକ କୀଟ, ସରୀସୃପ, ପକ୍ଷୀ, ଜୀବଜନ୍ତୁ। ବର୍ଷା ଋତୁରେ ପ୍ରକୃତିର ମଜା ନେଇ ପାରୁନାହାନ୍ତି କୁନି କୁନି ପିଲାମାନେ। ବାଡ଼ି ପଛ ପଟେ କଙ୍କି ଧରିବାର ମଜା ହେଉ ବା ଫୁଲ ବଗିଚାରେ ରଙ୍ଗିନ ପ୍ରଜାପତି ପଛେ ପଛେ ଦୌଡ଼ିବାର ଅଫୁରନ୍ତ ଆନନ୍ଦ ପାଇପାରୁନାହାନ୍ତି ଏବକାର ପିଲାମାନେ। ବର୍ଷା ଋତୁ ଆସିଲେ ବାଡ଼ି ପଛପଟେ ବୁଦା ମୂଳରେ ଏଣ୍ଡୁଅ ମୁଣ୍ଡ ଟେକିବାର ଚିରାଚରିତ ଦୃଶ୍ୟ ଆଉ ଦେଖିବାକୁ ମିଳୁନି। ଲାଲ ଟୁକୁଟୁକୁ ସାଧବ ବୋହୂକୁ ହାତରେ ଧରି ଉଲ୍ଲସିତ ହେବାର ଅପୂର୍ବ ସୁଯୋଗ ମିଳୁନାହିଁ। ଏହା ଆକର୍ଷଣୀୟ ଜୀବ ଆମ ଚାରି ପାଖରୁ ଧୀରେ ଧୀରେ ଲୋପ ପାଇବାକୁ ବସିଲେଣି। ଏହାର ପ୍ରମୁଖ କାରଣ ହେଉଛି ଜଳବାୟୁ ପରିବର୍ତ୍ତନ। ତେଣୁ ପିଲାଦିନର ମଧୁର ସ୍ମୃତିକୁ ଜାବୁଡ଼ି ଧରିବାର ଦିନ ହଜି ହଜି ଯାଉଛି। ଜଳବାୟୁ ପରିବର୍ତ୍ତନର କୁପ୍ରଭାବ ସିଧାସଳଖ ପଡୁଛି ଉଦ୍ଭିଦ ଜଗତ ଉପରେ। ଖରା, ବର୍ଷା, ଶୀତରେ ଅନିୟମିତତା ଯୋଗୁଁ ଗଛଲତାଗୁଡ଼ିକ ଠିକ ଭାବରେ ବଢ଼ି ପାରୁନାହିଁ। ଫୁଲ, ଫଳ ଧରିବାରେ ବିଳମ୍ବ ହେଉଛି। ଜଳବାୟୁ ପରିବର୍ତ୍ତନ ଅନ୍ୟତମ କାରଣ ଗ୍ଲୋବାଲ ୱାର୍ମିଂ ବା ବିଶ୍ୱ ତାପମାତ୍ରା। ଏବେ ଗ୍ଲୋବାଲ ୱାର୍ମିଂ ବିଶ୍ୱର ସବୁଠାରୁ ବଡ଼ ସମସ୍ୟା ପାଲଟିଛି। ଏଥିରୁ ରକ୍ଷା ପାଇବା ପାଇଁ ସାରା ବିଶ୍ୱରେ ପ୍ରୟାସ ଜାରି ରହିଛି। ବିଶ୍ୱସ୍ତରରେ ଗ୍ଲୋବାଲ ୱାର୍ମିଂ ଯୋଗୁଁ ଗ୍ଲେସିୟର ତରଳି ସମୁଦ୍ର ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି। ଫଳରେ ପ୍ରାକୃତିକ ବିପର୍ଯ୍ୟୟ ସୃଷ୍ଟି ହେବା ସହିତ ସମୁଦ୍ର ଆଖପାଖ ଦ୍ୱୀପ ବୁଡ଼ି ଯିବାର ଆଶଙ୍କା ରହିଛି।

ଜଳବାୟୁ ପରିବର୍ତ୍ତନ ଓ ଦ୍ରୁତଗତିରେ ଜଙ୍ଗଲ ହ୍ରାସ ଯୋଗୁଁ ଅନେକ ଜଙ୍ଗଲୀ ଜୀବଜନ୍ତୁ ଲୋପ ପାଇବାରେ ଲାଗିଛନ୍ତି। ଅନେକ ବିରଳ ପ୍ରଜାତିର ପଶୁ, ପକ୍ଷୀ, ଧୀରେ ଧୀରେ ପୃଥିବୀ ବକ୍ଷରୁ ନିଶ୍ଚିହ୍ନ ହେବାରେ ଲାଗିଛନ୍ତି। ବିଶେଷଜ୍ଞଙ୍କ ମତ ଅନୁସାରେ ୨୦୫୦ ମସିହା ସୁଦ୍ଧା ପୃଥିବୀର ଏକ ଚତୁର୍ଥାଂଶ ପ୍ରଜାତିର ଜୀବଜନ୍ତୁ ବିଲୁପ୍ତ ହୋଇଯିବାର ଆଶଙ୍କା ରହିଛି। ଜଳବାୟୁ ପରିବର୍ତ୍ତନ ଯୋଗୁଁ ବିଭିନ୍ନ ରୋଗ ସଂକ୍ରମଣ ଓ ମୃତ୍ୟୁ ସଂଖ୍ୟା ବଢ଼ିବାରେ ଲାଗିଛି। ଭବିଷ୍ୟତରେ ଜଳବାୟୁ ପରିବର୍ତ୍ତନର ପରିଣାମ ସ୍ୱରପ ମ୍ୟାଲେରିଆ ଓ ଡେଙ୍ଗୁ ଭଳି ରୋଗ ବଢ଼ିବାର ସମ୍ଭାବନା ଅଧିକ ରହିଛି। ଏପରିକି ଏଭଳି ରୋଗକୁ ନିୟନ୍ତ୍ରଣ କରିବା କଷ୍ଟକର ହୋଇପଡ଼ିବ। ଜଳବାୟୁ ପରିବର୍ତ୍ତନ ଯୋଗୁଁ ଜଙ୍ଗଲରେ ନିଆଁ ଲାଗୁଛି। ତୀବ୍ର ଗରମ ଓ ଶୁଷ୍କ ପରିବେଶ କାରଣରୁ ଜଙ୍ଗଲରେ ଅଗ୍ନିକାଣ୍ଡ ଘଟୁଛି। ବ୍ରାଜିଲସ୍ଥିତ ନ୍ୟାସନାଲ ଇନଷ୍ଟିଚ୍ୟୁଟ ଫର ସ୍ପେସ ରିସର୍ଚ୍ଚ ବା ଆଇଏନପିଇର ତଥ୍ୟ ଅନୁସାରେ ୨୦୧୯ ଜାନୁଆରୀରୁ ଏ ପର୍ଯ୍ୟନ୍ତ ବ୍ରାଜିଲର ଅମାଜନ ଜଙ୍ଗଲରେ ୭୪,୧୫୫ ଥର ନିଆଁ ଲାଗିଲାଣି। ସେହିପରି ଆମ ଦେଶର ବିଭିନ୍ନ ରାଜ୍ୟରେ ବନାଗ୍ନି ଯୋଗୁଁ ବିପୁଳ କ୍ଷତି ଘଟୁଛି। ଓଡ଼ିଶା ବି ଏଥିରୁ ବାଦ ପଡ଼ିନାହିଁ। ଜଙ୍ଗଲରେ ନିଆଁ ଲାଗିବା ଫଳରେ ବ୍ୟାପକ ପରିମାଣରେ ବିରଳ ଗଛ, ଔଷଧୀୟ ଗୁଳ୍ମ ନଷ୍ଟ ହୋଇଯାଉଛି। ଏପରିକି ଅନେକ ବିରଳ ପ୍ରଜାତିର ଜୀବଜନ୍ତୁ ଜୀବନ୍ତ ଦଗ୍ଧ ହେଉଛନ୍ତି।

ସତ ହେବ କି ମାଳିକା ବଚନ ! ବାଇଶି ପାହାଚେ ଖେଳିବ ମୀନ! ଜଳବାୟୁ ପରିବର୍ତ୍ତନ ଯୋଗୁଁ ମାଳିକାର ବଚନ ସତ ହେବ ବୋଲି ଆଶା କରାଯାଉଛି। ଆସନ୍ତା ୨୦୩୦ ମସିହା ମଧ୍ୟରେ ଦେଶରେ ଅନେକ ସମୁଦ୍ର କୂଳିଆ ସହର ଜଳମଗ୍ନ ହୋଇଯିବ। ସମୁଦ୍ରରୁ ବଡ଼ ବଡ଼ ଲହଡ଼ି ଆସି ସହରକୁ ଜଳମଗ୍ନ କରିଦେବ ବୋଲି ମାଳିକାରେ ବର୍ଣ୍ଣନା କରାଯାଇଛି। ଆଉ ଏହା ଅନେକ ପରିମାଣରେ ସତ ହୋଇଛି। ଅତୀତରେ ସାମୁଦ୍ରିକ ଝଡ଼ ଫଳରେ ସମୁଦ୍ର ଜଗ ସହର ଆଡ଼କୁ ମାଡ଼ି ଆସିଥିଲା। ଯେଉଁ ଭଳି ଭାବେ ସମୁଦ୍ର କୂଳ ଲଘିଂବାରେ ଲାଗିଛି, ଆଗାମୀ ଦିନରେ ଏହା ସତରେ ପରିଣତ ହେବ ନିଶ୍ଚିତ। କାରଣ ନିକଟ ଅତୀତରେ ଏକ ରିପୋର୍ଟ ପ୍ରକାଶ ପାଇଛି ଯେଉଁଥିରେ ଉଲ୍ଲେଖ ରହିଛି, ମୁମ୍ବାଇ, କୋଚି, ମାଙ୍ଗାଲୁରୁ, ବିଶାଖାପାଟନମ୍, ତିରୁଅନନ୍ତପୁରମ ଆଦି ସହର ସମୁଦ୍ର ଗର୍ଭରେ ଲୀନ ହୋଇଯିବ।

ପୁରୁଣା ସୋନାରୀ, ଜାମସେଦପୁର, ଦୂରଭାଷ : ୭୪୮୮୯୯୮୫୩୨,

# ଶିଶୁଙ୍କ ପାଇଁ ହିତକର ମିଲେଟ ଖାଦ୍ୟ

॥ ଡାକ୍ତର ଜ୍ୟୋତିରଞ୍ଜନ ଚମ୍ପତିରାୟ ॥

ମାଣ୍ଡିଆ, ବାଜରା, ଯଅ, ସୁଆଁ ଆଦି ମିଲେଟ ଜାତୀୟ ଖାଦ୍ୟ ଶିଶୁମାନଙ୍କ ସ୍ୱାସ୍ଥ୍ୟ ପାଇଁ ଲାଭକାରୀ ହୋଇଥାଏ। ମିଲେଟ ଖାଦ୍ୟ ସାରା ଓ ଜୀବସାର ଭରପୁର ରହିଥାଏ। ମିଲେଟ ବା ଲଘୁକ୍ଷୁଦ୍ର ଖାଦ୍ୟଶସ୍ୟରୁ ପ୍ରସ୍ତୁତ ଅଟାରୁ ଶିଶୁଖାଦ୍ୟ ପ୍ରସ୍ତୁତ କରିପାରିବା। ଏହା ବ୍ୟତୀତ ମାଣ୍ଡିଆ ଅଟାରୁ ପ୍ରସ୍ତୁତ ଦୋସା, ପିଠା, ହାଲୁକା କିମ୍ବା ପରିବା ସହିତ ମିଶାଇ ଖିଚିଡ଼ି କରି ମଧ୍ୟ ଶିଶୁକୁ ଦିଆଯାଇପାରିବ।

ଶିଶୁ ପାଇଁ ସ୍ୱାସ୍ଥ୍ୟପ୍ରଦ ମିଲେଟ ଖାଦ୍ୟ : ଲଘୁ କ୍ଷୁଦ୍ର ଖାଦ୍ୟଶସ୍ୟରେ ପ୍ରଚୁର ପରିମାଣରେ ପ୍ରୋଟିନ ରହିଥାଏ। ଏହାକୁ ରାନ୍ଧିଲେ ମଧ୍ୟ ଏଥିରେ ଯଥେଷ୍ଟ ପରିମାଣର ପ୍ରୋଟିନ ସୁରକ୍ଷିତ ରହେ। ଫଳରେ ଶିଶୁର ମାଂସପେଶୀର ବିକାଶ ଏହା ସାହାଯ୍ୟ କରିଥାଏ। ଏଥିରୁ ମିଳୁଥିବା ଶର୍କରା ବା କାର୍ବୋହାଇଡ୍ରେଟ ରକ୍ତ ଶର୍କରା ବଢ଼ିବାକୁ ଦିଏ ନାହିଁ। ତେଣୁ ଏହାକୁ ଖାଇଲେ ଶିଶୁ ମୋଟାପଣର ଶିକାର ହେବାର ଆଶଙ୍କା ରହେନାହିଁ। ସେହିପରି ଫାଇବର ବା ତନ୍ତୁ ଅଧିକ ଥିବାରୁ ଶିଶୁର ପାକସ୍ଥଳୀ ସମ୍ପର୍କିତ ସମସ୍ୟା ଦେଖାଦିଏନାହିଁ। ଏହାକୁ ଶିଶୁଟି ସହଜରେ ହଜମ କରିପାରୁଥିବାରୁ କୋଷ୍ଠକାଠିନ୍ୟ ସମସ୍ୟା ଦେଖାଦିଏନାହିଁ। ଏହା ସହିତ ଏଥିରେ ପ୍ରିବାୟୋଟିକ୍ସ ଅଧିକ ଥିବାରୁ ଶିଶୁର ଅନ୍ତଃନାଳୀ ସୁସ୍ଥ ରଖେ। ସେଥିପାଇଁ ଏଥିରେ ମ୍ୟାଗ୍ନେସିୟମ ଭରପୁର ଥିବାରୁ ଶିଶୁର ସ୍ନାୟବିକ ବିକାଶରେ ସାହାଯ୍ୟ କରେ। ଏହା ସହିତ ଅସ୍ଥି ଓ ଦାନ୍ତର ବିକାଶରେ ମଧ୍ୟ ଏହା ସାହାଯ୍ୟ କରେ। ମାଣ୍ଡିଆରେ ଭରପୁର ଫାଇବର ଥିବାରୁ ଏହା ଶିଶୁର ମାଂସପେଶୀର ବିକାଶରେ ସହଯୋଗ କରେ।



ସବୁଠାରୁ ବଡ଼ କଥା ହେଲା, ମିଲେଟ ଖାଦ୍ୟ ଶିଶୁର ରୋଗପ୍ରତିରୋଧକ ଶକ୍ତି ବୃଦ୍ଧି କରି ମିଲେଟ ବ୍ୟାକ୍ଟେରିଆ ସଂକ୍ରମଣ ବିରୋଧରେ ଲଢ଼େଇ କରିବାରେ ସହଯୋଗ କରେ। ମିଲେଟ ଜାତୀୟ ଖାଦ୍ୟ ଶିଶୁ ମାନଙ୍କୁ ଅନେକ ପୋଷକତତ୍ତ୍ୱ ଯୋଗାଇ ଦେଇଥାଏ। ଏହା ସମ୍ପୂର୍ଣ୍ଣ ରୂପେ ପ୍ରାକୃତିକ ଏବଂ ଶିଶୁ ମାନଙ୍କ ପାଇଁ ଶତ ପ୍ରତିଶତ ନିରାପଦ ହୋଇଥାଏ। ଗହମ ପ୍ରସ୍ତୁତ ଖାଦ୍ୟରେ ଗ୍ଲୁଟେନ ଥିବାରୁ ଶିଶୁର ପେଟ ଯନ୍ତ୍ରଣା ହୋଇଥାଏ। ଶିଶୁକୁ ଗ୍ୟାସ ଜନିତ ସମସ୍ୟାର ସ୍ୱୀକାର ହେବାକୁ ପଡ଼ିଥାଏ। ଏହି କ୍ଷେତ୍ରରେ ମାଣ୍ଡିଆ ଜାତୀୟ ଖାଦ୍ୟକୁ ଶିଶୁଟି ସହଜରେ ହଜମ କରିପାରିଥାଏ। ତେବେ ଶିଶୁକୁ ଯେ କୌଣସି ଖାଦ୍ୟ ଦେବା ପୂର୍ବରୁ ପୋଷକ ତତ୍ତ୍ୱ ବିଶେଷଜ୍ଞଙ୍କ ସହ ନିଶ୍ଚିତ ଭାବେ ପରାମର୍ଶ କରିବା ଉଚିତ।

ଅଟିଜିମ ଶିଶୁଙ୍କ ପାଇଁ ବରଦାନ ମିଲେଟ ଖାଦ୍ୟ: ମିଲେଟ ଜାତୀୟ ଖାଦ୍ୟ ସମସ୍ତ ବର୍ଗଙ୍କ ପାଇଁ ଖୁବ ହିତକର। ତେବେ ଅଟିଜିମ ରୋଗରେ ପୀଡ଼ିତ ଶିଶୁମାନଙ୍କ ପାଇଁ ବିଶେଷ ଭାବରେ ଗୁରୁତ୍ୱ ରଖିଥାଏ। ଅଟିଜିମ ରୋଗଗ୍ରସ୍ତ ଶିଶୁ ଶାରୀରିକ ତଥା ମାନସିକ ବିକାଶରେ ପଛରେ ରହିଥାନ୍ତି। ଏହିପରି ଶିଶୁମାନେ ଅନ୍ୟ ଶିଶୁଙ୍କ ସହ ମିଳାମିଶା କରିପାରନ୍ତି ନାହିଁ। ଜନ୍ମର ପ୍ରଥମ ତିନି ବର୍ଷ ମଧ୍ୟରେ ଏହି ରୋଗରେ ଶିଶୁଟି ଆକ୍ରାନ୍ତ ହୋଇଥାଏ। ଗବେଷଣା ଅନୁଯାୟୀ ଏହି ପ୍ରକାର ରୋଗୀମାନଙ୍କ ଖାଦ୍ୟପେୟ ଉପରେ ବିଶେଷ ଧ୍ୟାନ ଦେଲେ ଏହି ରୋଗ ସମ୍ଭବତଃ ଦୂର ହୋଇଥାଏ।

ଅଟିଜିମ ରୋଗୀ ସର୍ବଦା ଗ୍ଲୁଟେନ ମୁକ୍ତ ଖାଦ୍ୟ ସେବନ କରିବା ଉଚିତ। ମିଲେଟଯୁକ୍ତ ଖାଦ୍ୟ ପଦାର୍ଥ ଅଟିଜିମ ଶିଶୁ ମାନଙ୍କ ହଜମ ପ୍ରକ୍ରିୟା ସହ ମାନସିକ ବିକାଶର ତାରତମ୍ୟ ରଖିବା ପାଇଁ ପ୍ରଭାବିତ କରିଥାଏ। ଅଟିଜିମ ଶିଶୁକୁ ଗହମ, ଚାଉଳ ଜାତୀୟ ଶସ୍ୟ ହଜମ କରିପାରନ୍ତି ନାହିଁ ଓ ଏହା ଶିଶୁ ଶରୀରରେ ଏଲର୍ଜି ସୃଷ୍ଟି କରିଥାଏ। ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ଦୈନିକ ଆହାରରେ ଆବଶ୍ୟକ ପରିମାଣର ବାଜରା, ମାଣ୍ଡିଆ, ଯଅ ଆଦି ଦେବା ଉଚିତ। ଏହା ବ୍ୟତୀତ ମିଲେଟଯୁକ୍ତ ଖାଦ୍ୟରେ ଭିଟାମିନ ବି-୬ ଏବଂ ମ୍ୟାଗ୍ନେସିୟମ ଅଧିକ ମାତ୍ରାରେ ଥିବାରୁ ଅଟିଜିମ ଶିଶୁର କଥାବାର୍ତ୍ତା କରିବା ଓ ବୁଝିବା ଶକ୍ତିକୁ ବୃଦ୍ଧି କରିଥାଏ। ମାଣ୍ଡିଆରେ ଆଣ୍ଟି ଅକ୍ସିଡାଣ୍ଟରେ ଭରପୁର ମାତ୍ରାରେ ମିଳିଥାଏ। ମାଣ୍ଡିଆ ପିଲାମାନଙ୍କର ମାଂସପେଶୀ ବିକାଶରେ ସାହାଯ୍ୟ କରେ। ମିଲେଟରେ ଫାଇବରରେ ଭରପୁର ଥାଏ। ତେଣୁ ଦୈନିକ ଏହାର ଖାଇବା ଫଳରେ କୋଷ୍ଠକାଠିନ୍ୟ ଦୂର ହୋଇଥାଏ। ଏଥିରେ କ୍ୟାଲସିୟମ ଭରପୁର ଅଟେ, ଯାହା ହାଡ଼କୁ ଶକ୍ତ କରିଥାଏ। ମାଣ୍ଡିଆରେ ଲୌହସାର ମାତ୍ରା ଭରପୁର ଥିବାରୁ ଏହା ଶିଶୁଙ୍କ ଠାରେ ଦେଖାଯାଉଥିବା ରକ୍ତହୀନତାକୁ ରୋଗକୁ ଦୂର କରିଥାଏ।

ବିଭାଗୀୟ ମୁଖ୍ୟ, ଶିଶୁରୋଗ ବିଭାଗ
ଫକୀରମୋହନ ମେଡ଼ିକାଲ କଲେଜ, ବାଲେଶ୍ୱର
ଦୂରଭାଷ : ୯୪୩୭୧୨୪୦୭୪

# ଅବତାର ନାହିଁ କୁହେ ମୁହିଁ ଅବତାର

॥ ଡାକ୍ତର ଉମେଶ ଚନ୍ଦ୍ର ପାତ୍ର ॥

ମହାପ୍ରଭୁ ଶ୍ରୀ ଗୌରାଙ୍ଗଦେବ କହିଛନ୍ତି ଅବତାର ନିଜକୁ କେବେ ଅବତାର ବୋଲି କୁହନ୍ତି ନାହିଁ। ଏହି ପ୍ରସଙ୍ଗରେ ଯୁଗପୁରୁଷୋତ୍ତମ ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଲେ – ଏହାର ଅର୍ଥ ହେଉଛି ଅବତାର ପୁରୁଷଙ୍କର ଅହଙ୍କାର ନାହିଁ। ଏହି ଅହଙ୍କାର ହିଁ ଜ୍ଞାନ ଲାଭର ଅନ୍ତରାୟ। ଅବତାର କେବଳ କୁହନ୍ତି – ତୁମ୍ଭେମାନେ ମୋ ପାଖକୁ ଆସ, ମୋ ଉପରେ ତୁମ୍ଭମାନଙ୍କର ନିଷ୍ଠା ଓ ବିଶ୍ୱାସ ରଖ, ତାହାହେଲେ ମୁଁ ତୁମକୁ ମନୁଷ୍ୟ ତିଆରି କରିବାର କୌଶଳ ଶିଖାଇ ଦେବି। ପୁଣି ଭଗବାନ ଶ୍ରୀକୃଷ୍ଣ ଭଗବତ୍ ଗୀତାରେ ଭକ୍ତ ଅର୍ଜ୍ଜୁନଙ୍କୁ କହିଛନ୍ତି – ତୁମର ଓ ମୋର ପାର୍ଥ ବହୁ ଜନ୍ମଗତ, ସେ ସବୁ ନା ଜାଣ ତୁମେ ମୁହିଁ ଅବଗତ। ଏହିପରି ସଚେତନତା ଅବତାର ପୁରୁଷଙ୍କର ଥାଏ, କିନ୍ତୁ ଅହଙ୍କାର ବା ଅଭିମାନ ନଥାଏ। ଅବତାର ପୁରୁଷମାନେ ସର୍ବଜ୍ଞ – ଏହାର ଅର୍ଥ ଯେତାଙ୍କର ଅଭିନ୍ନତ୍ୱ ଅଛି ସବୁ କିଛିର ସହିତ, ସେ ସବୁ କିଛି ମଧ୍ୟରେ ଅନୁପ୍ରେରିତ ହୋଇଅଛନ୍ତି। ଜଣେ ବ୍ୟକ୍ତିକୁ ଅନାଇ ଶ୍ରୀ ଶ୍ରୀ ଠାକୁର କହିଲେ ଯେତେବେଳେ ଆପଣ ଚାଲି ଚାଲି ଯାଉଛନ୍ତି ସେତେବେଳେ ଆପଣଙ୍କର ନାମ ଭୁଲି ଯାଉଛନ୍ତି। କିନ୍ତୁ କେହି ଆପଣଙ୍କୁ ଆପଣଙ୍କ ନାମ ଉଚ୍ଚାରଣ କରି ଡାକିଲେ ଆପଣ ସଚେତନ ହୁଅନ୍ତି ଯେ ଏହି ନାମ ଆପଣଙ୍କର। ଏହି ନାମ ପିତାମାତା ଦିଅନ୍ତି। କିନ୍ତୁ ଏହା ଜନ୍ମଗତ ନାମ ନୁହେଁ, ଏହି ନାମ ଦ୍ୱାରା ଆପଣ ଚିହ୍ନିତ ହୁଅନ୍ତି। ସେହିପରି ଅବତାର ପୁରୁଷଙ୍କୁ ମଧ୍ୟ ଅନ୍ୟ ବ୍ୟକ୍ତିମାନେ କୁହନ୍ତି ଅବତାର ବୋଲି। ଏହି ପ୍ରସଙ୍ଗରେ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଛନ୍ତି – ପବନ ଯେପରି କହି ପାରେନା ମୁଁ ପବନ, ଆଲୋକ ଯେପରି କହିପାରେନା ମୁଁ ଆଲୋକ, ସେହିପରି ଭଗବତ୍ତା ଯାହାଙ୍କ ଠାରେ ଉଦ୍‌ଭିନ୍ନ ହୋଇଉଠିଛି ସେ ମଧ୍ୟ କହିପାରନ୍ତି ନାହିଁ ସେ ଭଗବାନ।

ଅବତାର ପୁରୁଷୋତ୍ତମ ଯେଉଁଠାରେ ଆସନ୍ତି ସେମାନଙ୍କର ଥାଏ ଏକ ଭାବ, ଏକ କଥା, ସେମାନେ ଏକ ଉଦ୍ଦେଶ୍ୟମୁଖୀ, ତାହାହେଲା ଜୀବନୀୟ ଅମୃତ। ସେ ଗୋବର୍ଦ୍ଧନଧାରୀ ଅର୍ଥାତ୍, ଜୀବଜଗତର ପାଳକ ଓ ବର୍ଦ୍ଧକ। ସେ ସାଧାରଣ ମନୁଷ୍ୟ ପରି ତୁମ ପାଖରେ ଆସି ବସିବେ। କଥା କହିବେ ଓ ଏହି ସହଜ କଥା କହୁ କହୁ ସେ ତୁମକୁ ଆବିଳତା ମୁକ୍ତ କରି ଉଠାଇବେ, ସମସ୍ତଙ୍କୁ ଉର୍ଦ୍ଧ୍ୱଗତି କରି ନ ଉଠାଇବା ପର୍ଯ୍ୟନ୍ତ ତାଙ୍କର ଶାନ୍ତି ନାହିଁ। ସକଳଙ୍କର ଉର୍ଦ୍ଧ୍ୱଗତିରେ ହିଁ ସେ ଶାନ୍ତି ଲାଭ କରନ୍ତି। ସେ କୁହନ୍ତି ବୃନ୍ଦାବନ ପରିତ୍ୟଜ୍ୟ ପାଦମେକଂ ନ ଗଚ୍ଛାମି। ବୃନ୍ଦ ଅର୍ଥ ହେଲା ସମୂହ ଓ ବନ୍ ମାନେ ବିସ୍ତାର। ତେଣୁ ଅବତାର ପୁରୁଷ କୁହନ୍ତି – ଏହି ସମୂହର ବିସ୍ତାର ଛାଡ଼ି ମୁଁ କେଉଁଠାରେ ରହିବି ନାହିଁ। ସେ ପୁଣି କୁହନ୍ତି – ନାହଂ ତିଷ୍ଠାମି ବୈକୁଣ୍ଠେ ଯୋଗିନାଂ ହୃଦୟେ ନ ଚ, ମଦ୍‌ଭକ୍ତା ଯତ୍ର ଗାୟନ୍ତି ତତ୍ର ତିଷ୍ଠାମି ନାରଦ। ଗାୟନ୍ତି ଅର୍ଥ ଗାନ କରନ୍ତି, ଜୀବନ ବୃଦ୍ଧିର ଗାନ କରନ୍ତି। ଯେଉଁଠାରେ ଭକ୍ତମାନେ ମିଶି ଏହି ଜୀବନ ବର୍ଦ୍ଧନର ଗାନ କରନ୍ତି ଓ ତଦନୁଯାୟୀ ଚଳନ୍ତି ମୁଁ ସେହିଠାରେ ହିଁ ରୁହେ। ମନୁଷ୍ୟର ଉନ୍ନତି ହିଁ ତାଙ୍କ ଜୀବନର ସୁଧା।

ଭଗବାନ ଶ୍ରୀକୃଷ୍ଣ ଗୀତାରେ କହିଲେ – ପରିତ୍ରାଣାୟ ସାଧୁନାଂ ବିନାଶାୟ ଚ ଦୁଷ୍କୃତାଂ। ଯୁଗପୁରୁଷ ଶ୍ରୀ ଶ୍ରୀ ଠାକୁର କହିଲେ – ପରିତ୍ରାଣ ହେଲା ଉନ୍ନତିମୁଖର ଚଳନର କ୍ରମଗତି। ଏହା ମଧ୍ୟରେ ପୁଣି ପରି ଅଛି, ଅର୍ଥ ସମ୍ପୂର୍ଣ୍ଣ ଭାବରେ। ଅଚ୍ୟୁତ ନିରନ୍ତର ଭାବରେ ଚାଲିଲେ ସାଧୁମାନେ ଯେତେବେଳେ ପୂର୍ଣ୍ଣ ଉନ୍ନତିରେ ପହଞ୍ଚନ୍ତି ସେତେବେଳେ ସେମାନେ ପରିତ୍ରାଣ ଲାଭ କରନ୍ତି। ଆଉ ଏହାର ଓଲଟା ହେଲା – ବିନାଶ, କ୍ରମଶଃ – କ୍ଷୟମୁଖୀ। ତେଣୁ ମନକୁ ସଂଯତ ଓ ବିନାୟତ କରିବା ଆବଶ୍ୟକ। ମନ ଦୁଷ୍ଟ ନ ହେଲେ କର୍ମ ମଧ୍ୟ ଦୁଷ୍ଟ ହେବନାହିଁ। ପୁଣି ଭଗବତ୍ ଗୀତାରେ ଭଗବାନ ଶ୍ରୀକୃଷ୍ଣ କହିଲେ – ସର୍ବ ଧର୍ମାନ୍ ପରିତ୍ୟଜ୍ୟ ମାମେକଂ ଶରଣଂ ବ୍ରଜ, ଅହଂ ତ୍ୱାଂ ସର୍ବ ପାପେଭ୍ୟୋଃ ମୋକ୍ଷୟିଷ୍ୟାମି ମା ଶୁଚ। ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ତାଙ୍କର ସତ୍ୟାନୁସରଣ ପୁସ୍ତକରେ ପ୍ରକାଶ କଲେ – ସଦ୍‌ଗୁରୁଙ୍କର ଶରଣାପନ୍ନ ହୁଅ, ସତ୍ ନାମ ମନନ କର ଓ ସତ୍‌ସଙ୍ଗର ଆଶ୍ରୟ ଗ୍ରହଣ କର, ମୁଁ ନିଶ୍ଚୟ କହୁଛି ତୁମକୁ ଆଉ ତୁମର ଉନ୍ନୟନ ପାଇଁ ଭାବିବାକୁ ହେବନାହିଁ।

ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ, ଦୂରଭାଷ : ୯୪୩୭୦୫୧୯୫୭

## ଦୁଇ ଆଦିବାସୀ ଦିନ ମଜୁରିଆଙ୍କ ଝିଅ ଓଡ଼ିଶା ପରଶାସନିକ ସେବା ପରୀକ୍ଷାରେ ସଫଳ

କରଞ୍ଜିଆ, (ମହାଭାରତ) : ଗତ ଶୁକ୍ରବାର ଦିନ ଓଡ଼ିଶା ପ୍ରଶାସନିକ ସେବା ପରୀକ୍ଷା ର ଫଳ ପ୍ରକାଶ ପାଇଛି । ଏଥିରେ ଠାକୁରମୁଣ୍ଡା ଅଞ୍ଚଳର ଦୁଇ ଆଦିବାସୀ ଦିନ ମଜୁରିଆ ଙ୍କ ଝିଅ ସଫଳତା ହାସଲ କରି ଅଞ୍ଚଳ ପାଇଁ ଗୌରବ ଆଣିଛନ୍ତି ।ଉଭୟ ଅତ୍ୟନ୍ତ ଗରିବ ପରିବାର ରୁ ଆସି ଏଭଳି ସଫଳ ହାସଲ କରିବା ସମସ୍ତଙ୍କୁ ଚକିତ କରିଛି । ଠାକୁରମୁଣ୍ଡା ବ୍ଲକ ତରାମରା ପଞ୍ଚାୟତ ଗୋବରଯୋଡ଼ା ଗ୍ରାମର ଭୈରବ ଚରଣ ମାଝୀଙ୍କ ଝିଅ ବିନତୀ ମାଝୀ ଓଡ଼ିଶା ପ୍ରଶାସନିକ ସେବାର ପରୀକ୍ଷା ରେ ୩୮୪ ସ୍ଥାନରେ କୃତିତ୍ୱ ହାସଲ କରିଛନ୍ତି ।ସେ ଠାକୁରମୁଣ୍ଡା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ୨୦୧୬ ରେ ମ୍ୟାଟ୍ରିକ ପାସ ପରେ ବାରିପଦା ଏମପିସି ଜୁନିୟର କଲେଜରେ ଯୁକ୍ତଦୁଇ ବିଜ୍ଞାନ କରି କଟକ ଶୈଳବାଳା ମହିଳା ମହାବିଦ୍ୟାଳୟରେ ବିଏସସିରେ ସ୍ନାତକ ପାସ ପରେ ଭୁବନେଶ୍ୱର ରେ ରହି ଓଡ଼ିଶା ପ୍ରଶାସନିକ ସେବା ପରିକ୍ଷା ପାଇଁ ପ୍ରସ୍ତୁତି ନେଉଥିଲେ । ଭୈରବ ମାଝୀ ଜଣେ ରାଜମିସ୍ତ୍ରୀ ଭାବେ କାମ କରୁଥିବା ଜଣା ପଡ଼ିଛି ତାଙ୍କ ଝିଅ ର ସଫଳତା ସ୍ଥାନୀୟ ଅଞ୍ଚଳ ରେ ଖୁସି ର ଲହରୀ ଖେଳି ଯାଇଛି । ସେହିପରି ଭରାଣ୍ଡିହା ପଞ୍ଚାୟତ ଭରାଣ୍ଡିହା ଗ୍ରାମର ରବି ବାଇଁଶିଆ ଭଦ୍ରକ ରେ ରହି ରାଜମିସ୍ତ୍ରୀ ଭାବେ କାମ କରନ୍ତି ।ତାଙ୍କ ଝିଅ ଟୁନୀରାଣୀ ବାଇଁଶିଆ ଚଳିତ ଓଡ଼ିଶା ପ୍ରଶାସନିକ ସେବା ପରୀକ୍ଷାରେ ୩୫୭ ସ୍ଥାନ ରେ ଉତ୍ତୀର୍ଣ୍ଣ ହୋଇଛନ୍ତି ।ଅତ୍ୟନ୍ତ ଅଭାବ ଭିତରେ ବଢ଼ିଥିବା ଝିଅ ଟୁନୀରାଣୀ ଠାକୁରମୁଣ୍ଡା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ୨୦୧୭ ମସିହାରେ ମାଟ୍ରିକ ପାସ ପରେ ଧରଣୀଧର କଲେଜ କେନ୍ଦୁଝର ସ୍ନାତକ ପାସ କରିଥିଲେ ।କୋଚିଙ୍ଗ ପାଇଁ ଦିଲ୍ଲୀ ରେ ରହି ପ୍ରସ୍ତୁତି କରୁଥିଲେ ।ପରେ ଭୁବନେଶ୍ୱର ରେ ରହି ପ୍ରସ୍ତୁତି ଚଳାଇଥିଲେ । ଉଭୟ ପ୍ରଥମ ପଦକ୍ଷେପ ରେ ଓଡ଼ିଶା ପ୍ରଶାସନିକ ସେବାର ପରୀକ୍ଷା ରେ ସଫଳ ହୋଇଥିବାରୁ ଠାକୁରମୁଣ୍ଡା ବ୍ଲକର ସବୁ ବର୍ଗ ର ଲୋକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି ।

## ୧୯ ଗୋରୁ ଉଦ୍ଧାର: ଡ୍ରାଇଭର ଅଟକ

କରଞ୍ଜିଆ, (ମହାଭାରତ): ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ଥାନା ପୋଲିସ ଶୁକ୍ରବାର ବିଳମ୍ବିତ ରାତିରେ ଗୋରୁ ବୋଝେଇ ହୋଇ ଯାଉଥିବା ୨ ଟି ପିକଅପ ଭ୍ୟାନ କୁ ଜବତ କରିଛି ।ଜବତ ଭ୍ୟାନ ଦୁଇଟି ରୁ ପୋଲିସ ମୋଟ ୧୯ ଟି ଗୋରୁ କୁ ଉଦ୍ଧାର କରିଥିବା ବେଳେ ସେଥିରୁ ଗୋଟିଏ ମୃତ ହୋଇ ଯାଇଥିବା ଗୋରୁ କୁ ଉଦ୍ଧାର କରିଥିବା ଜଣା ପଡିଛି । ମିଳିଥିବା ସୂଚନା ଅନୁଯାୟୀ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଙ୍କ ନିର୍ଦ୍ଦେଶ କ୍ରମେ ଠାକୁରମୁଣ୍ଡା ଥାନା ଅଧିକରିଣୀ ସାବିତ୍ରୀ ଦଳେଇ ଓ ଅନ୍ୟ ପୋଲିସ କର୍ମଚାରୀ ମାନେ ବିଳମ୍ବିତ ରାତିରେ ପେଟ୍ରୋଲିଂ କରୁଥିଲେ ।ପେଟ୍ରୋଲିଂ ସମୟରେ ଠାକୁରମୁଣ୍ଡା - କରଞ୍ଜିଆ ରାସ୍ତା ର କେନ୍ଦୁଜିଆଣି ନିକଟରେ ଠାକୁରମୁଣ୍ଡା ପଟୁ ଆସୁଥିବା ଦୁଇଟି ପିକଅପ ଭ୍ୟାନ ନମ୍ବର ଓଡ଼ି ୦୫ ବିଜେଡ଼ ୧୬୮୩ ଓ ଅନ୍ୟ ଗୋଟିଏ ଓଡ଼ି ୦୨ ଏଏ ୮୦୭୯ କୁ ଅଟକାଇଥିଲେ ।ସେଥିରେ ଗୋଟିଏ ଭ୍ୟାନ ରେ ୧୧ ଟି ଓ ଅନ୍ୟଟିରେ ୯ ଟି ଗୋରୁ ଥିବାର ଦେଖି ଭ୍ୟାନ ଦୁଇଟିକୁ ଜବତ କରି ଥାନାକୁ ଆଣିଥିଲେ ।କିନ୍ତୁ ଗୋଟିଏ ଭ୍ୟାନ ରେ ବୋଝେଇ ହୋଇ ଯାଉଥିବା ୯ ଟି ଗୋରୁ ମଧ୍ୟରୁ ୧ ଗୋରୁ ମୃତ ଥିବାର ଜଣା ପଡିଥିଲା ।ଘଟଣାସ୍ଥଳରେ ପୋଲିସ କୁ ଦେଖି ଗୋଟିଏ ଭ୍ୟାନ ର ଡ୍ରାଇଭର ଖସି ପଳାଇ ଯାଇଥିବା ବେଳେ ଆଉଜଣକୁ ପୋଲିସ ଅଟକ ରଖିଛି । ଏହି ଘଟଣା ରେ ଠାକୁରମୁଣ୍ଡା ଥାନା ପୋଲିସ କେଶ ନମ୍ବର ୧୧୪,୧୧୫ ଅନୁଯାୟୀ ମାମଲା ରୁଜୁ କରିଛି । ଗୋରୁ ମାନଙ୍କୁ ଚିକିତ୍ସା ପରେ କେନ୍ଦୁଝର ରାଜନଗର ସ୍ଥିତ ନନ୍ଦିନୀ ଗୋଶାଳା କୁ ପଠା ଯାଉଥିବା ପୋଲିସ ପକ୍ଷରୁ ପ୍ରକାଶ ।

## ବିଶ୍ୱ ପର୍ଯ୍ୟଟନ ଦିବସ ପାଳିତ

ଢେଙ୍କାନାଳ, (ମହାଭାରତ): ଢେଙ୍କାନାଳ ଜିଲ୍ଲା ପର୍ଯ୍ୟଟନ ବିଭାଗ ପକ୍ଷରୁ ସ୍ଥାନୀୟ ପର୍ଯ୍ୟଟନ ଉନ୍ନୟନ କାର୍ଯ୍ୟାଳୟ ସଭାଗୃହରେ ବିଶ୍ୱ ପର୍ଯ୍ୟଟନ ଦିବସ -୨୦୨୫ ପାଳିତ ହୋଇଯାଇଛି ।ଏହି ଉପଲକ୍ଷେ ଢେଙ୍କାନାଳ ଜିଲ୍ଲା ପର୍ଯ୍ୟଟନ ଉନ୍ନୟନ ଅଧିକାରୀ ଜଗଦୀଶ ରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଅନ୍ୟତମ ବିଚାରକ ତଥା ମୁଖ୍ୟଅତିଥି ଭାବରେ ଯୋଗଦାନ କରି ଶିକ୍ଷାବିତ୍ ଡ଼ା.ଦେବୀ ପ୍ରସାଦ ମିଶ୍ର,ଅନ୍ୟତମ ମୁଖ୍ୟବକ୍ତା ଭାବରେ ଉପ ସଭାପତି କଳା ସଂସ୍କୃତି ସଂଘ ତଥା ସୁସାହିତ୍ୟିକ ଅବନୀ ମିଶ୍ର ଯୋଗଦାନ କରି ସ୍ୱୀୟ ବକ୍ତବ୍ୟରେ ଢେଙ୍କାନାଳ ଜିଲ୍ଲାକୁ ବିଶ୍ୱର କୋଣ ଅନୁକୋଣରୁ ପର୍ଯ୍ୟଟକମାନଙ୍କୁ ଆକୃଷ୍ଟ କରାଯିବା ପାଇଁ ଓଡ଼ିଶା ସରକାର ପର୍ଯ୍ୟଟନର ବିକାଶ ପାଇଁ ସମସ୍ତ ପ୍ରଚେଷ୍ଟା ଅବ୍ୟାହତ ରଖିଛନ୍ତି ।କୋଭିଡ୍ ମହାମାରୀ ସମୟରେ ଦେଶବ୍ୟାପୀ ଲକଡାଉନ୍ କାରଣରୁ ପର୍ଯ୍ୟଟନ କ୍ଷେତ୍ର ବିଶେଷ ଭାବରେ ପ୍ରଭାବିତ ହୋଇଥିଲା ।ବର୍ତ୍ତମାନ ସ୍ୱାଭାବିକ ସ୍ଥିତିରେ ଏହି କ୍ଷେତ୍ରର ବ୍ୟାପକ ଅଭିବୃଦ୍ଧି କରାଯାଇଛି ।ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୂରଦୃଷ୍ଟିରେ "ଦେଖୋ ଅପନା ଦେଶ" ଅନ୍ତର୍ଗତ ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରଣାଳୟ ଦେଶ ଏବଂ ବିଦେଶରୁ ପର୍ଯ୍ୟଟକମାନଙ୍କୁ ଆକୃଷ୍ଟ କରିବା ପାଇଁ ପର୍ଯ୍ୟଟନସ୍ଥଳୀର ବିକାଶ ପାଇଁ ବିଭିନ୍ନ ପଦକ୍ଷେପ ନେଉଛନ୍ତି । ଏହାଦ୍ୱାରା ଘରୋଇ ଓ ଆନ୍ତର୍ଜାତିକ ପର୍ଯ୍ୟଟକଙ୍କ ସଂଖ୍ୟା ଦୃତଗତିରେ ବୃଦ୍ଧି ପାଇଛି ।ପ୍ରଧାନମନ୍ତ୍ରୀ ମୋଦୀଙ୍କ ଦ୍ୱାରା ସାମାଜିକ ଓ ଆର୍ଥିକ ବିକାଶକୁ ଗୁରୁତ୍ୱ ଦେବା ଭିତ୍ତିରେ ଢେଙ୍କାନାଳ ଜିଲ୍ଲାକୁ ଆକାଂକ୍ଷୀ ଜିଲ୍ଲା ତାଲିକାରେ ସାମିଲ କରାଯାଇଛି ।ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୁର ଢେଙ୍କାନାଳ ପ୍ରତିବର୍ଷ ଶତାଧିକ ପର୍ଯ୍ୟଟକଙ୍କୁ ଏହି ସ୍ଥାନକୁ ଆସିବା ପାଇଁ ଆକୃଷ୍ଟ କରିଛି । କପିଳାସ, ଯୋରନ୍ଦା, ସପ୍ତଶଯ୍ୟା, ଢେଙ୍କାନାଳର ରାଜବାଟୀ ଏଠାକାର ପର୍ଯ୍ୟଟନର ବିକାଶ ପାଇଁ ଅପାର ସମ୍ଭାବନା ରଖିଛି । ଜାଗର ଯାତ୍ରା ସମୟରେ କପିଳାସ ମହାଦେବ ମନ୍ଦିରରେ ଲକ୍ଷାଧିକ ଭକ୍ତଙ୍କ ସମାଗମ ହୋଇଥାଏ । ବିଶ୍ୱ ପ୍ରସିଦ୍ଧ ମହିମାଗାଦୀ ଯୋରନ୍ଦାରେ ମହିମା ଧର୍ମର ପ୍ରଚାରକ ମହିମା ଗୋସାଇଁ ସମାଧି ସ୍ଥଳୀ ଅଛି ।ସେଠାରେ ଶୂନ୍ୟ ମନ୍ଦିର,ଧୁନି ମନ୍ଦିର,ଗାଦି ମନ୍ଦିର ଭଳି ମନ୍ଦିର ଅବସ୍ଥାପିତ ।ଯୋରନ୍ଦା ମେଳା ସମୟରେ ଏଠାରେ ଅନେକ ଶ୍ରଦ୍ଧାଳୁଙ୍କ ସମାଗମ ହୁଏ ।ଢେଙ୍କାନାଳର ରାଜବାଟି ମଧ୍ୟ ପର୍ଯ୍ୟଟକଙ୍କୁ ଆସିବା ପାଇଁ ଆକୃଷ୍ଟ କରେ ।ପର୍ଯ୍ୟଟନର ବିକାଶ ଦ୍ୱାରା ସାମାଜିକ,ଆର୍ଥିକ ବିକାଶ ହେବ ଏବଂ ତୃଣମୂଳ ସ୍ତରରେ ଜୀବନଜୀବିକାମାନର ଉନ୍ନତି ହେବ ।ପ୍ରାକୃତିକ ସୌନ୍ଦର୍ଯ୍ୟ, ଐତିହ୍ୟ ସ୍ଥଳୀ ଏବଂ ସ୍ୱଦେଶ ଦର୍ଶନ ଯୋଜନାରେ ଆଧ୍ୟାତ୍ମିକ ସର୍କିଟର ବିକାଶ ପାଇଁ ଢେଙ୍କାନାଳ ଅପାର ସୁଯୋଗ ପ୍ରଦାନ କରିବା ସହ ଜିଲ୍ଲାର ଆର୍ଥିକ ବିକାଶ ସମ୍ଭବ ହେବ ବୋଲି ବକ୍ତାମାନେ ବକ୍ତବ୍ୟ ପ୍ରଦାନ କରିଥିଲେ ।ଏହି ଅବସରରେ ସ୍ଥାନୀୟ ସୁଲକ୍ଷଣା ଦେବୀ ସରକାରୀ ଉଚ୍ଚ ବିଦ୍ୟାଳୟ, ଢେଙ୍କାନାଳ ସଭାଗୃହରେ ବିଦ୍ୟାଳୟ ଓ ମହାବିଦ୍ୟାଳୟସ୍ତରୀୟ ସାଧାରଣଜ୍ଞାନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି ।

## ଦେହୁରୀହତା-ଜରଡ଼ା ଜଳବିଭାଜିକା କମିଟି ଅଗୋଚ ରେ ଲକ୍ଷ୍ୟ ଲକ୍ଷ୍ୟ ଟଙ୍କାର ବିଲ ଅଭିଯୋଗ ଆଣିଲେ କମିଟି ସଦସ୍ୟ

କଙ୍କଡ଼ାହାଡ, (ମହାଭାରତ ): ଢେଙ୍କାନାଳ ଜିଲ୍ଲା କଙ୍କଡ଼ାହାଡ଼ ବ୍ଲକ ଗଡ଼ପଳାଶୁଣୀ ପଞ୍ଚାୟତ ପ୍ରଧାନମନ୍ତ୍ରୀ କୃଷି ସିଞ୍ଚାଇ ଯୋଜନାରେ ଜରଡ଼ା-ଦେହୁରୀହତା ଜଳବିଭାଜିକା କମିଟିରେ ହୋଇଥିବା ବିଲ ସମ୍ପୂର୍ଣ୍ଣ ବେଆଇନି ଭାବେ ହୋଇଛି ବୋଲି ଅଭିଯୋଗ ହେଉଅଛି ଏବଂ ଚାଷୀଙ୍କ ସହାୟତା ରାଶି ହଡପ ହେଉଥିବା ଜିଲ୍ଲାପାଳଙ୍କ ନିକଟରେ କମିଟିର ସଦସ୍ୟ ଏବଂ ହିତାଧିକାରୀ ଅଭିଯୋଗ କରିଛନ୍ତି ।ଜରଡ଼ା-ଦେହୁରୀହତା ଗ୍ରାମ କୁ ନେଇ ଗଠିତ ପ୍ରଧାନମନ୍ତ୍ରୀ କୃଷି ସିଞ୍ଚାଇ ଯୋଜନା ଅଧୀନରେ ବାଲିଚେତନା ନାଳ ୧ ଜଳବିଭାଜିକା କମିଟି ଗଠନ ହୋଇଅଛି ।ଏହି କମିଟି ଉଭୟ ଗ୍ରାମକୁ ନେଇ ଗଠନ ହୋଇଥିବା ବେଳେ ସର୍ବ ମୋଟ କମିଟି ସଦସ୍ୟ ପ୍ରାୟ ୧୪ଜଣ ଥିବା ବେଳେ କିନ୍ତୁ କମିଟି ର କୌଣସି ସଦସ୍ୟ କାହାରିକୁ ନ ପଚାରି କମିଟିର ସଭାପତି ଏବଂ ସମ୍ପାଦକଙ୍କ ମନ ମୁଖି ଏକ ଛତ୍ର ବାଦ କାର୍ଯ୍ୟ ହେବା ଯୋଗୁ ଲକ୍ଷ୍ୟ ଲକ୍ଷ୍ୟ ଟଙ୍କାର ହେରଫେର ନଜର କୁ ଆସୁଥିବା ଅନୁମାନ କରାଯାଉଛି । ଏମିତି କି ଗୋଟିଏ ବି କମିଟି ସଦସ୍ୟଙ୍କୁ ଡାକି ଥରେ ମଧ୍ୟ ମିଟିଙ୍ଗ କରା ନ ଯିବାକୁ ନେଇ ଅଧିକ ସନ୍ଦେହ ସୃଷ୍ଟି କରୁଛି କି ଭଳି କମିଟି ର ବିନା ରେଜୁଲେସନରେ ଏତେ ସବୁ ପ୍ରକଳ୍ପ କାମ କରାଗଲା ତାହା ଏବେ ସନ୍ଦେହ ଘେରରେ । ଏନେଇ ଜଳବିଭାଜିକା କମିଟିର ସଦସ୍ୟ ଶୁଭେନ୍ଦୁ ସାହୁ, ରବି ସାହୁ, ରୋହିତ ସାହୁ,ନଳିନୀ ସାହୁ, ସନ୍ଧ୍ୟାରାଣୀ ସାହୁ,ସାଧୁ ନାଏକ, କୌଶଲ୍ୟା ସିଂହ, ଲକ୍ଷ୍ମନ ସାହୁ, ରାଧାମଣୀ ପଧାନ ଅଭିଯୋଗ କରିଛନ୍ତି ।ସୂଚନା ଥାଉକି ଉଭୟ ଗ୍ରାମର ଚାଷୀଙ୍କୁ ଆତ୍ମନିର୍ଭର କରିବା ପାଇଁ ପି ଏସ ଏମ ଇ ବାବଦକୁ ଛେଳି ଚାଷ, କୁକୁଡ଼ା ପାଳନ, ପନିପରିବା ଚାଷ ପାଇଁ ସରକାର ଙ୍କ ତରଫରୁ ୧୬୦୦୦ଟଙ୍କା ପ୍ରଦାନ କରାଯାଇଥିଲା କିନ୍ତୁ ଚଞ୍ଚକତା କରି କମିଟି ର ସମ୍ପାଦକ ଏବଂ ଅନ୍ୟ ଜଣେ କମିଟିର ସଦସ୍ୟଙ୍କ ସହାୟତାରେ ଯେଉଁ ଚାଷୀଙ୍କ ବ୍ୟାଙ୍କ ଖାତାକୁ ଟଙ୍କା ଯାଇଥିଲା ସେମାନଙ୍କ ଠାରୁ ଧମକେଇ ଡରେଇ ଘର କାଟିଦେବୁ ଏବଂ ଏ ଟଙ୍କା ଅଫିସର ନେବେ କହି ଟଙ୍କାକୁ ପୁନଃଚ ନେଇଗଲେ, ଏ ନେଇ କଙ୍କଡ଼ାହାଡ଼ ଠାରେ ସୋମବାର ଜିଲ୍ଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣୀ ସମୟରେ ଷୋଷଣର ଶିକାର ହେଇଥିବା ହିତାଧିକାରୀ ମାନେ ଅଭିଯୋଗ କରିଥିଲେ ଜିଲ୍ଲାପାଳ ଓ ବିଭାଗୀୟ ଅଧିକାରୀ ଙ୍କୁ ତାଗିଦ କରିବା ସହ ଦୋଷୀ ଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଅନ୍ୟ ଏକ ଅଭିଯୋଗ ମୁତାବକ ଉଭୟ ଗ୍ରାମରେ ଥିବା ପୁରୁଣା ପୋଖରୀକୁ ନୂଆଁ ଦର୍ଶାଇ ମିଥ୍ୟା ବିଲ ଜଳବିଭାଜିକା ତରଫରୁ ଏବଂ ଅନ୍ୟପଟେ ମନରେଗା ଯୋଜନାରେ ସେଇ ସମାନ ପୂଖରୀକୁ ବ୍ଲକ ଏବଂ ପଂଚାୟତ ତରଫରୁ ପୁନଃରୁଦ୍ଧାର (ଦେହୁରୀହତା ରେ ଥିବା କୁସୁମମୁଣ୍ଡା ପୂଖରୀ ଯାହାର ଓ୍ୱାର୍କ କୋଡ- ୨୪୦୭୦୦୫୦୦୮/ଡଐ/ ୧୦୩୮୮୨୯୧) ଏବଂ ଜରଡ଼ା ରେ ଥିବା ଦାଣ୍ଡି କିଆରୀ ପୂଖରୀ ଯାହାର ଓ୍ୱାର୍କ କୋଡ଼ - ୨୪୦୭୦୦୫୦୦୮/ଡଐ/ ୧୦୯୫୦୭୮୭) ପାଇଁ ଲକ୍ଷ୍ୟଲକ୍ଷ୍ୟ ଟଙ୍କା ହଡପ ଅଭିଯୋଗ ଅନୁମାନ କରାଯାଉଛି ତାହାକୁ ତଦନ୍ତ କଲେ ସତ୍ୟା ସତ୍ୟ ଜଣା ପଡିବ ବୋଲି ଆମେ ଗ୍ରାମବାସୀ ଏହାର ଉଚ୍ଚସ୍ତରୀୟ ସମସ୍ତ କାର୍ଯ୍ୟର ତଦନ୍ତ ହବା ସହ ଭିଜିଲାନ୍ସଙ୍କ ଦ୍ୱାରସ୍ତ ହେବେ ବୋଲି କହିଛନ୍ତି । ଏ ସମସ୍ତ ଦିଗପ୍ରତି ଦୃଷ୍ଟି ଦେଇ ଦୋଷୀଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବା ସହ ଯେଉଁ ହିତାଧିକାରୀ ଠାକମୀ ର ଶିକାର ହେଇଛନ୍ତି ତାଙ୍କୁ ତାଙ୍କ ସହାୟତା ରାଶି ଫେରସ୍ତ ଦିଆଯିବା ପାଇଁ ସରକାର ଙ୍କୁ ଅନୁରୋଧ ।

## ପ୍ଲାଷ୍ଟିକ୍ ମୁକ୍ତ ଭାରତ ଗଠନ ପାଇଁ ପ୍ରୟାସ ଜାରି: ଅବ୍ୟବହୃତ ପ୍ଲାଷ୍ଟିକ୍ ବୋତଲରେ ଗଛକୁ ସୁରକ୍ଷା



ଅନୁଗୁଳ, (ମହାଭାରତ): ଅନୁଗୁଳ ଜିଲ୍ଲାର ସମାଜସେବୀ କିନ୍ନର ଚିନ୍ମୟୀ ଦାସ ସମାଜସେବା କ୍ଷେତ୍ରରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି । ସମାଜସେବା ପାଇଁ ତାଙ୍କର ଉଲ୍ଲେଖନୀୟ କାର୍ଯ୍ୟ ନେଇ ସବୁଠି ପ୍ରଶଂସା । ଏବେ ସେ ଅବ୍ୟବହୃତ ପ୍ଲାଷ୍ଟିକ୍ ବୋତଲକୁ ସଂଗ୍ରହ କରି ସେଥିରେ ଗଛକୁ କିଭଳି ସୁରକ୍ଷା ଦେବା ଆରମ୍ଭ କରିଛନ୍ତି । ତାଙ୍କର ଏହି ନିଆରା ପ୍ରୟାସକୁ ନେଇ ସବୁଠି ଚର୍ଚ୍ଚା ଚାଲିଛି ।ସୂଚନା ଅନୁସାରେ, ଅନୁଗୁଳର ଚିନ୍ମୟୀ ଦାସ ମାନବ ସେବା ଟ୍ରଷ୍ଟ ନାମରେ ଏକ ସେବଶ୍ରମ ଚଳାଇ ଆସୁଛନ୍ତି । ସେଠାରେ ଅସହାୟ ବୃଦ୍ଧ, ବୃଦ୍ଧାଙ୍କ ସମେତ ଶିଶୁମାନେ ରହୁଛନ୍ତି । ତେବେ ପରିବେଶ ତଥା ବନ୍ୟଜନ୍ତୁଙ୍କ ସୁରକ୍ଷା ନେଇ ସେ ସବୁବେଳେ ସଚେତନତା ବାର୍ତ୍ତା ଦେଉଛନ୍ତି । ଗାଁ ଗାଁରେ ଯାଇ ଜଙ୍ଗଲ ଓ ବନ୍ୟଜନ୍ତୁ ସୁରକ୍ଷା ସମ୍ପର୍କରେ ବିଭିନ୍ନ ରୂପରେ ଢଙ୍ଗରେ ସଚେତନତା ସୃଷ୍ଟି କରୁଛନ୍ତି । ସେହିପରି ଅନୁଗୁଳ ଓ ରାଜଧାନୀରେ ମଧ୍ୟ ନିଜକୁ ଗଛ ବେଶରେ ସଜାଇ ସାଧାରଣ ଲୋକଙ୍କୁ ଗଛ ସୁରକ୍ଷା ନେଇ ବୁଝାଇ ଆସୁଛନ୍ତି । ତେବେ ବ୍ୟବହାର ପରେ ଫୋପଡ଼ି ଦିଆଯାଇଥିବା ପାଣି ଓ ମୃଦୁ ପାନୀୟ ବୋତଲ ପରିବେଶ ପାଇଁ କ୍ଷତିକାରକ ହୋଇଥିବା ବେଳେ ସେ ଏହି ବୋତଲକୁ ସଂଗ୍ରହ କରି କିପରି ଗଛକୁ ସୁରକ୍ଷା ଦିଆଯାଇପାରିବ ସେ ନେଇ ଉ ଉଦ୍ୟମ ଆରମ୍ଭ କରିଛନ୍ତି । ଚିନ୍ମୟୀ କିଛିଦିନ ହେଲା ରାସ୍ତାରେ ପଡ଼ିଥିବା ପ୍ଲାଷ୍ଟିକ ବୋତଲକୁ ଗୋଟାଇ ରଖିଥିବା ବେଳେ ଆଜି ଗଛ ସୁରକ୍ଷାରେ ଲଗାଇଛନ୍ତି । ସେହି ବୋତଲରୁ ମଧ୍ୟ ବର୍ଷାଜଳ ସଂରକ୍ଷଣ ହୋଇ ସବୁବେଳେ ଗଛକୁ ଜଳ ଯୋଗାଣର ସାହାରା ପାଲଟିବ ବୋଲି ଚିନ୍ମୟୀ ପ୍ରକାଶ କରିଛନ୍ତି । ଆଜି ମାନବ ସେବାଶ୍ରମରେ ଏଭଳି ପ୍ରୟାସ କରିଥିବା ବେଳେ ଆଗକୁ ଜିଲ୍ଲାର ବିଭିନ୍ନ ଅଞ୍ଚଳର କରିବେ ବୋଲି କହିଛନ୍ତି । ଫଳରେ ପରିବେଶ ପ୍ଲାଷ୍ଟିକମୁକ୍ତ ସହିତ ଗଛ ସୁରକ୍ଷା ହେବ ବୋଲି ସେ ଆଶା ରଖିଛନ୍ତି ।

## କୁଟ୍ରାଗଡରେ ଗଞ୍ଜେଇ ଜବତ: ୨ ଗିରଫ

ବିଷମ କଟକ, (ମହାଭାରତ) : ବିଶେଷ ସୂତ୍ରରୁ ମିଳିଥିବା ଖବର ଆଧାରରେ ମୁନିଗୁଡା ଓ ବିଷମ କଟକ ଅବକାରୀ ଥାନା ଯୁକ୍ତ ଚଢ଼ାଉ କରି ୧୦ କିଲୋ ଗଞ୍ଜେଇ ଜବତ କରିଥିବା ସହିତ ୨ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି । ଶୁକ୍ରବାର ପୂର୍ବାହ୍ନ ପ୍ରାୟ ୨ ଟା ସମୟରେ ମୁନିଗୁଡା ଥାନା ଅନ୍ତର୍ଗତ କୁଟ୍ରାଗଡ ମୁଖ୍ୟ ରାସ୍ତାରେ ବାଲିଗୁଡାରୁ ଗଞ୍ଜେଇ ଚାଲାଣ କରୁଥିବା ବଳରାମ ପୂଜାରୀ (୨୮) ଓ ମୂରଲୀ ପାତ୍ର (୩୮)ଙ୍କୁ ଅବକାରୀ ବିଭାଗ ପକ୍ଷରୁ ଧରା ପଡ଼ାଯାଇଛି । ଏହି ମକଦ୍ଦମା ଆଦର୍ଶ ଅବକାରୀ ଥାନା ବିଷମ କଟକ କେସ ସଂଖ୍ୟା-୯୨/୨୦୨୫-୨୬ ରେ ରଜିଷ୍ଟାର୍ କରାଯାଇଥିବା ସହିତ ୧୦ କିଲୋ ଗଞ୍ଜେଇ ଜବତ ହୋଇଛି । ଚଢ଼ାଉ କାର୍ଯ୍ୟରେ ବିଷମ କଟକ ଅବକାରୀ ଥାନାର କବିରାଜ ତାଣ୍ଡି, ପଙ୍କଜ କୁମାର ନାୟକ, ଏ.ଏସ୍.ଆଇ. ରମଜାନ ଖାନ୍ ସହିତ ଅନ୍ୟାନ୍ୟ ସଦସ୍ୟମାନେ ମୁଖ୍ୟ ଭୂମିକା ନିଭାଇଥିଲେ ।

## ବ୍ଲକ ସ୍ତରୀୟ ହିନ୍ଦୀ ଦିବସ ସମାରୋହ



ଗଣିଆ, (ମହାଭାରତ ): ହିନ୍ଦୀ ଭାଷା ଏକ ରାଷ୍ଟ୍ରୀୟ ଭାଷା ର ମାନ୍ୟତା ପାଇଥିବା ବେଳେ ଏହା ର ବ୍ୟବହାର ସମାଜ ରେ କମି କମି ଯାଉଥିବା ଯୋଗୁ ଶନିବାର ଦିନ ଗୁପ୍ତେଶ୍ୱରସରକାରୀ ବିଦ୍ୟାପୀଠ ଛାମୁଣ୍ଡିଆ ଠାରେ ହିନ୍ଦୀ ଭାଷା ସମାରୋହ ଅନୁଷ୍ଠିତ ହୋଇଥିଲା । ଉକ୍ତ ଭାଷା ସମାରୋହ ରେ ମୁଖ୍ୟ ଅତିଥି ଭାବେ ଗଣିଆ ଗୋଷ୍ଠି ଶିକ୍ଷା ଅଧିକାରୀ ରବୀନ୍ଦ୍ର କୁମାର ରାଉତରାୟ ଯୋଗଦେଇଥିବା ବେଳେ ମୁଖ୍ୟ ବକ୍ତା ଭାବେ ଅବସର ପ୍ରାପ୍ତ ଶିକ୍ଷକ ତଥା କବି ଓ କଥା କାର ଗୋଦାବରୀ ବସନ୍ତିଆ, ବକ୍ତା ଅଧ୍ୟାପକ ନିରାକାର ସ୍ୱାଇଁ ସମ୍ମାନିତ ଅତିଥି ଭାବେ ସରପଞ୍ଚ ଦିପ୍ତୀରେଖା ସେନାପତି, ଶିକ୍ଷକ ଜଗଦିଶ ଚନ୍ଦ୍ର ମିଶ୍ର, ଶିକ୍ଷକ ସରୋଜ କୁମାର ବେହେରା, ଅବସର ପ୍ରାପ୍ତ ଶିକ୍ଷକ ଗିରିଶ ଚନ୍ଦ୍ର ମିଶ୍ର, ଅବସର ପ୍ରାପ୍ତ ଶିକ୍ଷକ ମହେନ୍ଦ୍ର କୁମାର ମହାରଣା ମଞ୍ଚାସିନ ଥିଲେ । ଗୁପ୍ତେଶ୍ୱର ସରକାରୀ ବିଦ୍ୟାପୀଠ ର ପ୍ରଧାନ ଶିକ୍ଷକ ରଜତ କୁମାର ପ୍ରଧାନ ଙ୍କ ସଭାପତିତ୍ୱ ରେ ସଭା ପରିଚାଳନା ହୋଇଥିଲା ୧୯୪୯ ମସିହା ସେପଟ୍ମେର ମାସ ରେ ହିନ୍ଦୀ ଭାଷା କୁ ରାଷ୍ଟ୍ରୀୟ ଭାଷା ର ମାନ୍ୟତା ମିଳିଥିଲା ବୋଲି ମୁଖ୍ୟ ଅତିଥି ଜଣାଇଥିଲେ । ହିନ୍ଦୀ ଭାଷା ରେ ଛାତ୍ର ଛାତ୍ରୀ ମାନଙ୍କୁ ନାଟ୍ୟ ପରିବେଷଣ କରାଇବା ନିମନ୍ତେ ଅତିଥି ମାନେ ପ୍ରସ୍ତାବ ଦେଇଥିଲେ, ହିନ୍ଦୀ ଭାଷା ର ମଧୁରତା ଅନ୍ୟ ଭାଷା ରେ ନଥାଏ ବୋଲି ବକ୍ତା ମାନେ ଜଣାଇଥିଲେ । ଏଥି ସହିତ ଓଡ଼ିଆ ଭାଷା ବର୍ଣ୍ଣ ଲିପି ମାତ୍ର ଓ ବ୍ୟାକରଣ ସହିତ ଜଡିତ ଥିବା ମୁଖ୍ୟ ବକ୍ତା ଜଣାଇଥିଲେ । ବିଭିନ୍ନ ରାଜ୍ୟ ର ନାମ ଅନୁଯାଇ ଭାଷା ର ସଂଯୋଗ ରହିଅଛି ବୋଲି ଶିକ୍ଷକ ସରୋଜ ବେହେରା ଜଣାଇଥିଲେ ।

## 'ଭାଗ୍ୟଶ୍ରୀ' ସ୍ମାରକୀ ରାଜ୍ୟସ୍ତରୀୟ ଓପନ ଚେସ୍ ଟୁର୍ଣ୍ଣାମେଣ୍ଟ ଉଦଘାଟିତ




ବାରଙ୍ଗ, (ମହାଭାରତ) : ପ୍ରଥମ ରାଜ୍ୟ ସ୍ତରୀୟ ଭାଗ୍ୟଶ୍ରୀ ସ୍ମାରକୀ ରେଟେଡ଼ ଓପନ ଚେସ୍ ଟୁର୍ଣ୍ଣାମେଣ୍ଟ ସଦର ଥାନା ଅନ୍ତର୍ଗତ କୁରାଙ୍ଗଶାସନ ଠାରେ ଥିବା ହୋଟେଲ ଆମ୍ରପଲ୍ଲୀ ରିସର୍ଟ ପରିସରରେ ଆରମ୍ଭ ହୋଇଛି । ଏସଆର ଚେସ ସେଣ୍ଟର ଆନୁକୂଲ୍ୟରେ ଆୟୋଜିତ ଏହି ପ୍ରତିଯୋଗିତାକୁ କ୍ରୀଡ଼ାବିତ ତଥା ଅଲିମ୍ପିଆନ ଅନୁରାଧା ବିଶ୍ୱାଳ ମୁଖ୍ୟ ଅତିଥିଭାବେ ଯୋଗଦେଇ ଉଦଘାଟନ କରିଥିଲାବେଳେ ଶୁଭାଶିଷ ପଟ୍ଟନାୟକ, ସତ୍ୟରଞ୍ଜନ ପଟ୍ଟନାୟକ, ବଡ଼ଝରିଲୋ ମା ଶ୍ୟାମାକାଳୀ ସାଂସ୍କୃତିକ ପରିଷଦ ସଭାପତି ପ୍ରତାପ ଚନ୍ଦ୍ର ପଣ୍ଡା, ଭବେଶ ମହାନ୍ତି, ଦୁର୍ଗା ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ । ଏହି ପ୍ରତିଯୋଗାତାରେ ୩ଶହରୁ ଉର୍ଦ୍ଧ୍ୱ ସଂଖ୍ୟକ ଖେଳାଳି ଅଂଶଗ୍ରହଣ କରିଥିଲାବେଳେ ଏହା ୪ଦିନ ଧରି ଚାଲିବବୋଲି ଆୟୋଜକ ସଦସ୍ୟ ତଥା କ୍ରୀଡ଼ା ପ୍ରଶିକ୍ଷକ ପ୍ରଦୀପ ଚନ୍ଦ୍ର ପଣ୍ଡା ସୂଚନା ଦେଇଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ଅଶ୍ୱିନୀ ମହାପାତ୍ର, ରବିନାରାୟଣ ପଣ୍ଡା, ଇନ୍ଦୁଭୂଷଣ ରଥ, ପ୍ରଫେସର କୁମାର ଦେବଦତ୍ତ, ଜିତେନ୍ଦ୍ର ମହାନ୍ତି, ଇଂ.ଫଣିଭୂଷଣ ମହାନ୍ତି, ଶ୍ରୀ ସନ୍ନ୍ୟାସୀଜୀ, ଜୟଦେବ ପ୍ରଧାନ, ବଡ଼ଝରିଲୋ ମା ଶ୍ୟାମାକାଳୀ ସାଂସ୍କୃତିକ ପରିଷଦ ସମ୍ପାଦକ ସୁବୋଧ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

## ଦୃତ ୭୫ ଏମଏମଟି ପଣ୍ୟ କାରବାର କରି ରେକର୍ଡ ସୃଷ୍ଟି କଲା ପାରାଦୀପ ବନ୍ଦର

ପାରାଦୀପ, (ମହାଭାରତ ): ଚଳିତ ଆର୍ଥିକ ବର୍ଷର ପ୍ରଥମ ୬ମାସ ପୁରା ହେବାକୁ ୧୦ ଦିନ ଥିବା ବେଳେ ପାରାଦୀପ ବନ୍ଦର ୭୫ ଏମଏମଟି ପଣ୍ୟ କାରବାର କରି ରେକର୍ଡ ସୃଷ୍ଟି କରିଛି । ଏହି ଦୃତ ପଣ୍ୟ କାରବାର ସମଗ୍ର ଦେଶର ବୃହ□ ବନ୍ଦରମାନଙ୍କୁ ପଛରେ ପକାଇ ପାରାଦୀପ ବନ୍ଦର ଏହି ଐତିହାସିକ ରେକର୍ଡ ସୃଷ୍ଟି କରି ପାରିଛି । ଏହି ସମୟ ମଧ୍ୟରେ ପାରାଦୀପ ବନ୍ଦରର ପଣ୍ୟ କାରବାରରେ ୫.୦୩ ପ୍ରତିଶ୍ତତ ଅଭିବୃଦ୍ଧି ହୋଇଛି । କ୍ରୁଡ୍ ଅଏଲ ପରିବହନ କ୍ଷେତ୍ରରେ ୧୭.୨୨ ଏମଏମଟି ପରିବହନ କରି ୧୯.୩୪ ପ୍ରତିଶତ ଅଭିବୃଦ୍ଧି ହୋଇଛି । ତଟୀୟ ଥର୍ମାଲ କୋଇଲା ପରିବହନ କ୍ଷେତ୍ରରେ ୨୨.୫୧ ଏମଏମଟି ପଣ୍ୟ କାରବାର କରି ପାରାଦୀପ ବନ୍ଦର ୪.୩ ପ୍ରତିଶତ ଅଭିବୃଦ୍ଧି କରି ପାରିଛି । ବନ୍ଦର ଅଧ୍ୟକ୍ଷ ପି.ଏଲ.ହରନାଦ ଏହି ସଫଳତା ନିମେ' କେନ୍ଦ୍ର ବନ୍ଦର, ଜାହାଜ ଚଳାଚଳ ଓ ଜଳମାର୍ଗ ବିଭାଗ ମନ୍ତ୍ରୀ ସର୍ବାନନ୍ଦ ସେନୋଓାଲଙ୍କ ମାର୍ଗଦର୍ଶନ ଓ ନେତୃତ୍ୱକୁ କୃତଜ୍ଞତା ଜଣାଇର୍ଛି । ଏଥି ସହିତ ଶ୍ରୀ ହରନାଦ ବନ୍ଦର ଅଧିକାରୀ, କର୍ମଚାରୀ, ବନ୍ଦର ବ୍ୟବହାରକାରୀ, ଷ୍ଟିଭେଡୋର୍ସ, ଷ୍ଟିମସିପ୍ ଏଜେ□, ଟ୍ରେଡ୍ ୟୁନିୟନ, ପିପିପି ଅପରେଟରଙ୍କୁ ସେମାନଙ୍କ ସହଯୋଗ ନିମେ' ଧନ୍ୟବାଦ ଜଣାଇର୍ଛି । ଏହି ସଫଳତା ଦେଶର ନୌବାଣିଜ୍ୟିକ କ୍ଷେତ୍ରରେ ପାରାଦୀପର ସଫଳତା ସମଗ୍ର ବିଶ୍ୱରେ ଏକ ସ୍ୱତନ୍ତ୍ର ସ୍ଥାନରେ ପହଂଚାଇବ ।

## ଗର୍ଭ ବତୀ ପ୍ରସୂତିଏବଂ କିଶୋରୀ ବାଳିକା ମାନଙ୍କୁ ଉପଯୁକ୍ତ ପୋଷଣ ଅଭିଯାନ




କଳାହାଣ୍ଡି, (ମହାଭାରତ): ମମତା ହେଲଥ ଇନଷ୍ଟିଚ୍ୟୁଟ ଫର ମଦର ଆଣ୍ଡ ଚାଇଲଡ୍ ଅର୍ଗାନାଇଜେସନ ର ପ୍ରକଳ୍ପଜାଗୃତି ଦ୍ୱାରା ଧର୍ମଗଡ ଏବଂ ମଦନପୁର ରାମପୁର ବ୍ଲକ ର ୨୦ ରୁ ୨୫ ଟି ଗ୍ରାମ ରେ 'ମୁନି ଅଭିଜାନ ' ( ଗସମକ୍ସକ୍ଟ-ଭଙ୍କଗ୍ଧକ୍ସସରଭଗ୍ଧ ଟକ୍ଟଗ୍ଧବଳର ବଭୟ ଘଙ୍କଗ୍ଧକ୍ସସଗ୍ଧସକ୍ଟଭ ଓଭ-ମକ୍ସରଙ୍କରଭଗ୍ଧ) କରାଯାଇଅଛି । ଏହି କାର୍ଯ୍ୟକ୍ରମ ର ମୁଖ୍ୟ ଉଦେଶ୍ୟ ହେଉଛି ଗର୍ଭବତୀ, ପ୍ରସୂତୀ ଏବଂ କିଶୋରୀ ବାଳିକା ମାନଙ୍କୁ ଉପଯୁକ୍ତ ପୋଷଣ ବିଷୟରେ ସମ୍ୟକ୍ ଧାରଣା ଦେବ । ଏହି କାର୍ଯ୍ୟକ୍ରମ ରେ ପୋଷଣ ବଗିଚା ଉପରେ ୨୦ ଟି ଗ୍ରାମ ର ଲୋକ ମାନଙ୍କୁ ଚିହ୍ନଟ କରାଯାଇ ପ୍ରଶିକ୍ଷଣ ଦିଆଯାଇଥିଲା । ଏହି ପ୍ରଶିକ୍ଷଣ ମମତା ସଂସ୍ଥା ର ରେଜନାଲ ମ୍ୟାନେଜର ମି. ରୋହିତ ପ୍ରଦାନ କରିଥିଲେ । ସେ ଲୋକ ମାନଙ୍କୁ ବୁଝାଇଥିଲେ ଯେ ଆଜି ର ଦିନରେ ଆମେ କେମିତି ଭାବରେ ଜୈବିକ ଉପାୟରେ ପରିବା ଜମି ରେ ଲଗାଇବା । ରାସାୟନିକ ସାର ର ବ୍ୟବହାର ନ କରିବା । ରାସାୟନିକ ସାର ର ବ୍ୟବହାର ରେ ହେଉଥିବା ପରିବା ଖାଇଲେ ଆମ ଦେହ ପାଇଁ ବହୁତ୍ ଖରାପ । ଏହା ଦ୍ୱାରା ହୃଦ୍ଘାତ, ସୁଗର, ରକ୍ତଚାପ ବଢ଼ିବାରେ ଲାଗିଛି । ତେଣୁ ଆମେ ସାର ର ବ୍ୟବହାର ନ କରି ଘରେ ଜୈବିକ ଖତ ତିଆରି କେମିତି କରିବା ତାହା ମଧ୍ୟ ଶିଖାଇଥିଲେ । ଏହା ସହିତ ସେମାନଙ୍କୁ ୨୦ ପ୍ରକାର ର ମଞ୍ଜି ଦେବା ପାଇଁ କୁହାଯାଇଥିଲା । ଯାହା ସେମାନେ ନିଜ ବାଡ଼ି ପଛପଟେ ଲଗାଇ ଖାଇପରିବେ । ତତ୍ ସହିତ ଆମେ ଆମର ଦୈନନ୍ଦିନ ଜୀବନରେ ତେଲ ର ବ୍ୟବହାର ବହୁତ୍ କମ କରିବା ଉଚିତ୍ । ଏହା ବ୍ୟତୀତ ପଥ ପ୍ରାନ୍ତ ନାଟକ ମାଧ୍ୟମ ରେ ମଧ୍ୟ ଲୋକ ମାନଙ୍କୁ ସଚେତନ କରାଯାଇଥିଲା ନିଜ ଘରେ ନିଜ ପରିବା ଲଗାଇ ନିଜେ ଖାଇବା ଏବଂ ବେଶୀ ଉତ୍ପାଦନ ହେଲେ ସେଥିରୁ ବଜାର ରେ ମଧ୍ୟ ବିକ୍ରୟ କରି ଲାଭବାନ ହେଇପାରିବ । ଏହି କାର୍ଯ୍ୟକ୍ରମ କୁ ମମତା ର ଜିଲ୍ଲା ସଂଯୋଜିକା ବର୍ଷାରାଣୀ ଦାସ ଙ୍କ ସହିତ ମମତାର ସମସ୍ତ କର୍ତ୍ତା ମାନେ ମିଶିକି ସଫଳ ଭାବେ ପରିଚାଳିତ କରିଥିଲେ ।




# ଅଞ୍ଚଳ କଥା

ଆପଣା ମାଟିର କଥା ଓ ବ୍ୟଥା






## ତନ୍ତ୍ରେଶ୍ୱରୀ ବାରାହୀଙ୍କ ଅଲୌକିକ ନାଭି ହୀରା ଓ ପାର୍ବଣ ପୂଜା



କାକଟପୁର( ମହାଭାରତ): ପ୍ରାଚୀ ଉପତ୍ୟକାରେ ରହିଥିବା ପ୍ରସିଦ୍ଧ ପ୍ରାଚୀନ ମନ୍ଦିର ମାନଙ୍କ ମଧ୍ୟରୁ ପୁରୀ ଜିଲ୍ଲା କାକଟପୁର ଋରିଛକ ରାସ୍ତା ତୁଳସୀପୁର ପଞ୍ଚାୟତ ର ଚଉରାଶି ଗ୍ରାମରେ ଥିବା ବରାହୀ ମନ୍ଦିର ଅନ୍ୟତମ ।ଐତିହାସିକ କେଦାରନାଥ ମହାପାତ୍ର, ଶ୍ୟାମ ସୁନ୍ଦର ତ୍ରିପାଠୀ, ଡ଼.କୃଷ୍ଣଚନ୍ଦ୍ର ପାଣିଗ୍ରାହୀ, ପ୍ରତ□ ବିଭାଗ ର ପୂର୍ବତନ ଅଧ୍ୟକ୍ଷ ଡ଼. ପ୍ରଶାନ୍ତ କୁମାର ରାୟ ପ୍ରମୁଖ ଙ୍କ ମତରେ ପ୍ରାଚୀ ଉପତ୍ୟକା ର ବରାହୀ ମନ୍ଦିର ଟି ୯ମ ଶତାବ୍ଦୀ ର କୀର୍ତ୍ତି ହୋଇଥିବାବେଳେ ଏହା ସେ ସମୟ ରେ ତନ୍ତ୍ର ସାଧନା ଓ ତନ୍ତ୍ର ଶିକ୍ଷା ପ୍ରଦାନ ର ମୁଖ୍ୟ ସ୍ଥଳୀ ଥିଲାୟ ସେ ସମୟ ରେ ମା ବରାହୀ ଙ୍କୁ ପ□ମକାର ମତ୍ସ୍ୟ, ମଦ, ମୁଦ୍ରା,ମୈଥୁନ ଓ ମାଂସ ରେ ପୂଜା କରା ଯାଉଥିବା ବେଳେ ଏଠାରେ ଅଷ୍ଟ କାମକଳା ଯଥା, ବଶୀକରଣ, ସମ୍ମୋହନ, ଆକର୍ଷଣ, ଯୋନି ଅଭିଷେକ, ପୁନଃଶ୍ଚରଣ,ରଜ ପାନ, ପ୍ରସ୍ଥାୟ, ନିବୃତ୍ତି ଆଦି ଶିକ୍ଷା ପ୍ରଦାନ କରା ଯାଉଥିଲା। ଏଥିପାଇଁ ମନ୍ଦିର ଦେହ ରେ ୬୪ କାମ କଳା ର ଚିତ୍ର ଅଙ୍କା ଯାଇଛି ।ମନ୍ଦିର ର ଆକୃତି ଏକ ଡମ୍ବରୁ ପରି ଓ ଏହା ଖାକ୍ରା ବା ଗଉରୀଚଉରା ଶୈଳୀ ରଥମୁଖଶାଳା ର ଆକୃତି ଦେଶୀ ଡଙ୍ଗା ପରି ।ମନ୍ଦିର ଟି ସୁକ୍ଷ୍ମ କାରୁକାର୍ଯ୍ୟ ରେ ପରିପୂର୍ଣ। ମନ୍ଦିର ଟି କଳା ମୁଗୁନି ପଥର ର ପୀଠ ଉପରେ କ୍ଲୋରାଇଟ ପଥର ରେ ର୍ନିମିତ ହୋଇଛି। ମନ୍ଦିର ର ପଶ୍ଚିମ ପାଶ୍ ର୍ବ୍ୟ ରେ ପାଶ୍ ଦେବତା ଭାବେ ସୂର୍ଯ୍ୟ ନାରାୟଣ ପୂଜା ପାଉଥିବା ଦେଖିବାକୁ ମିଳେ। ତ୍ରୟୋଦଶ ଶତାବ୍ଦୀ ରେ କୋଣାର୍କ ଠାରେ ସୂର୍ଯ୍ୟ ମନ୍ଦିର ନିର୍ମାଣ ସମୟ ରେ ଏହି ମନ୍ଦିର ଠାରେ କିଛି ଶିଳ୍ପୀ ( ବଢ଼େଇ) ଅବସ୍ଥାନ କରି କୋଣାର୍କ ମନ୍ଦିର ପାଇଁ ପଥର ଦେହରେ ସୂକ୍ଷ୍ମ କାରୁକାର୍ଯ୍ୟ କରୁଥିଲେ ।ସେହି ପଥର ଗୁଡ଼ିକୁ ପ୍ରାଚୀ ନଦୀ ବକ୍ଷ ରେ ଭେଳା ସାହାଯ୍ୟ ରେ କୋଣାର୍କ କୁ ନିଆ ଯାଉଥିଲା ବୋଲି ଗବେଷକ ମାନେ କୁହନ୍ତି। ବଢ଼େଇ ମାନେ ଏଠାରେ ର୍ଦିଘ କାଳ ଅବସ୍ଥାନ କରି ଥିବାରୁ ସ୍ଥାନୀୟ ଅଞ୍ଚଳ ରେ ଏହି ମନ୍ଦିର କୁ ବଢ଼େଇ ଦେଉଳ କୁହା ଯାଇଥାଏ ବୋଲି ଗବେଷକ ଓ ଲେଖକ ଲକ୍ଷ୍ମୀଧର ସାହୁ ତାଙ୍କ ଦ୍ୱାରା ରଚିତ ବିଭିନ୍ନ ଐତିହାସିକ ପୁସ୍ତକ ରେ ପ୍ରକାଶ କରିଛନ୍ତି। ମା ବରାହୀ ଙ୍କ ମୂର୍ତ୍ତୀ ର ଉଚ୍ଚତା ପ୍ରାୟ ୪ଫୁଟ ହୋଇ ଥିବାବେଳେ ମସୃଣ କଳା ମୁଗୁନି ପଥର ରେ ର୍ନିମିତ ହୋଇଛି। ମା ଙ୍କ ଶରୀର ର ରଙ୍ଗ କଳା ଓ ଶକ୍ତ ।ମୂର୍ତ୍ତୀ ଟି ଜୀବନ୍ତ ଓ ଭୟଙ୍କର ଦେଖାଯାଏ। ମା ଙ୍କ ମୁହଁ ଟି ବରାହ ପରି ହୋଇ ଥିବାବେଳେ କାନ ରେ କୁଣ୍ଡଳୀ ପିନ୍ଧିଛନ୍ତି ।ବେକରେ ଏକ ଲମ୍ବା ହାର ଉନ୍ମୁକ୍ତ ସ୍ତନ ଯୁଗଳ ପର୍ଯ୍ୟନ୍ତ ଲମ୍ବି ଯାଇଛି ।ମା ଙ୍କ କପାଳ ରେ ତୃତୀୟ ନୟନ ଥିବାବେଳେ ନାଭି ସ୍ଥାନ ରେ ଏକ ବିରାଟ ଗର୍ତ୍ତ ଦେଖାଯାଏ ।ଗ୍ରାମବାସୀ ପ୍ରଭାତ କୁମାର ଦାଶ କୁହନ୍ତି ଯେ, ସେ ସମୟରେ ଆଲୋକ ର ବ୍ୟବସ୍ଥା ନ ଥିଲା ।ବରାହୀ ମନ୍ଦିର ର ଗର୍ଭ ଗୃହ ସମ୍ପୂର୍ଣ ଅନ୍ଧକାରୟ ମା ଙ୍କ ନାଭି ସ୍ଥାନ ରେ ଏକ ବୃହତ ହୀରା ଖଞ୍ଜା ଯାଇଥିଲା ।ସେହି ହୀରା ଦ୍ୱାରାମନ୍ଦିର ର ଅନ୍ଧକାର ଗର୍ଭ ଗୃହ ଆଲୋକିତ ହୋଇ ପାରୁଥିଲା। ଉକ୍ତ ହୀରା ଟିକୁ ପର୍ତ୍ତୁଗୀଜ ଦସ୍ୟୁ ମାନେ ଲୁଟ କରି ନେଇ ଯାଇଥିବା ଲୋକକଥା ରହିଛି। ମା ବରାହୀ ବୌଦ୍ଧ ମହାଯାନୀ ତାନ୍ତ୍ରିକ ମାନଙ୍କ ର ଆରାଧ୍ୟ ଦେବୀ ଥିଲେ ବୋଲି ଐତିହାସିକ ଓ ଗବେଷକ ମାନେ ମତ ପ୍ରକାଶ କରିଛନ୍ତି। ଏବେ ଆଉ ସେ ସମୟ ନାହିଁ। ଗ୍ରାମବାସୀ ମାନେ ତାଙ୍କୁ ହିନ୍ଦୁ ଧର୍ମ ର ଦେବୀ ଭାବେ ଗ୍ରହଣ କରି ପୁଜାର୍ଚ୍ଚନା କରି ଆସୁଛନ୍ତି। ପ୍ରତି ଦେବୀ ପୀଠ ପରି ଏଠାରେ ଶାରଦୀୟ ପାର୍ବଣ ପୂଜା ଧୁମ୍ ଧାମରେ ପାଳିତ ହୋଇଥାଏ। ମା ଙ୍କ ପୂଜକ ବିଜୟ ପାଣି କୁହନ୍ତି ଯେ, ଆଶ୍ୱିନ ମୂଳାଷ୍ଟମୀ ଠାରୁ ଦଶହରା/ ବିଜୟା ଦଶମୀ ପର୍ଯ୍ୟନ୍ତ ପ୍ରତିଦିନ ମା ଙ୍କୁ ଶୁଦ୍ଧ ସ୍ନାନ ପରେ ନବବସ୍ତ୍ର ପିନ୍ଧା ଯାଇଥାଏ। ସକାଳେ ବାଳ ଭୋଗ ସହିତ ଫଳ ମୂଳ, ମଧ୍ୟାହ୍ନ ରେ ଅନ୍ନ ଭୋଗ ସହିତ ଆମିଷ, ସଂଧ୍ୟାରେ ପୁନଃ ଫଳମୂଳ ଭୋଗ ଲାଗି କରା ଯାଇଥାଏ। ମା ଙ୍କ ପୂଜକ ତ୍ରିଲୋଚନ ପାଣି କୁହନ୍ତି ଯେ, ମହାଷ୍ଟମୀ ରାତି ରେ ମାଙ୍କ ସମ୍ମୁଖରେ ପୁରୋହିତ ଙ୍କ ଦ୍ୱାରା ଯଜ୍ଞ କରାଯାଇ ୧୦୮ ବେଲ ପତ୍ର ଅଗ୍ନି ରେ ଆହୁତି ପ୍ରଦାନ କରା ଯାଇଥାଏ। ଯାହା ଆଉ କେଉଁଠି ଦେଖିବାକୁ ମିଳେ ନାହିଁ। ଗ୍ରାମବାସୀ ମାନେ ପାଳି ରେ ମା ଙ୍କ ପାଇଁ ପୂଜା ସାମଗ୍ରୀ, ବସ୍ତ୍ର, ଭୋଗ ଯୋଗାଇ ଦେବା ସହିତ ପ୍ରତିଦିନ ଆମିଷ ଭୋଗ ଲାଗି କରିଥାନ୍ତି। ଦଶହରା ଦିନ ସମୂହ ଗ୍ରାମବାସୀ ଙ୍କ ପକ୍ଷରୁ ମା ଙ୍କୁ ପଣା ଭୋଗ ଅର୍ପଣ କରା ଯାଇଥାଏ। ଶେଷ ହୁଏ ତନ୍ତ୍ର ଦେବୀ ମା ବରାହୀ ଙ୍କ ଶାରଦୀୟ ପାର୍ବଣ ପୂଜାୟ ମନ୍ଦିର ଓ ମା ବରାହୀ ଙ୍କ ମୂର୍ତ୍ତୀ ଟି ଅତ୍ୟନ୍ତ ସୁନ୍ଦର ଓ ସୂକ୍ଷ୍ମ କାରୁ କାର୍ଯ୍ୟ ପୂର୍ଣ୍ଣ ହୋଇଥିବାରୁ ଏହାକୁ ଦେଖିବାକୁ ବହୁ ପର୍ଯ୍ୟଟକ ଏଠାକୁ ଆସିଥାନ୍ତିୟ ବର୍ଷ ସାରା ଏଠାରେ ଯାତ୍ରୀ ମାନଙ୍କ ଭିଡ଼ ଲାଗିଥାଏ। ଭୁବନେଶ୍ୱର - ଅସ୍ତରଙ୍ଗ ମୁଖ୍ୟ ରାସ୍ତା ର ଅମରେଶ୍ୱର ବଜାର ଠାରୁ ଉ□ର ଦିଗକୁ ଲମ୍ବି ଯାଇଥିବା ପିଚୁ ରାସ୍ତା ରେ ପ୍ରାୟ ୩ କିମି ଗଲେ ମା ବରାହୀ ଙ୍କ ମନ୍ଦିର ପଡେ।

## ଯାଜପୁର ଜିଲ୍ଲା କଂଗ୍ରେସ କମିଟି ସଭାପତି ଭାବେ ମାଗୁଣି ଜେନା ମନୋନୀତ

ବାଲିଚନ୍ଦ୍ରପୁର (ମହାଭାରତ): ନିଖିଳ ଭାରତ କଂଗ୍ରେସ କମିଟିର ତତ୍ତ୍ୱାବଧାନରେ ଅନୁଷ୍ଠିତ ସଂଗଠନ ସୁଜନ ଅଭିଯାନରେ ଯାଜପୁରର ଜିଲ୍ଲା କଂଗ୍ରେସ କମିଟି ସଭାପତି ଭାବେ ମାଗୁଣି ଜେନା ନିଯୁକ୍ତି ପାଇଛନ୍ତି, ତାଙ୍କ ନେତୃତ୍ୱ ଓ ଦିଗଦର୍ଶନ ରେ ଯାଜପୁର ଜିଲ୍ଲା ବଡ଼ଚଣା ନିର୍ବାଚନ ମଣ୍ଡଳୀ ରେ କଂଗ୍ରେସ ଦଳ ଅଧିକ ସୁସଙ୍ଗଠିତ ଓ କ୍ରିୟାଶୀଳ ହୋଇ ସାଧାରଣ ଲୋକଙ୍କ ଆସ୍ଥା ଭାଜନ ହୋଇପାରିବ ବୋଲି ଆଶା ପ୍ରକାଶ କରି ବଡ଼ଚଣା କଂଗ୍ରେସ ନେତା ଅଜୟ ସାମଲ, ପୂର୍ବତନ ବ୍ଲକ ସଭାପତି ସୁରେଶ ଚନ୍ଦ୍ର ସାହାଣୀ, ପ୍ରାକ୍ତନ୍ ସରପଞ୍ଚ ନୀଳକଣ୍ଠ ମିଶ୍ର, କରୁଣା କର ରଣା, ଦେବେନ୍ଦ୍ର ସାମଲ, ସେକ ରିୟାସତ ଅଲ୍ଲୀ, ବିଳାସ ଚନ୍ଦ୍ର ବାରିକ, ଅଜୟ ଜେନା, ବଟକୃଷ୍ଣ ଦାସ, ରମେଶ ଚନ୍ଦ୍ର ଜେନା, ଖଗେଶ୍ୱର ବେହେରା, ମାଧବ ମଲ୍ଲିକ, ଅଶୋକ କୁମାର ରାଉତ, ଅଶୋକ କୁମାର ବେହେରା, ଅଚ୍ୟୁତା ନନ୍ଦ ପଣ୍ଡା, ମନୋରଞ୍ଜନ ମଲ୍ଲିକ. ଶକ୍ତି ରଞ୍ଜନ ରାଉତ, କାହ୍ନୁ ଋରଣ ଦାସ, ମହେଶ୍ୱର ମହାପାତ୍ର, ସଂଜୟ କୁମାର କର, ସନ୍ତୋଷ କୁମାର ପରିଡା, ମହନୀ ଚରଣ ମହାନ୍ତି, ସୁଧାଂଶୁ ଶେଖର ଜେନା, ବାସୁଦେବ ସାମଲ ପ୍ରମୂଖ ଜିଲ୍ଲା ସଭାପତି ଶ୍ରୀଯୁକ୍ତ ଜେନାଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଛନ୍ତି।

## ସରକାରୀ ଶିଳ୍ପ ତାଲିମ କେନ୍ଦ୍ର ସମାବର୍ତ୍ତନ କାର୍ଯ୍ୟକ୍ରମ ଅନୁଷ୍ଠିତ



ହିଞ୍ଜିଳି କାଟୁ(ମହାଭାରତ )ସରକାରୀ ଶିଳ୍ପ ତାଲିମ କେନ୍ଦ୍ର, ହିଞ୍ଜିଳିକାଟୁ ଠାରେ ଏକ ସମାବର୍ତ୍ତନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଯାଇଅଛି ।ଏଥିରେ ମୁଖ୍ୟ ଅତିଥି ରୂପେ ବ୍ଲକ ଅଧକ୍ଷା ଶ୍ରୀମତୀ ସରସ୍ୱତୀ ସେଠୀ ହିଞ୍ଜିଳିକାଟୁ, ନଗର ନିଗମ ଅଧକ୍ଷ ଶ୍ରୀ ସୁବାସ ଚନ୍ଦ୍ର ପଳାଇ,କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ ସୁକାନ୍ତ ଚନ୍ଦ୍ର ବେହୁରା, ତହସିଲଦାର ଶ୍ରୀ ତପନ କୁମାର ମହାପାତ୍ର ଯୋଗ ଦେଇ ନିଜର ମୂଲ୍ୟବାନ ତଥ୍ୟ ତଥା ଉପଦେଶ ସମସ୍ତ ଛାତ୍ର ଛାତ୍ରୀ ଙ୍କ ଆଗରେ ରଖିଥିଲେ। କୃତୀ ଛାତ୍ର ଛାତ୍ରୀ ମାନେ ଅତିଥି ମାନଙ୍କ ଠାରୁ ପ୍ରମାଣପତ୍ର ଓ ଟ୍ରଫି ଗ୍ରହଣ କରିଥିଲେ ।ଶ୍ରୀମତୀ.ମୁକ୍ତି ରାଣୀ ସାମନ୍ତ, ଅଧକ୍ଷାଙ୍କ ତ୍ୱାବଧାନରେ ଶ୍ରୀ ଶଶାଙ୍କ ସେଖର ସାହୁ,ଶ୍ରୀ ଆଦ୍ୱୈତ୍ୟ ଚରଣ ନାୟକ, ଶ୍ରୀମତୀ ସ୍ୱାଗତିକା ମହାନ୍ତି ,ଶ୍ରୀ ଅଶୋକ କୁମାର୍ ଡାକୁଆ,ଶ୍ରୀ ସ୍ୱାଧୀନ ଶେଖର ସାହୁ ଏବଂ ଶ୍ରୀ ବିନୟ ଟୋପୋ ସଭା ପରିଋଳନା କରିଥିଲେ। ଶ୍ରୀ ଅନିଲ ଲାକ୍ରା,ଶ୍ରୀ ଲୋକେଶ୍ୱର ଘଡ଼େଇ,ଶ୍ରୀ ଦୀପକ ବିଷୋୟୀ,ଶ୍ରୀ ବି ମୋହନ କୁମାର, ଶ୍ରୀ ଶେଖର ସାହାଣୀ,ଶ୍ରୀମତୀ ପ୍ରତିଭା ପାତ୍ର ସହଯୋଗ କରିଥିଲେ। ଶ୍ରୀ ଦୟାନିଧି ବାଗ ଓ ଶ୍ରୀ ସତ୍ୟବ୍ରତ ମିଶ୍ର ଶେଷରେ ଧନ୍ୟବାଦ୍ ଅର୍ପଣ କରି କର୍ଯ୍ୟକ୍ରମ କୁ ସମାପ୍ତ କରିଥିଲେ।

## ଓଡ଼ିଶା ପ୍ରଶାସନିକ ସେବାରେ ହିନ୍ଦୋଳରୁ ଦୁଇଜଣ କୃତିତ୍ୱ

ହିନ୍ଦୋଳ(ମହାଭାରତ)ଓଡିଶା ପ୍ରଶାସନିକ ସେବାରେ ହିନ୍ଦୋଳ ରୁ ଦୁଇଜଣ କୃତିତ୍ୱ ଅର୍ଜନକରି ଅଞ୍ଚଳପାଇଁ ଗୌରବ ଆଣିଦେଇଛନ୍ତି। ହିନ୍ଦୋଳ ଏନଏସି ୱାର୍ଡନଂ ୬ ସରଧାପୁର ଗ୍ରାମର ଅକ୍ଷୟ କୁମାର ବେହେରାଙ୍କ ଜ୍ୟଷ୍ଠପୁତ୍ର ସୌମ୍ୟରଞ୍ଜନ ବେହେରା ହିନ୍ଦୋଳ ଶିଶୁମନ୍ଦିରରୁ ବିଦ୍ୟାରମ୍ଭ କରି ୨୦୧୪ରେ ହିନ୍ଦୋଳ ହାଇସ୍କୁଲରୁ ମାଟ୍ରିକପାସ କରିବାସହ ୨୦୧୪-୧୭ରେ ଇଟେକ ରେସିଡେନ୍ସିଆଲ ଢେଙ୍କାନାଳରୁ ଉତୀର୍ଣ୍ଣ ହୋଇ ବୁର୍ଲା ଇଞ୍ଜିନିଅରିଙ୍ଗ କଲେଜରୁ ଉତୀର୍ଣ୍ଣ ହୋଇ ଭୁବନେଶ୍ୱର ଇମ୍ପୋସିସରେ ଯୋଗଦେଇଥିଲେ, ତପୃରେ ସମ୍ବଲପୁର ଆରକ୍ଷୀଅଧିକ୍ଷକଙ୍କ କାର୍ଯ୍ୟାଳୟରେ କନିଷ୍ଠକିରାଣୀ ଭାବରେ ଯୋଗଦେଇ କାର୍ଯ୍ୟରତ ଥିବାବେଳେ ୨୦୨୨ରୁ ୨୫ପର୍ଯ୍ୟନ୍ତ ଓପିଏସସି ପରୀକ୍ଷା ପାଇଁ ପ୍ରସ୍ତୁତି କରି ଚଳିତବର୍ଷ ଉତୀର୍ଣ୍ଣ ହୋଇ ୨୭୮ତମ ସ୍ଥାନ ପାଇଛନ୍ତି ।ସେହିପରି ହିନ୍ଦୋଳବ୍ଲକ ପାଇକପୁରୁଣାକୁଟ ଗ୍ରାମର ସ୍ୱର୍ଗତ ବନମାଳୀ ରାଉଳଙ୍କ କନିଷ୍ଠ ପୁଅ ତଥା ଭାରତୀୟ ବାୟୁସେନାରେ କାର୍ଯ୍ୟରତ ମୃତ୍ୟୁଞ୍ଜୟ ରାଉଳ ୩୧ତମ ସ୍ଥାନରଖି ହିନ୍ଦୋଳ ଉପଖଣ୍ଡପାଇଁ ଗୌରବ ଆଣିଦେଇଛନ୍ତି ଉଲ୍ଲେଖଯୋଗ୍ୟ କିଛିବର୍ଷ ପୂର୍ବରୁ ହିନ୍ଦୋଳ ଏନଏସି ୱାର୍ଡନଂ ୧ରୁ ସବ୍ୟସାଚୀ ବେହେରା ଓଏଏସ ପାଇ ବର୍ତମାନ ବିଡ଼ିଓ ଭାବରେ କାର୍ଯ୍ୟରତ ଥିବାବେଳେ ସରସ୍ୱତୀ ଶିଶୁମନ୍ଦିରର ୨ୟଛାତ୍ର ଭାବରେ ସୌମ୍ୟରଞ୍ଜନଙ୍କ କୃତିତ୍ୱ ପାଇଁ ଉଭୟ କୃତିପ୍ରତିଭା ପାଇଁ ସେମାନଙ୍କ ପରିବାରସହ ହିନ୍ଦୋଳ ଉପଖଣ୍ଡ ଅଞ୍ଚଳରେ ଖୁସିର ଲହରୀ ଖେଳିଯିବାସହ ଶୁଭେଚ୍ଛା ବାର୍ତ୍ତାର ସୁଅ ଛୁଟିଛି।

## ଲଣ୍ଡନର ସଂସଦ ହାଉସ ଅଫ ଲର୍ଡସ୍ ରେ ଓଡ଼ିଆ ଶିକ୍ଷାବିତ ସମ୍ମାନିତ



କେନ୍ଦୁଝର(ମହାଭାରତ): ଶିକ୍ଷା ଓ ଗବେଷଣା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଲଣ୍ଡନ ସଂସଦ ଗୃହ ହାଉସ ଅଫ ଲର୍ଡସ୍ ଠାରେ ଆୟୋଜିତ ଏକ ଆନ୍ତର୍ଜାତିକ ସମ୍ମିଳନୀ ରେ କେନ୍ଦୁଝର ର ଶିକ୍ଷାବିତ ମଳୟ ମହାପାତ୍ରଙ୍କୁ ସମ୍ମାନିତ କରାଯାଇଛ। କେନ୍ଦୁଝର ଜିଲ୍ଲାର ବିଦ୍ୟା ଭବନ ଓ ମନୋରମା ବିଦ୍ୟା ଭବନ ସ୍କୁଲ ର ପ୍ରତିଷ୍ଠାତା ତଥା ଗୋନାଶିକା ରିସର୍ଚ୍ଚ ଫାଉଣ୍ଡେସନ ର ନିର୍ଦ୍ଦେଶକ ମଳୟ ମହାପାତ୍ର ଏହି ଆନ୍ତର୍ଜାତିକ ଆଲୋଚନା ଚକ୍ରରେ ଶ୍ରେଣୀଗୃହ ବ୍ୟତୀତ ବାହ୍ୟ ପରିବେଶ କୁ ନେଇ ଜ୍ଞାନ ଅହୋରଣ ବିଷୟରେ ଆଲୋକପାତ କରିଥିଲେ। ଭାରତର ଉନ୍ନତ ପ୍ରାଚୀନ ଗୁରୁକୁଳ ଶିକ୍ଷା ବ୍ୟବସ୍ଥା ଓ ଏବେ ଏହାର ପ୍ରାସଙ୍ଗିକତାକୁ ଉପସ୍ଥାପନ କରିଥିଲେ। ସେପ୍ଟେମ୍ବର ୨୬ ରେ ଏସିଆ ଟୁଡେ ମିଡିଆ ଓ ଇଣ୍ଡୋ ଇଉରୋପ ରିଲେସନ ଦ୍ୱାରା ଆୟୋଜିତ ଏହି ଆନ୍ତର୍ଜାତିକ ସମ୍ମିଳନୀ ରେ ଲର୍ଡ କେ.ସି. ବ୍ରେନନ୍ ମାଳୟଙ୍କୁ ସମ୍ମାନିତ କରିଥିଲେ। ଶିକ୍ଷା ଓ ସମାଜ ସେବା କ୍ଷେତ୍ରରେ ଅବଦାନ ପାଇଁ ପୂର୍ବରୁ କ୍ରିଷ୍ଟିଆନ ୟୁନିଭର୍ଶିଟି ରୁ ମଳୟ ସମ୍ମାନ ଜନକ ଡକ୍ଟରେଟ ଓ ଦୁବାଇ ଠାରେ ବିଶ୍ ଶିକ୍ଷା ସମ୍ମିଳନୀ ରେ ଶିକ୍ଷା ପୁରସ୍କାର ୨୦୨୦ ରେ ସମ୍ମାନିତ ହୋଇ ସାରିଛନ୍ତି। ୧୯୯୦ ମସିହାରେ କେନ୍ଦୁଝର ସାକ୍ଷରତା ଅଭିଯାନରେ କାର୍ଯ୍ୟ ଆରମ୍ଭ କରି କେନ୍ଦୁଝର ଜିଲ୍ଲା ଖୁଦପସି ଠାରେ ନିଜସ୍ ପ୍ରଚେଷ୍ଟାରେ ବିଦ୍ୟା ଭବନ୍ ଆବାସିକ ବିଦ୍ୟାଳୟ ସ୍ଥାପନ କରି ଶତାଧିକ ଛାତ୍ରଛାତ୍ରୀ ଙ୍କୁ ମଣିଷ କରିବାରେ ମଳୟ ଙ୍କ ମୁଖ୍ୟ ଭୂମିକା ରହିଛି। ଏହା ସହ ଗୋନାଶିକା ଗୋବେଷଣା। କେନ୍ଦ୍ର ସ୍ଥାପନ କରି ଜିଲ୍ଲାର ବିଭିନ୍ନ ବିଷୟରେ ଗୋବେଷଣାତ୍ମକ କାର୍ଯ୍ୟ ଋଲୁ ରଖିଛନ୍ତି।

## ଦୁଷ୍କର୍ମକାରୀକୁ ୨୦ ବର୍ଷ ଜେଲ ଦଣ୍ଡାଦେଶ

କେନ୍ଦୁଝର, (ମହାଭାରତ): ଆଜି କେନ୍ଦୁଝର ଫାଷ୍ଟଟ୍ରାକ୍ କୋର୍ଟର ବିଋରପତି ବିଜୟ କୁମାର ମିଶ୍ର ଏକ ନାବାଳିକା ଦୁଷ୍କର୍ମ ମାମଲାର ବିଋର କରି ତୁରୁମୁଙ୍ଗା ଥାନା ଅନ୍ତର୍ଗତ ବଡଗମ୍ଭାରିଆ ଗ୍ରାମର ଅଭିଯୁକ୍ତ ଦୁଷା ମୁଣ୍ଡା(୩୦) କୁ ଦୋଷୀ ସାବ୍ୟସ୍ତ କରି ୨୦ ବର୍ଷ ସଶ୍ରମ କାରାଦଣ୍ଡ ସହ ୧୦ ହଜାର ଟଙ୍କା ଜୋରିମାନା ଏବଂ ଜୋରିମାନା ଅନାଦେୟ ଅଧିକ ଏକ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି । ଘଟଣାର ବିବରଣୀରୁ ପ୍ରକାଶ ଯେ, ତା ୩।୫।୨୦୨୨ ରିଖ ମଙ୍ଗଳବାର ସନ୍ଧ୍ୟା ୫ ଘଟିକା ସମୟରେ ନାବାଳିକା(୧୩) ପୀଡିତା କୁ ଘରେ ଏକୁଟିଆ ଦେଖି ଅଭିଯୁକ୍ତ ଜୋର ଜବରଦସ୍ତ ଦୁଷ୍କର୍ମ କରୁଥିବା ସମୟରେ ନାବାଳିକାର ବାପା ଓ ମାଆ ପହଁଚି ଯିବାରୁ ଅଭିଯୁକ୍ତ ତାଙ୍କୁ ଦେଖି ଘଟଣାସ୍ଥଳରୁ ଦୌଡି ପଳାଇଥିଲା ଏବଂ ନାବାଳିକା ପୀଡିତା ତା' ମାଆ ଓ ବାପାଙ୍କ ଆଗରେ କାନ୍ଦି କାନ୍ଦି ଉକ୍ତ ଘଟଣା ସଂପର୍କରେ ପ୍ରକାଶ କରିଥିଲା । ଏଣୁ ପୀଡିତାର ବାପା ତୁରୁମୁଙ୍ଗା ଥାନାରେ ଏକ ଲିଖିତ ଅଭିଯୋଗ କରିବାରୁ ଥାନା କେଶ ନଂ ୬୫ ତା ୪।୫।୨୦୨୨ ରିଖ ଆଇପିସି ଦଫା ୩୭୬(୩) ଏବଂ ୬ ପୋକ୍ସ ଧାରାରେ ମାମଲା ରୁଜୁ କରି ଆସାମୀକୁ ତା ୫।୫।୨୦୨୨ ରିଖରେ ତା' ଘରୁ ଗିରଫ କରି କୋର୍ଟ ଋଲାଣ କରିଥିଲା । ମାନ୍ୟବର ବିଋରପତି ୧୪ ଜଣ ସାକ୍ଷ୍ୟଙ୍କ ବୟାନକୁ ଭିତ୍ତି କରି ଅଭିଯୁକ୍ତକୁ ଉପରୋକ୍ତ ଦଣ୍ଡାଦେଶ ଶୁଣାଇବା ସହ ପୀଡିତାକୁ ୫ଲକ୍ଷ ଟଙ୍କା ଅନୁକମ୍ପାମୂଳକ ରାଶି ପ୍ରଦାନ ନିମନ୍ତେ ଜିଲ୍ଲା ଆଇନସେବା ପ୍ରାଧିକରଣକୁ ସୁପାରିଶ କରିଛନ୍ତି । ସରକାରଙ୍କ ତରଫରୁ ସ୍ୱତନ୍ତ୍ର ପିପି ଜ୍ଞାନେନ୍ଦ୍ର ନାଥ ଜେନା ମୋକଦ୍ଦମା ପରିଋଳନା କରୁଥିଲେ।

## ଓପିଏସସି ପରୀକ୍ଷାରେ ଆସିକାରୁ ୦୩ ଜଣ ସଫଳତା

ଆସିକା(ମହାଭାରତ): ଓଡିଶା ଲୋକ ସେବା ଆୟୋଗ (ଓପିଏସସି) ଦ୍ୱାରା ପରିଚଳିତ ଓଡିଶା ପ୍ରଶାସନିକ ସେବା (ଓସିଏସ ) ପରୀକ୍ଷା ଫଳ ପ୍ରକାଶ ପାଇଛି। ସେଥିରେ ଆସିକା ଅଞ୍ଚଳ ର ତିନି ଜଣ ଛାତ୍ର, ଛାତ୍ରୀ କୃତକାର୍ଯ୍ୟ ହୋଇଛନ୍ତି । ଆସିକା ଏନ ଏ ସି ଅନ୍ତର୍ଗତ ଶାସ୍ତ୍ରୀନଗର ଅଞ୍ଚଳ ର ଅବସରପ୍ରାପ୍ତ ନୌସେନା କର୍ମଋରୀ ସ୍ୱର୍ଗତ ବିପ୍ର ଚରଣ ତ୍ରିପାଠୀ ଓ ମାତା ଶାନ୍ତିଲତା ତ୍ରିପାଠୀ ଙ୍କ ପୁତ୍ର ଅବିନାଶ ତ୍ରିପାଠୀ ଅଟନ୍ତି । ସେ ୨୦୦୮ ଠାରୁ ୨୦୨୩ ପର୍ଯ୍ୟନ୍ତ ନୌସେନା ରେ କାର୍ଯ୍ୟ କରୁଥିଲେ । ସେ ଦିନକୁ ୮ରୁ ୧୦ ଘଣ୍ଟା ପରିଶ୍ରମ କରି ୩୦୩ ରେଙ୍କ ରଖି କୃତ କାର୍ଯ୍ୟ ହୋଇଛନ୍ତି । ତାଙ୍କର ଏହି ସଫଳତା ପଛରେ ମା, ସ୍ତ୍ରୀ, ଗୁରୁଜନଙ୍କ ର ସହଯୋଗ ରହିଛି ।ସେହିଭଳି ଆସିକା ଭାରତୀୟ ଷ୍ଟେଟ ବ୍ୟାଙ୍କ ରେ କାର୍ଯ୍ୟରତ ପ୍ରଫୁଲ କୁମାର ପୋଲାଇ ଙ୍କ ଝିଅ ପ୍ରତିଶ୍ରୁତି ପୋଲାଇ ଓପିଏସସି ପରୀକ୍ଷାରେ ୧୪୨ ନମ୍ବର ରେଙ୍କ ରଖି ସଫଳତାର ସହ ଉତୀର୍ଣ୍ଣ ହୋଇଛନ୍ତି । ପ୍ରତିଶ୍ରୁତି ପଲାଇ ଏଥି ପାଇଁ ଦୈନିକ ଛଅରୁ ଆଠ ଘଣ୍ଟା ପରିଶ୍ରମ କରୁଥିଲେ । ଆଗକୁ ସ୍ୱଚ୍ଛତା, ମହିଳା ଙ୍କ ଉନ୍ନତି ଉପରେ ଗୁରୁତ୍ୱ ଦେବେ ବୋଲି କହିଛନ୍ତି । ସଫଳତା ର ଶ୍ରେୟ ପିତା, ମାତା, ଗୁରୁଜନ, ସାଙ୍ଗ ସାଥି ମାନଙ୍କୁ ଦେଇଛନ୍ତି। ଅନୁରୂପ ଆସିକା ତାଲୁକା ସ୍ଥିତ ରାଜେନ୍ଦ୍ର ନଗରର ବାସିନ୍ଦା ଇଞ୍ଜିନିଅର ସୁଧୀର ପାତ୍ର ଓ ମାତା କଳ୍ପନା ପାତ୍ର ଙ୍କ ଝିଅ ନିକିତା ପାତ୍ର ମୋଟ ୩୮୨ ନମ୍ବର ରେଙ୍କ ରଖି ସଫଳତାର ସହ ଉର୍ତ୍ତୀନ ହୋଇଛନ୍ତି। ନିଜର ସଫଳତା ପାଇଁ ପରିବାର ଲୋକଙ୍କୁ ଶ୍ରେୟ ଦେଇଥିବା ବେଳେ ସେମାନଙ୍କ ସଫଳତା ପାଇଁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି ।

## ଓଡ଼ିଶା ନାଟ୍ୟ ସଂଘ ଦିବସ ପାଳିତ

ଗଜପତି(ମହାଭାରତ): ଗଜପତି ଜିଲ୍ଲା ସଦର ମହକୁମାର ପାରଳାଖେମୁଣ୍ଡି କରଣସାହିସ୍ଥିତ ବିଜୟ କ୍ଲବ ପରିସରରେ ଅଗ୍ରଣୀ ନାଟ୍ୟ ସଂଗଠନ କ୍ରିଏଟିଭ ଆର୍ଟସ୍ ପକ୍ଷରୁ ୩୮ତମ ଓଡ଼ିଶା ନାଟ୍ୟ ସଂଘ ଦିବସ ପାଳିତ ହୋଇଯାଇଅଛ। ନାଟ୍ୟ ସଂଘ ର ଗଜପତି ଜିଲ୍ଲା ସଂଯୋଜକ ମନୋଜ ପାଢ଼ୀଙ୍କ ଅଧ୍ୟକ୍ଷତା ରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବରେ ସଙ୍ଗୀତ ନାଟକ ଏକାଡେମୀ ସଦସ୍ୟ ଗୁରୁ ରଘୁନାଥ ପାତ୍ର, ଯୁବ ନାଟ୍ୟଶିଳ୍ପୀ ଆଦର୍ଶ ଦାସ ମଞ୍ଚାସିନ ଥିଲେ। ପ୍ରଥମ ଓଡ଼ିଆ ନାଟକ ଓ ଓଡ଼ିଆ ରଙ୍ଗମ□ ସୃଷ୍ଟି କରିଥିବା ପାରଳା ମାଟି ରେ ନାଟ୍ୟ ପରମ୍ପରାକୁ ବଜାୟ ରଖିବାକୁ ଅହରହ ପ୍ରଚେଷ୍ଟା ଜାରୀ ରହିଥିବା ବେଳେ ଓଡ଼ିଶା ନାଟ୍ୟ ସଂଘ ମଧ୍ୟ ଏଥିରେ ଦୀର୍ଘ ବର୍ଷ ଧରି ସହୋଯୋଗର ହାତ ବଢ଼ାଇ ଉତ୍ସାହିତ କରୁଛି। ଗଜପତି ଜିଲ୍ଲା ର ନାଟ୍ୟ କଳାକାର ମାନଙ୍କୁ ନାଟ୍ୟଧାରା କାର୍ଯ୍ୟକ୍ରମ ରେ ରବୀନ୍ଦ୍ର ମଣ୍ଡପରେ ଓ ଭଞ୍ଜ ମଣ୍ଡପ ରେ ବିଭିନ୍ନ ସମୟରେ ନାଟ୍ୟ ପରିବେଷଣ ପାଇଁ ସୁଯୋଗ ଦେଇଥିବା ବେଳେ ଆଗାମୀ ଦିନରେ ପୁରୀ ଠାରେ ସଙ୍ଗୀତ ନାଟକ ଏକାଡେମୀର ଜଗନ୍ନାଥାୟନ କାର୍ଯ୍ୟକ୍ରମରେ ସୁଯୋଗ ଦେବାକୁ ଦାବୀ ଉଠିଥିଲା। ନାଟ୍ୟ ସଂଘ ର ବିଭିନ୍ନ ଜୋନ ସ୍ତରୀୟ ନାଟ୍ୟ କାର୍ଯ୍ୟକ୍ରମ ରେ ମଧ ଗଜପତି ଜିଲ୍ଲା ସକ୍ରିୟ ଭାବେ ଅଂଶ ଗ୍ରହଣ କରୁଥିବ ବକ୍ତା ମାନେ ନିଜର ଅଭିଭାଷଣ ଉପସ୍ଥାପନା କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ହରିହର ପଟ୍ଟନାୟକ, ଜ୍ଞାନ ରଂଜନ ଦାସ, ଶୁଭ୍ରାଂଶୁ ଶେଖର ପଟ୍ଟନାୟକ, ବାଳକୃଷ୍ଣ ପାଣିଗ୍ରାହୀ ପ୍ରମୁଖ ନିଜର ମତାମତ ଓ ଅନୁଭୂତି ପ୍ରଦାନ କରିବା ସହ ଆଗମୀ ଦିନରେ ନାଟ୍ୟ କାର୍ମଶାଳା ଓ ନାଟ୍ୟ ଅଭ୍ୟାସ ବିଷୟରେ ଆଲୋଚନା କରିଥିଲେ।

## ଅନ୍ତ୍ୟୋଦୟ ଗୃହ ଯୋଜନାରେ କାର୍ଯ୍ୟାଦେଶ ବଣ୍ଟନ

ଅସ୍ତରଙ୍ଗ,:(ମହାଭାରତ )- ଅସ୍ତରଙ୍ଗ ବ୍ଲକ ପକ୍ଷରୁ ଆଜି ଅନ୍ତ୍ୟୋଦୟ ଗୃହ ଯୋଜନାରେ ୧୬୬ ଜଣ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରାଯାଇଛି ଏନେଇ ବ୍ଲକ ପ୍ରଶାସନ ପକ୍ଷରୁ ଅଭ୍ୟର୍ଥନା ଗୃହରେ ଏକ ଶିବିର ଆୟୋଜନ କରିବାରେ ବିଭିନ୍ନ ସ୍ଥାନରୁ ଚିହ୍ନଟ ହିତାଧିକାରୀ ଯୋଗଦେଇଥିଲେ ଅତିଥି ଭାବେ ଅସ୍ତରଙ୍ଗ ପଞ୍ଚାୟତ ସମିତି ଅଧ୍ୟକ୍ଷା ଆରତୀ ନାୟକ,ଉପାଧ୍ୟକ୍ଷ ଦୁର୍ଯ୍ୟୋଧନ ମିଶ୍ର,ଜଗତସିଂହପୁର ସାଂସଦ ଅସ୍ତରଙ୍ଗ ବ୍ଲକ ପ୍ରତିନିଧି ଦିବାକର ଛାଟୋଇ,ବିଡ଼ିଓ ସସ୍ମିତା ବେହେରା,ଝାଡଲିଙ୍ଗ ସରପଞ୍ଚ ବୃନ୍ଦାବନ ନାୟକ ଯୋଗଦେଇ ଅନ୍ତ୍ୟୋଦୟ ଗୃହ ଯୋଜନା ସମ୍ପର୍କରେ ଉପସ୍ଥିତ ହିତାଧିକାରୀଙ୍କୁ ବୁଝାଇଥିଲେ ରାଜ୍ୟ ସରକାର ପରିବାର ସଂଜ୍ଞା ପରିବର୍ତ୍ତନ କରିବା ପରେ ଏହି ଯୋଜନାରେ ବହୁ ଗରିବ ଲୋକେ ଉପକୃତ ହେବା ସହ ମୁଣ୍ଡ ଗୁଞ୍ଜିବାକୁ ସ୍ୱପ୍ନ ଦେଖୁଥିବା ଛାତଘର ନିର୍ମାଣ କରିପାରିବେ ବୋଲି କୁହାଯାଇଛି,ଅନ୍ତ୍ୟୋଦୟ ଗୃହ ଯୋଜନାରେ ପରିବର୍ତ୍ତନ ଆସିବା ପରେ ପୂର୍ବରୁ ୪ ମାସରେ ଘର ସାରିଲେ ୨୦ ହଜାର ଟଙ୍କା ମିଳୁଥିଲା । ଏବେ ୪ ମାସ ବଦଳରେ ୬ ମାସରେ ଘର ନିର୍ମାଣ ଶେଷ କଲେ ବି ୨୦ ହଜାର ଟଙ୍କା, ୮ ମାସରେ ଘର ନିର୍ମାଣ ଶେଷ କଲେ ୧୦ ହଜାର ଟଙ୍କା ପ୍ରୋତ୍ସାହନ ରାଶି(ଇନସେନଟିଭ୍) ମିଳିବ ବୋଲି ସୂଚନା ମିଳିଛି।

## ହିନ୍ଦୋଳ ଉପଖଣ୍ଡ ଚିକିତ୍ସାଳୟରେ ସୁସ୍ଥ ନାରୀ ସଶକ୍ତ ପରିବାର ଅଭିଯାନ



ହିନ୍ଦୋଳ(ମହାଭାରତ) ମହିଳା ସ୍ୱାସ୍ଥ୍ୟ ସଚେତନତା ଓ ସମାଜରେ ରକ୍ତର ଉପଲବ୍ଧତା ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ ସୁସ୍ଥ ନାରୀ ସଶକ୍ତ ପରିବାର ଅଭିଯାନ କାର୍ଯ୍ୟକ୍ରମ ହିନ୍ଦୋଳ ଉପଖଣ୍ଡ ଚିକିତ୍ସାଳୟରେ ଅନୁଷ୍ଠିତ ହୋଇଯାଇଛି ।ସକାଳ ୮ ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ଏହି ଶିବିର ଅନୁଷ୍ଠିତ ହେବାକୁ ଥିବାବେଳେ ଆଖପାଖ ଅଞ୍ଚଳର ୨୨୩ ଜଣ ମହିଳାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ନିମନ୍ତେ ଗହଳି ଦେଖିବାକୁ ମିଳିଥିଲା। ।ଏହି ଶିବିରରେ ଔଷଧ ଏବଂ ବିଶେଷଜ୍ଞଙ୍କ ଦ୍ୱାରା ଉତ୍ତମ ସ୍ୱାସ୍ଥ୍ୟ ନିମନ୍ତେ ପରାମର୍ଶ ମଧ୍ୟ ଦିଆଯାଇଥିଲା। ଏହି ଅଭିଯାନରେ ମହିଳା ସ୍ୱାସ୍ଥ୍ୟ, ପୋଷଣ, ଉପଯୁକ୍ତ ଖାଦ୍ୟ ପାନୀୟ ସମ୍ପର୍କରେ ସଚେତନତା କ୍ୟାମ୍ପେନ କରାଯାଇଥିବା ବେଳେ ଉଚ୍ଚ ରକ୍ତଋପ, ମଧୁମେହ, କର୍କଟ, ରକ୍ତ ହୀନତା, ଯକ୍ଷ୍ମା, ଆଦି ରୋଗ ସହ ମାତୃ ସ୍ୱାସ୍ଥ୍ୟ ଓ କିଶୋରୀ ସୁସ୍ଥତା ସମ୍ବନ୍ଧିତ ରୋଗ ଗୁଡିକ ଚିହ୍ନଟ କରିବା ପାଇଁ ସ୍କ୍ରିନିଂ କରାଯାଉଥିବା ଦେଖିବାକୁ ମିଳିଥିଲା।

## ସ୍ୱଚ୍ଛତା ହିଁ ସେବା ୨୦୨୫ ଉପଲକ୍ଷେ ବିଭିନ୍ନ ପ୍ରତିଯୋଗିତା ଓ ସଚେତନତା କାର୍ଯ୍ୟକ୍ରମ

ଗଜପତି(ମହାଭାରତ): ଗଜପତି ଜିଲ୍ଲା ରାୟଗଡ ବ୍ଲକ ଅନ୍ତର୍ଗତ ପି ଏମ୍ ଶ୍ରୀ ହାଇ ସ୍କୁଲରେ ଛାତ୍ର ଛାତ୍ରୀ ମାନଙ୍କୁ ନେଇ ସ୍ୱଚ୍ଛତା ହିଁ ସେବା ଉପଲକ୍ଷେ ଚିତ୍ରାଙ୍କନ, ପ୍ରବନ୍ଧ ଓ ବକ୍ତୃତା ପ୍ରତିଯୋଗିତା ହୋଇଥିଲାୟ ପ୍ରତିଯୋଗିତାରେ କୃତି ପ୍ରତିଯୋଗୀ ମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଏହି କାର୍ଯ୍ୟକ୍ରମରେ ରାୟଗଡ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସନ୍ତୋଷ କୁମାର ବାରିକ,ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମନୋଜ କୁମାର ବେହେରା, ଡକ୍ଟର ସବୀର କୁମାର ବଳ ପ୍ରମୁଖ ଉପସ୍ଥିତ ରହି ସ୍ୱଚ୍ଛତା ହିଁ ସେବା ଉପରେ ଛାତ୍ର ଛାତ୍ରୀ ଙ୍କୁ ସଚେତନତା କରିଥିଲେ ।ସେହିପରି ମେଡ଼ିକାଲ ପକ୍ଷରୁ ସଫେଇ ମିତ୍ର ମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହିତ ବ୍ଲକ, ଗାଁ ୱାଡ଼ ନିଜ ଘରକୁ କିପରି ସ୍ୱଚ୍ଛତା ରଖିପାରିବ ତା ଉପରେ ସଚେତନତା କରାଯାଇ ଥିଲା ।ଏହି କାର୍ଯ୍ୟକ୍ରମ ରାୟଗଡ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ତତ୍ତ୍ୱାବଧାନରେ ହୋଇ ଥିବା ବେଳେ ସ୍ୱରୂପ କୁମାର ପଟ୍ଟନାୟକ ପରିଋଳନା କରିଥିଲେ।

## ନବରଙ୍ଗପୁର ବ୍ଲକରେ ଭୀମଭୋଇ ସାମର୍ଥ୍ୟ ଶିବିର ଅନୁଷ୍ଠିତ

ନବରଙ୍ଗପୁର(ମହାଭାରତ):ଆଜି ନବରଙ୍ଗପୁର ବ୍ଲକ୍ ଠାରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ବ୍ଲକ୍ ତଥା ଜିଲ୍ଲାର ବିଭିନ୍ନ ସ୍ଥାନରୁ ଏହି ଶିବିରରେ ଆସିଥିଲେ। ଶିବିରର ମୂଖ୍ୟ ଅତିଥି ଭାବେ ବ୍ଲକ୍ ଅଧ୍ୟକ୍ଷ ଶରତ ଭତ୍ରା ଉପସ୍ଥିତ ରହି କାର୍ଯ୍ୟକ୍ରମ ଉଦ୍ଘାଟନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବିଡିଓ ଡ ସୁନୀଲ କୁମାର ଖରା,ଏବିଡିଓ ଗୋପାଳ ପଣ୍ଡା,ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସୁଧାଂଶୁ ପାତ୍ର ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ଶିବିରରେ ଅସ୍ଥିଶଲ୍ୟ ବିଶେଷଜ୍ଞ,ନାଶା,ଗଳା ଓ କର୍ଣ ବିଶେଷଜ୍ଞ,ଚକ୍ଷୁ ବିଶେଷଜ୍ଞ ଓ ମାନସିକ ବିଶେଷଜ୍ଞ ଉପସ୍ଥିତ ରହିଥିଲେ। ଶିବିରରେ ମୋଟ ୧୫୩ ଜଣ ଦିବ୍ୟାଙ୍ଗଙ୍କ ନାମ ପଞ୍ଜିକରଣ କରାଯାଇଥିଲା ବେଳେ ୧୩୩ ଜଣଙ୍କୁ ଦିବ୍ୟାଙ୍ଗ ପ୍ରମାଣପତ୍ର ପାଇବାର ଯୋଗ୍ୟ ବିବେଚିତ ହୋଇଥିଲେ। ଦିବ୍ୟାଙ୍ଗମାନଙ୍କ ବସପାସ୍,ଭତ୍ତା ଆବେଦନ,ଋଉଳ ତଥା ସରକାରୀ ସୁବିଧାମାନ ପ୍ରଦାନ କରାଯିବାକୁ ଆବେଦନ ଗ୍ରହଣ କରାଯାଇଥିଲା। ଦିବ୍ୟାଙ୍ଗମାନଙ୍କୁ ସାହାଯ୍ୟ ଓ ସହଯୋଗ ନିମନ୍ତେ ବ୍ଲକର ବିଭିନ୍ନ ବିଭାଗର କର୍ମଋରୀମାନଙ୍କୁ ନିଯୁକ୍ତି ପ୍ରଦାନ କରାଯାଇଥିଲା। ଏହାଛଡା ଜିଲ୍ଲା ସକ୍ଷମ ତରଫରୁ ବିଭିନ୍ନ ଅଞ୍ଚଳରୁ ଆସିଥିବା ଦିବ୍ୟାଙ୍ଗମାନଙ୍କ ପାଇଁ ଏକ ସେବା କେନ୍ଦ୍ର ଖୋଲାଯାଇଥିଲା। ଯେଉଁଥିରେ ଅନେକ ଦିବ୍ୟାଙ୍ଗ ଉପକୃତ ହୋଇଥିଲେ। ଜିଲ୍ଲା ସକ୍ଷମ ତରଫରୁ ସଭାପତି ସୁଜି ରଥ,ଉପସଭାପତି ପ୍ରୀତିଶ୍ ଚନ୍ଦ୍ର,ସଦସ୍ୟା ପରମେଶ୍ୱରୀ ପାହାଡି ଉପସ୍ଥିତ ରହିଥିଲେ। ସକ୍ଷମ କେନ୍ଦ୍ରରେ ରାଜସ୍ୱ ନିରିକ୍ଷକ ଲମ୍ବୋଦର ପ୍ରଧାନୀ,ଡ ପଙ୍କଜ ପଟ୍ଟନାୟକ ସହଯୋଗର ହାତ ବଢାଇଥିଲେ। ଶିବିରଟି ବିଡ଼ିଓ ଙ୍କ ତତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟ ସମ୍ପାଦିତ ହୋଇଥିବା ବେଳେ ପରିଋଳନା ଦାୟିତ୍ୱରେ ବ୍ଲକ୍ ସାମାଜିକ ସୁରକ୍ଷା ଅଧିକାରୀ ପାର୍ଥଜିତ ମଣ୍ଡଳ, କାମାକ୍ଷୀ ତ୍ରିପାଠୀ ଓ ଭି ପବନ କୁମାର ପରିଋଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସରପ□,ସମିତିସଭ୍ୟ,ୱାର୍ଡ ସଭ୍ୟ ଉପସ୍ଥିତ ରହିଥିଲେ।

## ସୋନମ ୱାଙ୍ଗଚୁକଙ୍କ ପାକିସ୍ତାନୀ ଲିଙ୍କ, ବିଦେଶୀ ପାଣ୍ଠିକୁ ନେଇ ହେଉଛି ତଦନ୍ତ



ଲଦାଖ : ସୀମା ପାର ହୋଇ ୱାଙ୍ଗଚୁକଙ୍କ ପ୍ରତିବାଦର ଭିଡିଓ ପଠାଉଥିବା ଜଣେ ପାକିସ୍ତାନୀ ଗୁପ୍ତଚର ଏଜେଣ୍ଟଙ୍କୁ ଗତ ମାସରେ ଗିରଫ କରାଯାଇଛି । ଏହା ପରେ ଲଦାଖର ପୋଲିସ ମହାନିର୍ଦ୍ଦେଶକ ଏସ.ଡି. ସିଂହ ଜାମୱାଲ କହିଛନ୍ତି ଯେ ସୋନମ ୱାଙ୍ଗଚୁକଙ୍କ ପାକିସ୍ତାନ ସହିତ ସମ୍ପର୍କ ଥିବା ନେଇ ତଦନ୍ତ ଚାଲିଛି । ଜାମୱାଲ ବୁଧବାରର ହିଂସାର ମାଷ୍ଟରମାଇଣ୍ଡ ୱାଙ୍ଗଚୁକ୍ ?ଙ୍କୁ ଅଭିଯୋଗ କରିଥିଲେ । ଯେଉଁଥିରେ ସେ କହିଥିଲେ ଯେ ଚାରି ଜଣ ଲୋକ ପ୍ରାଣ ହରାଇଥିଲେ ଏବଂ ଅନେକ ଆହତ ହୋଇଥିଲେ । ୱାଙ୍ଗଚୁକ୍ଙ୍କୁ ଶୁକ୍ରବାର ଜାତୀୟ ସୁରକ୍ଷା ଆଇନ ଅନୁଯାୟୀ ଅଟକ ରଖାଯାଇ ରାଜସ୍ଥାନର ଯୋଧପୁରର ଏକ ଜେଲ୍ ?କୁ ପଠାଯାଇଥିଲା । ଏସଡି ଜାମୱାଲ କହିଛନ୍ତି ଯେ ବିଦେଶୀ ପାଣ୍ଠି ଏବଂ ଏଫସିଏଆରଏ ଉଲ୍ଲଂଘନ ପାଇଁ ତାଙ୍କ ବିରୁଦ୍ଧରେ ତଦନ୍ତ ଚାଲିଛି। "ଆମର ଜଣେ ପିଆଇଓ ଅଛନ୍ତି ଯିଏ ସୀମା ପାର ହୋଇ ରିପୋର୍ଟ କରୁଥିଲେ ଏବଂ ୱାଙ୍ଗଚୁକଙ୍କ ନେତୃତ୍ୱରେ ହୋଇଥିବା ପ୍ରତିବାଦର ଭିଡିଓ ପଠାଉଥିଲେ ।" ପୋଲିସ ମୁଖ୍ୟ ୱାଙ୍ଗଚୁକଙ୍କ କିଛି ବିଦେଶ ଯାତ୍ରାର ମଧ୍ୟ ଉଲ୍ଲେଖ କରିଥିଲେ ଏବଂ ସେଗୁଡ଼ିକୁ ସନ୍ଦେହଜନକ ବୋଲି କହିଥିଲେ । ଜାମୱାଲ ସାମ୍ବାଦିକମାନଙ୍କୁ କହିଥିଲେ ଯେ ୱାଙ୍ଗଚୁକ ପାକିସ୍ତାନରେ ଦି ଡନର ଏକ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ ଏବଂ ବାଂଲାଦେଶ ମଧ୍ୟ ଗସ୍ତ କରିଥିଲେ । ଡିଜିପି କହିଛନ୍ତି ଯେ ତଦନ୍ତରେ ଏପର୍ଯ୍ୟନ୍ତ ଯାହା ପ୍ରକାଶ ପାଇଛି ତାହା ବର୍ତ୍ତମାନ ସାର୍ବଜନୀନ କରାଯାଇପାରିବ ନାହିଁ । ତଥାପି, ୱାଙ୍ଗଚୁକ୍ଙ୍କ ଭାଷଣ ଏବଂ କାର୍ଯ୍ୟକଳାପ ସ୍ପଷ୍ଟ ଭାବରେ ଲୋକଙ୍କୁ ଉସୁକାଇବାର ତାଙ୍କର ଉଦ୍ଦେଶ୍ୟକୁ ସୂଚାଇ ଦେଉଛି । ସେ ଆରବ ବସନ୍ତ ଏବଂ ନେପାଳ, ବାଂଲାଦେଶ ଏବଂ ଶ୍ରୀଲଙ୍କାର ଆନ୍ଦୋଳନକୁ ଉଲ୍ଲେଖ କରି ଲୋକଙ୍କୁ ଉସୁକାଇଥିଲେ । ବିଦେଶୀ ପାଣ୍ଠି ଏବଂ ଋଉଜଇ ଉଲ୍ଲଂଘନର ମଧ୍ୟ ତଦନ୍ତ କରାଯାଉଛି । ସେ କହିଛନ୍ତି ଯେ ସେପଟେମ୍ବର ୨୫ ତାରିଖରେ କେନ୍ଦ୍ର ସରକାର ଏବଂ ଲଦାଖ ପ୍ରତିନିଧିମାନଙ୍କ ମଧ୍ୟରେ ଏକ ଅନୌପଚାରିକ ବୈଠକ ପ୍ରସ୍ତାବିତ ହୋଇଥିଲା, କିନ୍ତୁ ୱାଙ୍ଗଚୁକ୍ ସେହି ଦିନ ଉତ୍ତେଜନାପୂର୍ଣ୍ଣ ଭିଡିଓ ଏବଂ ବୟାନ ଜାରି କରି ପରିବେଶକୁ ନଷ୍ଟ କରିବାକୁ ଚେଷ୍ଟା କରିଥିଲେ, ଯାହାର ପରିଣାମ ସ୍ୱରୂପ ହିଂସାତ୍ମକ ସଂଘର୍ଷ ଘଟିଥିଲା। ବୁଧବାର ହିଂସାକାଣ୍ଡରେ ଏପର୍ଯ୍ୟନ୍ତ ୫୦ ଜଣଙ୍କୁ ଗିରଫ କରାଯାଇଛି । ଯେଉଁମାନଙ୍କ ମଧ୍ୟରୁ ଛଅ ଜଣଙ୍କୁ ମୁଖ୍ୟ ଷଡ଼ଯନ୍ତ୍ରକାରୀ ବୋଲି ବିବେଚନା କରାଯାଉଛି । ଡିଜିପି ଜାମୱାଲ କହିଛନ୍ତି, ଏହା ସ୍ପଷ୍ଟ ଯେ ୱାଙ୍ଗଚୁକ୍ ଏହି ସମ୍ପୂର୍ଣ୍ଣ ଘଟଣାର ମୁଖ୍ୟ ପ୍ରରୋଚନାକାରୀ ଥିଲେ, ତେଣୁ ତାଙ୍କୁ ରାଜ୍ୟ ବାହାରେ ଏକ ଜେଲରେ ରଖାଯାଇଛି ।

## ସାଉଥ ସୁପରଷ୍ଟାର ବିଜୟଙ୍କ ରାଲିଲେ ଅଘଟଣ, ଦଳାଚକଟାରେ ୩୦ ମୃତ



ତାମିଲନାଡୁ : ସାଉଥ ସୁପରଷ୍ଟାର ବିଜୟଙ୍କ ରାଲିଲେ ଅଘଟଣ। ଦଳାଚକଟାରେ ୩୦ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ବହୁ ଆହତ। ତାମିଲନାଡୁର କରୁର ଠାରେ ଟିଭିକେ ମୁଖ୍ୟ ବିଜୟଙ୍କ କ୍ୟାମ୍ପେନ ରାଲିରେ ହୋଇଛି ଦଳାଚକଟା। ଅଭିନେତାରୁ ରାଜନେତା ପାଲଟିଥିବା ବିଜୟଙ୍କ ରାଲିରେ ପ୍ରବଳ ଜନସମାଗମ ହୋଇଥିଲା। ଧାର୍ଯ୍ୟ ସମୟ ଠାରୁ ୬ ଘଣ୍ଟା ବିଳମ୍ବରେ ପହଞ୍ଚିଲେ ବିଜୟ। ପ୍ରବଳ ଭିଡ଼ ଥିବା ବେଳେ ତାଙ୍କୁ ଦେଖିବାକୁ ଫ୍ୟାନସ ଆଗକୁ ଆଗକୁ ମାଡ଼ି ଚାଲିଥିଲେ। ଏହା ଫଳରେ ଦଳାଚକଟା ସ୍ଥିତି ଉପୁଜିଥିବା ଜଣାପଡ଼ିଛି। ମୃତ୍ୟୁ ସଂଖ୍ୟା ଆହୁରି ବଢ଼ିବା ଆଶଙ୍କା ରହିଛି। ୧୦ ଜଣଙ୍କ ମୃତ୍ୟୁ ପରେ ତାମିଲନାଡୁ ମନ୍ତ୍ରୀ ସେନ୍ଥିଲ ବାଲାଜୀ ଏବଂ କରୁର ଜିଲ୍ଲାପାଳ ଡାକ୍ତରଖାନାରେ ପହଞ୍ଚି ଆହତମାନଙ୍କ ଅବସ୍ଥା ପଚାରିବୁଝିଛନ୍ତି। ଏହି ଘଟଣାରେ ଗଭୀର ଦୁଃଖ ପ୍ରକାଶ କରି ଗୁରୁତର ଓ ଆହତଙ୍କୁ ଚିକିତ୍ସା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି।

## ଛତିଶଗଡ଼ର ସୁକମାରେ ନକ୍ସଲଙ୍କ ଅସ୍ତ୍ରଶସ୍ତ୍ର କାରଖାନାକୁ ଧ୍ୱଂସ କଲା ସୁରକ୍ଷା ବାହିନୀ



ଛତିଶଗଡ : ଛତିଶଗଡ଼ ରାଜ୍ୟ ସୁକମା ଜିଲ୍ଲାର ମେଟାଗୁଡ଼ା କ୍ୟାମ୍ପ ଅଂଚଳରେ ସୁରକ୍ଷା ବାହିନୀ ଏକ ନକ୍ସଲ ଅସ୍ତ୍ରଶସ୍ତ୍ର କାରଖାନାକୁ ଧ୍ୱଂସ କରିଛି । କାରଖାନାରୁ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର, ଗୁଳିଗୋଳା ଏବଂ ନିର୍ମାଣ ଉପକରଣ ଉଦ୍ଧାର କରାଯାଇଛି । ସୁକମା ଜିଲ୍ଲା ପୋଲିସ ଅଧିକ୍ଷକ କିରଣ ଚୌହାନ ଶନିବାର ଏନେଇ ସୂଚନା ଦେଇ କହିଛନ୍ତି ଯେ, ସେପ୍ଟେମ୍ବର ୨୬ ତାରିଖରେ ଜିଲ୍ଲା ଫୋର୍ସ ସୁକମା ଏବଂ ୨୦୩ କୋବ୍ରା ବାଟାଲିୟନର ଏକ ମିଳିତ ଦଳ ନକ୍ସଲ ବିରୋଧୀ ଅଭିଯାନ ପାଇଁ ଏରାପଲ୍ଲୀ ଏବଂ କୋଇମେଂଟା ଗ୍ରାମର ଘନ ଜଙ୍ଗଲ ଏବଂ ପାହାଡ଼କୁ ଯାଇଥିଲା । ସୈନ୍ୟମାନେ କୋଇମେଂଟା ଗ୍ରାମ ଚାରିପାଖରେ ଥିବା ଜଙ୍ଗଲ ଏବଂ ପାହାଡ଼ରେ ଏକ ଘନ ତଲାସ ଆରମ୍ଭ କରିଥିଲେ । ଜଙ୍ଗଲରେ ନକ୍ସଲ ଅସ୍ତ୍ରଶସ୍ତ୍ର ଏବଂ ବିସ୍ଫୋରକ ତିଆରି ଏକ କାରଖାନା ଠାବ ହୋଇଥିଲା । ସୈନ୍ୟମାନେ ଘଟଣାସ୍ଥଳରେ କାରଖାନାକୁ ଧ୍ୱଂସ କରିଦେଇଥିଲେ । ନକ୍ସଲଙ୍କ ଏହି କାରଖାନାରୁ ଏକ ଭର୍ଟିକଲ ମିଲିଂ ମେସିନ୍, ତିନୋଟି ବେଂଚ ଭାଇସ୍, ଦୁଇଟି ବଡ଼ ବିଜିଏଲ ଲଂଚର୍, ୧୨ଟି ଖାଲି ବିଜିଏଲ ସେଲ୍, ୯୪ଟି ବିଜିଏଲ ହେଡ୍, ଗୋଟିଏ ହ୍ୟାଣ୍ଡ ଗ୍ରାଇଣ୍ଡର ମେଶିନ, ଛଅଟି କାଠ ରାଇଫଲ୍ ବଟ୍, ଏକ ଭର୍ମାର ଟ୍ରିଗର ମେକାନିଜିମ୍, ଏକ ଭର୍ମାର ଟ୍ରିଗର ମେକାନିଜିମ୍ (ପିସ୍ତଲ ଗ୍ରୀପ୍ ସହିତ), ଚାରୋଟି ସୌର ବ୍ୟାଟେରୀ, ଏକ ବୋରୱେଲ୍ ଡ୍ରିଲିଂ ବିଟ୍ (୧୦ ଫୁଟ), ଦୁଇଟି ଗ୍ୟାସ୍ କଟର୍ ହେଡ୍ ଏବଂ ତିନୋଟି ଡାଇରେକ୍ସନାଲ ଆଇଇଡି ପାଇପ୍ ଜବତ କରାଯାଇଛି । ଏହା ସହିତ ୬ଟି ଧାତୁ ମୋଲ୍ଡିଂ ପାତ୍ର, ଦୁଇଟି ଷ୍ଟିଲ୍ ପାଣି ପାତ୍ର, ଗୋଟିଏ ଆଲୁମିନିୟମ୍ ପାତ୍ର, ଛଅଟି ଲୁହା କଟର୍ ଚକ, ଏକ ଟ୍ୟାପିଂ ରଡ୍, ଗୋଟିଏ ଲୁହା ଷ୍ଟାଣ୍ଡ, ୮୦ଟି ଷ୍ଟିଲ୍ ପାଇପ୍ ଖଣ୍ଡ (ବିଜିଏଲ ପାଇଁ), ଏବଂ ବହୁ ପରିମାଣର ଲୁହା ସ୍କ୍ରାପ୍ ମଧ୍ୟ ଉଦ୍ଧାର କରାଯାଇଛି ।

## ଇସ୍ତଫା ଦେବା ପରେ ପ୍ରଥମ ଥର ପାଇଁ ସର୍ବସାଧାରଣରେ ଦେଖାଦେଲେ ଓଲି, କହିଲେ ବର୍ତ୍ତମାନର ସରକାର ଅସମ୍ବିଧାନିକ



ନେପାଳ : ସର୍ବସାଧାରଣରେ ଆସି ଭାଷଣ ଦେଲେ ନେପାଳର ପୂର୍ବତନ ପ୍ରଧାନମନ୍ତ୍ରୀ କେପି ଶର୍ମାଓଲି । ନେପାଳ ହିଂସା ଥମିବାର ପ୍ରାୟ ଏକ ସପ୍ତାହ ପରେ ଓଲି ଜନସାଧାରଣଙ୍କୁ ସମ୍ବୋଧନ କରିଛନ୍ତି । ଓଲିଙ୍କ ପାର୍ଟି ଉଚଘ-ଟଗଖ ଛାତ୍ର ସଂଘ ପକ୍ଷରୁ ଆୟୋଜିତ ସାଧାରଣ ସଭାରେ ଓଲି ଯୋଗ ଦେଇଥିଲେ । ଭକ୍ତପୁର ଠାରେ ଛାତ୍ରସଂଘ 'ରାଷ୍ଟ୍ରୀୟ ଯୁବସଂଘ' ପକ୍ଷରୁ ଏହି ସଭାକାର୍ଯ୍ୟ ଆୟୋଜିତ ହୋଇଥିଲା। ତେବେ ଏହି ସାଧାରଣ ସଭାରେ ଓଲିଙ୍କ ଉପସ୍ଥିତିକୁ ନେଇ ଏବେ ନୂଆ ଚର୍ଚ୍ଚା ଆରମ୍ଭ ହୋଇଛି। ଯେଉଁ ଯୁବଗୋଷ୍ଠୀ ଓଲିଙ୍କୁ ବିରୋଧ କରି ଗାଦିଚ୍ୟୁତ କରିଥିଲେ, ଆଜି ସେଇମାନଙ୍କ ସହ ଓଲି ପୁନର୍ବାର ଯୋଡ଼ି ହେବାକୁ ପ୍ରୟାସ କରୁଥିବା ଚର୍ଚ୍ଚା ହେଉଛି । ଓଲିଙ୍କ କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନ ଉଠାଇ ବହୁ ଯୁବଗୋଷ୍ଠୀ ତାଙ୍କୁ ଇସ୍ତଫା ଦେବାକୁ ବାଧ କରିଥିଲେ। ଓଲି ଏବେ ସେଇ ଯୁବକଙ୍କ ସାହାରା ନେଇ ପୁଣି ଲୋକଲୋଚନକୁ ଆସିବାକୁ ପ୍ରଚେଷ୍ଟା ଜାରି ରଖିଥିବା ରାଜନୀତି ବିଶେଷଜ୍ଞମାନେ କହୁଛନ୍ତି। ତେବେ ନେପାଳରେ ହିଂସାକାଣ୍ଡ ବ୍ୟାପକ ହେବାରୁ ଗତ ସେପ୍ଟେମ୍ବର ୯ରେ ପ୍ରଧାନମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିଲେ ଓଲି । ତାଙ୍କୁ ସେନା ସୁରକ୍ଷାରେ ରଖାଯାଇଥିଲା । ପରବର୍ତ୍ତୀ ସମୟରେ ତାଙ୍କୁ ଏକ ଅସ୍ଥାୟୀ ବାସସ୍ଥାନକୁ ସ୍ଥାନାନ୍ତର କରାଯାଇଥିଲା। ନେପାଳ ହିଂସାକାଣ୍ଡରେ ୭୨ ଜଣଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ସେପଟେ କେପି ଶର୍ମା ଓଲିଙ୍କ ଇସ୍ତଫା ପରେ ନେପାଳର ପୂର୍ବତନ ପ୍ରଧାନ ବିଚାରପତି ସୁଶୀଳା କାର୍କୀ ଅନ୍ତରୀଣ ପ୍ରଧାନମନ୍ତ୍ରୀ ଦାୟିତ୍ୱ ଗ୍ରହଣ କରିଛନ୍ତି । ଆସନ୍ତା ମାର୍ଚ୍ଚରେ ନେପାଳରେ ନିର୍ବାଚନ ଥିବାରୁ ଏହି ଅବଧି ପାଇଁ ସୁଶୀଳାଙ୍କୁ ଅନ୍ତରୀଣ ପ୍ରଧାନମନ୍ତ୍ରୀ ଭାବେ ଚୟନ କରାଯାଇଛି ।

## ଜଙ୍ଗଲର କେବଳ ୨୦ ପ୍ରତିଶତ ପର୍ଯ୍ୟଟକଙ୍କ ପାଇଁ ଖୋଲିଲା, ଏହାର ବିସ୍ତାରରେ ହେବ ଆଦିବାସୀଙ୍କ ବିକାଶ- ଗଡକାରୀ



ନୂଆଦିଲ୍ଲୀ : କେନ୍ଦ୍ରୀୟ ସଡ଼କ ପରିବହନ ଏବଂ ରାଜପଥ ମନ୍ତ୍ରୀ ନିତିନ ଗଡ଼କରୀ କହିଛନ୍ତି ଯେ ବର୍ତ୍ତମାନ ସମୟରେ ଜଙ୍ଗଲର କେବଳ ୨୦ ପ୍ରତିଶତ ଅଂଶ ପର୍ଯ୍ୟଟକଙ୍କ ପାଇଁ ଖୋଲାଯାଇଛି ଏବଂ ବାକି ୮୦ ପ୍ରତିଶତ ଅଂଶ ସୁରକ୍ଷିତ ରଖାଯାଇଛି। ଅନ୍ୟାନ୍ୟ ବନ୍ୟଜୀବନକୁ କୌଣସି କ୍ଷତି ନ ପହଁଚାଇ, ଯଦି ଜଙ୍ଗଲର ଅଧିକ ଅଂଶ ପର୍ଯ୍ୟଟନ ପାଇଁ ଖୋଲାଯାଏ, ତେବେ ସ୍ଥାନୀୟ ଆଦିବାସୀମାନଙ୍କର ବିକାଶ ଏବଂ ଉନ୍ନତିକୁ ଆଉ ଅଧିକ ଉତ୍ସାହିତ କରାଯାଇପାରିବ। ଗଡ଼କରୀ ଶନିବାର ଦିନ ନୂଆଦିଲ୍ଲୀରେ ଅନୁଷ୍ଠିତ ବନ୍ୟଜୀବ ଫଟୋ ପ୍ରଦର୍ଶନୀର ଉଦ୍‌ଘାଟନ ସମାରୋହରେ କହିଛନ୍ତି ଯେ ନାଗପୁର ଏବଂ ଏହା ପାଖରେ ଥିବା ଜଙ୍ଗଲର ସୁରକ୍ଷା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ନାଗପୁରରୁ ଜବଲପୁରକୁ ଯିବା ରାଷ୍ଟ୍ରୀୟ ରାଜପଥରେ ବାଘମାନଙ୍କ ସୁରକ୍ଷା ପାଇଁ ବିଶେଷ ଗଠନ କରାଯାଇଛି, ଯେଉଁଥିରେ ସଡ଼କ ତଳେ ଆଗମନ-ନିର୍ଗମନ ପଥ ଏବଂ ଉପରକୁ ଜଙ୍ଗଲ ଭଳି ବ୍ୟବସ୍ଥା ରହିଛି, ଯାହା ଦ୍ୱାରା ବନ୍ୟଜୀବନ ଏବଂ ସଡ଼କ ଯାତାୟାତ ମଧ୍ୟରେ ସନ୍ତୁଳନ ରହିଥାଏ। ସେ କହିଛନ୍ତି ଯେ ରାଜସ୍ଥାନ ଏବଂ ମହାରାଷ୍ଟ୍ରର ଜଙ୍ଗଲରେ ପର୍ଯ୍ୟଟନର ଅବସରକୁ ବିସ୍ତାର କରାଯାଇଛି ଏବଂ ଏଥିରେ ସ୍ଥାନୀୟ ଆଦିବାସୀ ଯୁବକମାନଙ୍କୁ ଚାକିରି ମିଳିଛି। ପର୍ଯ୍ୟଟନ କ୍ଷେତ୍ରରେ ବିଦ୍ୟୁତ୍ ଯାନବାହନର ବ୍ୟବହାର ବୃଦ୍ଧି କରିବା, ପ୍ରଦୂଷଣ ଏବଂ ଶବ୍ଦ ନିୟନ୍ତ୍ରଣ ପାଇଁ ଉଚ୍ଚତମ ନ୍ୟାୟାଳୟର କମିଟି ଦ୍ୱାରା ନିର୍ଦ୍ଦେଶ ଜାରି କରାଯାଇଛି। ମନ୍ତ୍ରୀ କହିଛନ୍ତି ଯେ ମହାରାଷ୍ଟ୍ରର ପ୍ରାୟ ୮୦ ପ୍ରତିଶତ ବନ୍ୟ ଅଞ୍ଚଳ ବିଦର୍ଭ ଅଞ୍ଚଳରେ ଅବସ୍ଥିତ। ତାଙ୍କର ସଂସଦୀୟ କ୍ଷେତ୍ରକୁ "ଟାଇଗର କ୍ୟାପିଟାଲ" ବୋଲି କୁହାଯାଏ। ଏହି ଅଞ୍ଚଳରେ ବନ୍ୟଜୀବ ସୁରକ୍ଷା ଏବଂ ସ୍ଥାନୀୟ ଚାକିରି ସୃଷ୍ଟି — ଉଭୟ ଉପରେ ସମାନ ଭାବେ ଗୁରୁତ୍ୱ ଦିଆଯାଉଛି।

## ଉତର କର୍ଣ୍ଣାଟକରେ ପ୍ରବଳ ବର୍ଷା ଯୋଗୁ ଜନଜୀବନ ଅସ୍ତବ୍ୟସ୍ତ, ଅନେକ ସ୍ଥାନରେ ବନ୍ୟା ସ୍ଥିତି

ବେଙ୍ଗାଲୁରୁ: ଉତ୍ତର କର୍ଣ୍ଣାଟକର କିଛି ଜିଲ୍ଲାରେ ପ୍ରବଳ ବର୍ଷା ଯୋଗୁ ସାଧାରଣ ଜନଜୀବନ ବ୍ୟାପକ ଭାବରେ ପ୍ରଭାବିତ ହୋଇଛି ଓ ଅନେକ ସ୍ଥାନରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ପଡ଼ୋଶୀ ରାଜ୍ୟ ମହାରାଷ୍ଟ୍ରରେ ମଧ୍ୟ ପ୍ରବଳ ବର୍ଷା ଯୋଗୁ ଉଜନୀ ଓ ବୀରା ଜଳାଶୟରୁ ଭୀମା ନଦୀକୁ ୨.୯୦ ଲକ୍ଷ କ୍ୟୁସେକ୍ ପାଣି ଛାଡ଼ାଯାଇଛି, ଏହାର ପ୍ରଭାବରୁ ବିଜୟପୁରା ଜିଲ୍ଲାର ଭୀମା ନଦୀ ବେସିନରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ସିନ୍ଦଗୀ ଅଞ୍ଚଳର ଅଗ୍ନିଶମ ଦଳ ଥାଉରଖେଡ଼ା ଗାଁ (ଅଲମେଲା ତାହସିଲ) ରେ ନଦୀ ମଧ୍ୟରେ ଅଟକି ଥିବା ୮ ଜଣଙ୍କୁ ଡଙ୍ଗା ଦ୍ୱାରା ଉଦ୍ଧାର କରିଛନ୍ତି। କଲବୁର୍ଗି ଜିଲ୍ଲାରେ ପ୍ରବଳ ବର୍ଷା ହେଉଥିବାରୁ ଜିଲ୍ଲାପାଳ ଜିଲ୍ଲାର ସମସ୍ତ ବିଦ୍ୟାଳୟକୁ ଦୁଇ ଦିନ ପାଇଁ ଛୁଟି ଘୋଷଣା କରିଛନ୍ତି । ଛାତ୍ରଛାତ୍ରୀଙ୍କ ସୁରକ୍ଷା ନିଶ୍ଚିତ କରିବା ପାଇଁ ଏହି ପ୍ରତିରୋଧମୂଳକ ପଦକ୍ଷେପ ଗ୍ରହଣ କରାଯାଇଛି। ଡିଡିପିଆଇ ସୂର୍ଯ୍ୟକାନ୍ତ ମଦନେ ଏକ ପରିପତ୍ର ଜାରି କରି ଏହି ଆଦେଶ ଲାଗୁ କରିଛନ୍ତି। ପ୍ରବଳ ବର୍ଷାକୁ ଦୃଷ୍ଟିରେ ରଖି ଜିଲ୍ଲାରେ ପୂର୍ବରୁ ଅରେଞ୍ଜ ଆଲର୍ଟ ଘୋଷିତ କରାଯାଇଛି। ବନ୍ୟା ପ୍ରଭାବିତ ଅଞ୍ଚଳରେ ଛାତ୍ରଛାତ୍ରୀଙ୍କ ସୁରକ୍ଷା ପାଇଁ ବିଦ୍ୟାଳୟଗୁଡ଼ିକୁ ଦୁଇ ଦିନର ଛୁଟି ଦିଆଯାଇଛି। ଆସନ୍ତା ଦିନରେ ଛୁଟି ସମୟରେ ଅଧ୍ୟୟନକୁ କିପରି ସମନ୍ୱୟ କରାଯିବ, ସେଥିପାଇଁ ମଧ୍ୟ ପରାମର୍ଶ ଦିଆଯାଇଛି।

## ମହାରାଷ୍ଟ୍ରର ୨୨ ଜିଲ୍ଲାରେ ବର୍ଷା ଆଲର୍ଟ

ମୁମ୍ବାଇ: ଭାରତୀୟ ପାଣିପାଗ ବିଭାଗ ଶନିବାର ଦିନ ମହାରାଷ୍ଟ୍ରର ୨୨ଟି ଜିଲ୍ଲା ପାଇଁ ଆଗାମୀ ୪୮ ଘଣ୍ଟା ପର୍ଯ୍ୟନ୍ତ ପ୍ରବଳ ବୃଷ୍ଟିର ଚେତାବନୀ ଜାରି କରିଛି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ବିପର୍ଯ୍ୟୟ ପ୍ରବନ୍ଧନ ବିଭାଗ ସମ୍ବନ୍ଧିତ ଜିଲ୍ଲାଗୁଡିକୁ ସତର୍କ ରହିବାକୁ ସୂଚନା ଦେଇଛି। ଏହି ପରିସ୍ଥିତିକୁ ଦୃଷ୍ଟିରେ ରଖି ଲାତୁର, ଧାରାଶ୍ୱି, ନାଂଦେଡ଼ ଆଦି ଜିଲ୍ଲାର ସମସ୍ତ ବିଦ୍ୟାଳୟକୁ ବନ୍ଦ କରି ଛୁଟି ଘୋଷଣା କରାଯାଇଛି। ଲୋକମାନଙ୍କୁ ଜରୁରୀ କାମ ଥିଲେ ଘରୁ ବାହାରିବା ପାଇଁ ଅନୁରୋଧ କରାଯାଇଛି। ବିପର୍ଯ୍ୟୟ ପ୍ରବନ୍ଧନ ବିଭାଗ କହିଛି ଯେ ଆସନ୍ତା ୪୮ ଘଣ୍ଟା ମହାରାଷ୍ଟ୍ର ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଅଟେ। ପାଣିପାଗ ବିଭାଗ ୨୨ଟି ଜିଲ୍ଲା ପାଇଁ ରେଡ୍ ଅଲର୍ଟ ଜାରି କରିଛି। ଦୁଇ ଦିନ ପୂର୍ବରୁ ବନ୍ୟାରେ ପ୍ରଭାବିତ ସୋଲାପୁର, ଧାରାଶ୍ୱି, ଜାଲନା ଏବଂ ଲାତୁର ଜିଲ୍ଲାରେ ଆଗାମୀ ଦୁଇ ଦିନ ଅତ୍ୟଧିକ ବର୍ଷା ହେବାର ପ୍ରବଳ ସମ୍ଭାବନା ଅଛି। ମରାଠୱାଡ଼ା ସହିତ ସାରା ରାଜ୍ୟରେ ଆଜି ଓ ଆସନ୍ତାକାଲି ପ୍ରବଳ ବର୍ଷା ହେବାର ପୂର୍ବାନୁମାନ ରହିଛି।

## ବରେଲି ହିଂସା ମାମଲାର ମାଷ୍ଟର ମାଇଣ୍ଡ ମୌଲାନା ତୌକିର ରଜା ଗିରଫ, ୧୪ ଦିନିଆ ନ୍ୟାୟିକ ହେପାଜତକୁ ପଠାଗଲା



ବରେଲି : ବରେଲି ହିଂସା ଘଟଣାରେ ଯୋଗୀ ସରକାରଙ୍କ ବଡ଼ ଆକ୍ସନ । ଇତେହାଦ-ଏ-ମିଲ୍ଲତ ପରିଷଦ (ଆଇଏମସି)ର ମୁଖ୍ୟ ମୌଲାନା ତୌକିର ରଜାଙ୍କୁ ଗିରଫ କରିଛି ୟୁପି ପୋଲିସ । ବରେଲି ପୋଲିସ ମୋଟ ୧୦ଟି ଏଫଆଇଆର ରୁଜୁ କରିଥିଲା । ଯେଉଁଥିରେ ୭ଟି ଏଫଆଇଆର କୌତିର ରଜାଙ୍କ ନାମରେ ରହିଥିଲା । ପୋଲିସ କହିବା ମୁତାବକ, ଶୁକ୍ରବାର ନମାଜ ପରେ ହିଂସା ହୋଇଥିଲା । ମୁସଲମାନ ସମ୍ପ୍ରଦାୟର କିଛି ସଦସ୍ୟ ବରେଲିର ଅଲ-ହଜରତ ଦରଗା ନିକଟରେ ଏକାଠି ହୋଇଥିଲେ । ସେମାନଙ୍କ ହାତରେ "ଆଇ ଲଭ୍ ମହମ୍ମଦ" ଲେଖାଥିବା ପୋଷ୍ଟର ଥିଲା । ଏହି ପ୍ରତିବାଦ ହିଂସାତ୍ମକ ସଂଘର୍ଷରେ ପରିଣତ ହୋଇଥିଲା । ପ୍ରତିବାଦକାରୀମାନେ ପୋଲିସ ଉପରେ ପଥର ମାଡ଼ କରିଥିଲେ, ଯାହା ଫଳରେ ପୋଲିସ ଲାଠିଚାର୍ଜ କରିବାକୁ ବାଧ ହୋଇଥିଲା । ପୋଲିସ ମୌଲାନା ତୌକିର ରଜାଙ୍କୁ ଗିରଫ କରି ୧୪ ଦିନିଆ ନ୍ୟାୟିକ ହାଜତକୁ ପଠାଇ ଦେଇଛି । ମୌଲାନା ତୌକିର ରଜାଙ୍କ ସମେତ ଅନ୍ୟ ୮ ଜଣଙ୍କୁ ଜେଲକୁ ପଠାଇ ଦିଆଯାଇଛି । ପୋଲିସ ଏପର୍ଯ୍ୟନ୍ତ ୮ ଜଣଙ୍କୁ ଗିରଫ କରିଛି । ମୋଟ ୩୯ ଜଣଙ୍କୁ ଅଟକ ରଖିଛି । ମୌଲାନା ତୌକିର ରଜାଙ୍କ ବିରୋଧରେ ମୋଟ ୭ଟି ଏଫଆଇଆର ରୁଜୁ ହୋଇଛି । ବରେଲି ହିଂସାରେ ମୋଟ ୨୨ଜଣ ପୋଲିସ କର୍ମଚାରୀ ଆହତ ହୋଇଛନ୍ତି ।

ଜିଲ୍ଲା ମାଜିଷ୍ଟ୍ରେଟ୍ ଅବିନାଶ ସିଂହ କହିଛନ୍ତି ଯେ, ପୋଲିସ ଘଟଣାସ୍ଥଳରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି ଏବଂ ପରିସ୍ଥିତିକୁ ସମ୍ପୂର୍ଣ୍ଣ ନିୟନ୍ତ୍ରଣ କରାଯାଇଛି । ସେ ଜନସାଧାରଣଙ୍କୁ ଗୁଜବକୁ ଅଣଦେଖା କରିବାକୁ ନିବେଦନ କରିଛନ୍ତି । ଡିଆଇଜି ଅଜୟ କୁମାର ସାହାନି କହିଛନ୍ତି ଯେ ଘଟଣାରେ ସମ୍ପୃକ୍ତ ଲୋକଙ୍କୁ ଭିଡିଓ ଏବଂ ଫଟୋଗ୍ରାଫ୍ ମାଧ୍ୟମରେ ଚିହ୍ନଟ କରାଯିବ ଏବଂ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

## ଚାରିଦିନିଆ ବିଦେଶ ଗସ୍ତରେ ରାହୁଲ ଗାନ୍ଧି



ନୂଆଦିଲ୍ଲୀ : କଂଗ୍ରେସର ପୂର୍ବତନ ଅଧ୍ୟକ୍ଷ ଓ ଲୋକସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଚାରି ଦିନିଆ ବିଦେଶ ଯାତ୍ରା ପାଇଁ ଶନିବାର ଦିନ ପ୍ରସ୍ଥାନ କରିଛନ୍ତି। କଂଗ୍ରେସ ମୁଖପାତ୍ର ପବନ ଖେଡ଼ା ଏକ୍ସରେ ସୂଚନା ଦେଇଛନ୍ତି ଯେ ରାହୁଲ ଗାନ୍ଧୀ ଦକ୍ଷିଣ ଆମେରିକାର ଚାରିଟି ଦେଶକୁ ଯାତ୍ରା କରିବେ। ଏହି ଅବସରରେ ସେ ରାଜନୈତିକ ନେତା, ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ ଓ ବ୍ୟବସାୟ ଜଗତର ପ୍ରତିନିଧିମାନଙ୍କୁ ସାକ୍ଷାତ କରିବେ । କଂଗ୍ରେସ ଅନୁଯାୟୀ, ରାହୁଲ ଗାନ୍ଧୀ ବ୍ରାଜିଲ ଓ କୋଲମ୍ବିଆକୁ ଯିବେ, ଯେଉଁଠାରେ ସେ ବିଶ୍ୱବିଦ୍ୟାଳୟରେ ଛାତ୍ରମାନେ ସହିତ ବାର୍ତ୍ତାଳାପ କରିବେ। ଏହା ସହିତ ସେ ପ୍ରମୁଖ ବ୍ୟବସାୟୀମାନଙ୍କ ସହିତ ମଧ୍ୟ ଆଲୋଚନା କରିବେ।

# ଏମ୍ସରେ ଆୟୁଷ୍ବାଣୀ ପତ୍ରିକା ଉନ୍ମୋଚିତ

ଭୁବନେଶ୍ୱର,୨୭।୯ (ମହାଭାରତ): ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ ସଂସ୍ଥାନ(ଏମ୍ସ), ଭୁବନେଶ୍ୱର, ଆୟୁଷ ବିଭାଗ ପକ୍ଷରୁ ଗତକାଲି ୧୦ମ ଆୟୁର୍ବେଦ ଦିବସ ଉତ୍ସାହର ସହିତ ପାଳିତ ହୋଇଯାଇଛି। ଏନେଇ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ଆଶୁତୋଷ ବିଶ୍ୱାସ ଯୋଗ ଦେଇଥିଲେ। ଡ. ବିଶ୍ୱାସ ଦୈନନ୍ଦିନ ସ୍ୱାସ୍ଥ୍ୟସେବାରେ ଆୟୁର୍ବେଦର ବର୍ଦ୍ଧିତ ପ୍ରାସଙ୍ଗିକତା ଉପରେ ଗୁରୁତ୍ୱାରୋପ କରିବା ସହିତ ଆଧୁନିକ ଚିକିତ୍ସା ପଦ୍ଧତି ସହିତ ପାରମ୍ପରିକ ଭାରତୀୟ ଚିକିତ୍ସା ପଦ୍ଧତିକୁ ସମନ୍ୱିତ କରିବା ପାଇଁ ଅନୁଷ୍ଠାନର ପ୍ରତିବଦ୍ଧତା ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ଉପସ୍ଥିତ ଅତିଥିମାନେ ଅନୁଷ୍ଠାନର ପତ୍ରିକା "ଆୟୁଷ୍ବାଣୀ"କୁ ଉନ୍ମୋଚିତ କରିଥିଲେ। ଆୟୁଷ ବିଭାଗ ପକ୍ଷରୁ ପ୍ରକାଶିତ ଏହି ପତ୍ରିକା ଆୟୁର୍ବେଦ ସମ୍ପର୍କରେ ବିଭିନ୍ନ ସୂଚନା ଦେବା ସହିତ ଗବେଷଣାତ୍ମକ ତଥ୍ୟ ପ୍ରଦାନ କରିବାରେ ଏକ ପ୍ଲାଟଫର୍ମ ଭାବରେ କାର୍ଯ୍ୟ କରିବ। ଏମ୍ସ ଭୁବନେଶ୍ୱରରେ ଆୟୁଷ ବିଭାଗ ଉଭୟ ଓପିଡି ଏବଂ ଆଇପିଡି ସେବା ପ୍ରଦାନ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ଏହା ପଂଚକର୍ମ, ଶିରୋଧାର, ଜାନୁବସ୍ତି, କଟି ବସ୍ତି, ଶିରୋବସ୍ତି, ନେତ୍ର କ୍ରିୟାକଳ୍ପ, ଯୋଗିକ କ୍ରିୟା ସମେତ ଶାସ୍ତ୍ରୀୟ ଆୟୁର୍ବେଦିକ ଚିକିତ୍ସାର ଏକ ବିସ୍ତୃତ ସେବା ପ୍ରଦାନ କରୁଛି। ଏହି ବିଭାଗ ରୋଗୀମାନଙ୍କୁ ମାଗଣାରେ ଆୟୁର୍ବେଦିକ, ହୋମିଓପାଥିକ୍ ଏବଂ ୟୁନାନି ଔଷଧ ପ୍ରଦାନ କରୁଥିବା ଏକ ସ୍ୱତନ୍ତ୍ର ଫାର୍ମାସି ମଧ୍ୟ ପରିଚାଳନା କରୁଥିବା ଡ. ବିଶ୍ୱାସ ସୂଚନା ଦେଇଛନ୍ତି। ଏହି ବିଭାଗ ପକ୍ଷରୁ ଜଟିଳ ଅଲ୍ସର, ଭାରିକୋଜ୍ ଭେନ୍ ଏବଂ ଏକଜିମା ଭଳି ଅବସ୍ଥା ପାଇଁ ଲିଚ୍ ଥେରାପି ପ୍ରଚଳନ କରିଛି। ଫିଷ୍ଟୁଲା ଏବଂ ପାଇଲୋନିଡାଲ୍ ସାଇନସ୍ ସମେତ ଆନୋରେକ୍ଟାଲ୍ ରୋଗ ପରିଚାଳନା ପାଇଁ ଏକ ଉତ୍ସର୍ଗୀକୃତ କ୍ଷାରସୂତ୍ର ଅପରେସନ୍ ଥିଏଟର୍ ମଧ୍ୟ କାର୍ଯ୍ୟକ୍ଷମ। ଏହା ବ୍ୟତୀତ, ଗ୍ଲୁକୋମା ଏବଂ ଡାଏବେଟିକ୍ ରେଟିନୋପାଥି ଭଳି ଚକ୍ଷୁ ରୋଗଗୁଡ଼ିକୁ କ୍ରିୟାକଳ୍ପ ଏବଂ ପଂଚକର୍ମ ପ୍ରକ୍ରିୟା ମାଧ୍ୟମରେ ପରିଚାଳନା କରାଯାଉଛି।

ଆୟୁଷ ବିଭାଗ ରୋଗୀଙ୍କ ଚିକିତ୍ସା ଏବଂ ନିଦାନ ପାଇଁ ଅନ୍ୟ କ୍ଲିନିକାଲ୍ ୟୁନିଟ୍ ସହିତ ସମନ୍ୱିତ ଭାବରେ କାର୍ଯ୍ୟ କରୁଛି। ଏଥିସହିତ ମଧୁମେହ, ଡିସଲିପିଡେମିଆ, ଅଷ୍ଟିଓଆର୍ଥରାଇଟିସ୍, ରିଉମାଟେଡ୍ ଆର୍ଥ୍ରାଇଟିସ୍, ପିସିଓଏସ୍, ବନ୍ଧ୍ୟାତ୍ୱ ଏବଂ ଚର୍ମ ରୋଗ ସମେତ ବିଭିନ୍ନ ଅବସ୍ଥା ସମ୍ପର୍କରେ ଗବେଷଣା କାର୍ଯ୍ୟ ମଧ୍ୟ ଜାରି ରହିଛି। ଡିଜିଟାଲ୍ ନାଡ଼ି ପରୀକ୍ଷା (ନାଡ଼ି ତରଙ୍ଗିଣୀ) ବ୍ୟବହାର କରି ବ୍ୟକ୍ତିଗତ ଚିକିତ୍ସା ପ୍ରଚଳନ କରିବା ପାଇଁ ଯୋଜନା ପ୍ରସ୍ତୁତ ହୋଇଛି। ସାମୁଦାୟିକ ଯୋଗାଯୋଗର ଅଂଶ ଭାବରେ ନିୟମିତ ଆୟୁଷ ସ୍ୱାସ୍ଥ୍ୟ ଶିବିର ଏବଂ ପିଲାମାନଙ୍କ ପାଇଁ ମାସିକ ସ୍ୱର୍ଣ୍ଣ ବିନ୍ଦୁ ପ୍ରଶାନ କାର୍ଯ୍ୟକ୍ରମ ଆୟୋଜିତ ହେଉଛି।

# ଅଟିଜିମ୍ ସଚେତନତା

ବ୍ରହ୍ମପୁର,୨୭।୯ (ମହାଭାରତ): ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିଏସ୍ଓଡିଏଲ୍), ଅନୁପମ ଖେର ଷ୍ଟୁଡିଓ ସହଭାଗିତାରେ ବ୍ରହ୍ମପୁରସ୍ଥିତ ଗୌତମ ସିନେମା ହଲରେ 'ତନଭି ଦି ଗ୍ରେଟ୍' ଚଳଚ୍ଚିତ୍ରର ସ୍ୱତନ୍ତ୍ର ପ୍ରଦର୍ଶନୀ କାର୍ଯ୍ୟକ୍ରମର ଆୟୋଜନ କରିଛି । ସ୍ନାୟୁ ବିବିଧତା ତଥା ଅଟିଜିମ୍ ଦ୍ୱାରା ପ୍ରଭାବିତ ବ୍ୟକ୍ତିବିଶେଷଙ୍କ ସପକ୍ଷରେ ସମାଜରେ ଗ୍ରହଣୀୟତା ସୃଷ୍ଟି କରିବା ଉଦ୍ଦେଶ୍ୟରେ କମ୍ପାନୀ ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି। କାର୍ଯ୍ୟକ୍ରମରେ ସ୍ନାୟୁବିବିଧ ତଥା ଅଟିଜିମ୍ ଶିଶୁ, ସେମାନଙ୍କ ଯତ୍ନ ନେଉଥିବା ବ୍ୟକ୍ତି ବିଶେଷ, ଶିକ୍ଷାବିତ୍, ବିଦ୍ୟାଳୟର ଛାତ୍ରଛାତ୍ରୀ, ବିଭିନ୍ନ ଏନଜିଓ, ସରକାରୀ କର୍ମଚାରୀ ଓ ଅଞ୍ଚଳର ବୁଦ୍ଧିଜୀବୀମାନେ ସାମିଲ ହୋଇଥିଲେ। ୬୦୦ରୁ ଅଧିକ ଦର୍ଶକ ଏହି ଚଳଚ୍ଚିତ୍ରକୁ ଦେଖିଥିବା ବେଳେ ଟିପିଏସ୍ଓଡିଏଲର ଏଭଳି ଉଦ୍ୟମକୁ ସେମାନେ ଉଚ୍ଚ ପ୍ରଶଂସା କରିଥିଲେ । କମ୍ପାନୀର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ ଅମିତ କୁମାର ଗର୍ଗ, ସମସ୍ତ ବରିଷ୍ଠ ଅଧିକାରୀ, ସରକାରୀ ଅଧିକାରୀ, ଟାଟା ଷ୍ଟିଲ ଫାଉଣ୍ଡେସନ, ସର୍ବଶିକ୍ଷା ଅଭିଯାନ ଓ ଅନ୍ୟ ବ୍ୟକ୍ତିମାନେ କାର୍ଯ୍ୟକ୍ରମରେ ସାମିଲ ଥିଲେ । ଏକ ସମାବେଶୀ ସମାଜ ଗଠନ ଦିଗରେ ଏହି ପଦକ୍ଷେପ କମ୍ପାନୀର ଦୃଢ଼ ପ୍ରତିବଦ୍ଧତାକୁ ପ୍ରମାଣ କରୁଛି ବୋଲି ଅଧିକାରୀମାନେ ମତ ରଖିଥିଲେ।

# ଏଚଡି ପକ୍ଷରୁ ଡିଆରଏଚପି ଦାଖଲ

ଭୁବନେଶ୍ୱର,୨୭।୯ (ମହାଭାରତ):ଏଚଡି ଫାୟାର ପ୍ରୋଟେକ୍ଟ ଲିମିଟେଡ ପକ୍ଷରୁଭାରତୀୟ ପ୍ରତିଭୂତି ଓ ବିନିମୟବୋର୍ଡ (ସେବି) ନିକଟରେ ଡ୍ରାଫଟରେ ଡହେରିଂପ୍ରୋସପେକ୍ଟସ (ଡିଆରଏଚପି) ଦାଖଲକରାଯାଇଛି। ଏହାହେଉଛି ଅଗ୍ନିସୁରକ୍ଷା ଉପକରଣ ଓ ସିଷ୍ଟମଉତ୍ପାଦନ ଓ ଯୋଗାଣକରୁଥିବା ଏକ ଭାରତୀୟସଂସ୍ଥା ଯାହାରଜଳ, ଫୋମ ଓ ଗ୍ୟାସ ଆଧାରିତ ଅଗ୍ନିନିର୍ବାପକ ଯନ୍ତ୍ରର ବ୍ୟାପକ ପୋର୍ଟଫୋଲିଓ ରହିଛି। କମ୍ପାନିଜାତୀୟ ଓ ଅନ୍ତର୍ଜାତୀୟମାନକୁ ବଜାୟ ରଖିପ୍ରୋପାଇଟୋରିଡିଜାଇନ ସହ ନିଜ କାରଖାନାରେ ଅଧିକାଂଶଉତ୍ପାଦ ନିର୍ମାଣକରୁଛି ଯାହାଶିଳ୍ପ, ଆବାସିକ ଓ ବାଣିଜ୍ୟିକ କ୍ଷେତ୍ରର ଆବଶ୍ୟକତା ପୂରଣକରୁଛି। ୨୦୨୪ ଆର୍ଥିକବର୍ଷ ପରିଚାଳନାରାଜସ୍ୱ ଆଧାରରେକମ୍ପାନିହେଉଛ ଭାରତରେ ଦ୍ୱିତୀୟବୃହତ ଅଗ୍ନିସୁରକ୍ଷା ଉପକରଣ ଓ ସିଷ୍ଟମ ନିର୍ମାତାଏବଂମୂଲ୍ୟ ଦୃଷ୍ଟିରୁସର୍ବବୃହତରପ୍ତାନିକାରୀ। ୨୦୨୪-୨୫ ଆର୍ଥିକବର୍ଷରେକମ୍ପାନି ୯୦ରୁ ଅଧିକ ଦେଶକୁରପ୍ତାନିକରିଛି। ଏହି ଅଫରରେ ଅଫର ଫରସେଲରେ ୨୬,୨୮୪,୫୦୦ ଇକ୍ୱିଟି ସେୟାର ବିକ୍ରିକରାଯିବ।

# ଡାଉନଷ୍ଟ୍ରିମ୍ ଶିଳ୍ପଗୁଡ଼ିକୁ ତରଳ ଧାତୁ ଯୋଗାଇବ ନାଲକୋ

ଭୁବନେଶ୍ୱର,୨୭।୯ (ମହାଭାରତ): ଭାରତ ସରକାରଙ୍କ ଖଣି ମନ୍ତ୍ରଣାଳୟ ଅଧିନସ୍ଥ ନବରତ୍ନ ଲୋକ ଉଦ୍ୟୋଗ ନ୍ୟାସନାଲ ଆଲ୍ୟୁମିନିୟମ କମ୍ପାନୀ ଲିମିଟେଡ଼ (ନାଲକୋ) ଏବଂ ଓଡ଼ିଶା ସରକାରଙ୍କ ଇଡ଼କୋର ମିଳିତ ସହଯୋଗରେ ଭୁବନେଶ୍ୱରରେ ଅନୁଗୋଳ ଆଲୁମିନିୟମ ପାର୍କ ସମ୍ପର୍କିତ ରୋଡ୍ ସୋ ଆୟୋଜିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବିଭିନ୍ନ ସରକାରୀ ଅଧିକାରୀ, ଶିଳ୍ପନେତା, ନିବେଶକ ଏବଂ ପ୍ରମୁଖ ଅଂଶୀଦାରମାନେ ଏକତ୍ରିତ ହୋଇଥିଲେ। ଓଡ଼ିଶାର ଅନୁଗୋଳ ଠାରେ ଅନୁଗୋଳ ଆଲୁମିନିୟମ ପାର୍କ ହେଉଛି ନାଲକୋ ଏବଂ ଇଡ଼କୋ ମଧ୍ୟରେ ଏକ ମିଳିତ ଉଦ୍ୟମ।




ଉଦଘାଟନୀ ଅଧିବେଶନରେ ଓଡ଼ିଶା ସରକାରଙ୍କ ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟସଚିବ ହେମନ୍ତ କୁମାର ଶର୍ମା, ମୁଖ୍ୟ ଅତିଥି ଭାବେ ନାଲକୋ ସିଏମଡି ବିଜେନ୍ଦ୍ର ପ୍ରତାପ ସିଂହଙ୍କ ସହ ଯୋଗ ଦେଇଥିଲେ। ଏଥିସହ, ଟାଟାଷ୍ଟିଲର ସ୍ୱତନ୍ତ୍ର ଅର୍ଥନୈତିକ ଅଞ୍ଚଳ(ଏସଇଜେଡ)ର ପରିଚାଳନା ନିର୍ଦ୍ଦେଶକ ମଣିକାନ୍ତ ନାଏକ ଏବଂ ନାଲକୋର ନିର୍ଦ୍ଦେଶକ (ପ୍ରକଳ୍ପ ଏବଂ ବୈଷୟିକ) ଜଗଦୀଶ ଆରୋରା ମଧ୍ୟ ଅତିଥିଭାବେ ଯୋଗଦେଇଥିଲେ। ନିଜ ଅଭିଭାଷଣରେ ଶ୍ରୀସିଂହ ଆଲୋକପାତ କହିଥିଲେ ଯେ, ଅନୁଗୋଳ ଆଲୁମିନିୟମ ପାର୍କ ଉନ୍ନତ ସଡ଼କ ସଂଯୋଗ, ଦକ୍ଷ ପରିବହନ, ନିରବଚ୍ଛିନ୍ନ ବିଦ୍ୟୁତ ଏବଂ ଜଳଯୋଗାଣ, ପ୍ରଶାସନିକ କାର୍ଯ୍ୟାଳୟ, ତାଲିମ କେନ୍ଦ୍ର ଏବଂ ପ୍ରୟୋଗଶାଳା ସମେତ ବିଶ୍ୱସ୍ତରୀୟ ସୁବିଧାପ୍ରଦାନ କରିବ। ସେ କହିଥିଲେ ନାଲକୋ ଡାଉନଷ୍ଟ୍ରିମ ଶିଳ୍ପଗୁଡ଼ିକୁ ରିହାତି ଦରରେ ବାର୍ଷିକ ୫୦,୦୦୦ ଟନ ତରଳଧାତୁ ଯୋଗାଇବ, ଯାହାମୂଲ୍ୟ-ପ୍ରଭାବଶାଳୀ ଉତ୍ପାଦନ ଏବଂ ମଧ୍ୟମ ଏବଂ କ୍ଷୁଦ୍ର ଶିଳ୍ପକୁ ପ୍ରୋତ୍ସାହିତ କରିବ।

ଶିଳ୍ପ ବିଭାଗ ଅତିରିକ୍ତ ମୁଖ୍ୟ ସଚିବ ଶ୍ରୀ ଶର୍ମା ଓଡ଼ିଶାର ଆଲୁମିନିୟମ ଶକ୍ତି ଉପରେ ଆଲୋକପାତ କରିଥିଲେ ଏବଂ ଉଲ୍ଲେଖ କରିଥିଲେ ଯେ ରାଜ୍ୟ ଭାରତର ପ୍ରାଥମିକ ଆଲୁମିନିୟମର ୭୨ ଭାଗ ଉତ୍ପାଦନ କରୁଥିବା ବେଳେ, ଏହାର ଡାଉନଷ୍ଟ୍ରିମ୍ ଆଉଟପୁଟ୍ କମ୍ ରହିଛି, ଯାହା ବ୍ୟାପକ ଅଭିବୃଦ୍ଧିର ସୁଯୋଗ ସୃଷ୍ଟି କରିଛି। ସେ ଆଲୁମିନିୟମକୁ ଭବିଷ୍ୟତର ଧାତୁ ବୋଲି କହିଥିଲେ ଯାହା ପ୍ୟାକେଜିଂ, ଇଭି ଏବଂ ଏରୋସ୍ପେସରେ ପ୍ରୟୋଗ ହୋଇଥାଏ। ସେ ଆଲୁମିନିୟମ ପାର୍କକୁ ଏକ ପ୍ରମୁଖ ଅଭିବୃଦ୍ଧି ସୁଯୋଗ ଭାବରେ ବର୍ଣ୍ଣନା କରିଥିଲେ ଯାହା ଦ୍ରୁତ ଗତିରେ ବିସ୍ତାର ହେବାକୁ ଯାଉଛି। ସେ ନିବେଶକମାନଙ୍କୁ ଅନୁଗୋଳ ଅଲିମିନିୟମ ପାର୍କର ସମ୍ଭାବନା ଗୁଡିକୁ ଉପଯୋଗ କରିବାକୁ ଆହ୍ୱାନ କରିଥିଲେ।

# ସାମୁଦ୍ରିକ ସପ୍ତାହ ପୂର୍ବରୁ ପାରାଦୀପ ବନ୍ଦର ପକ୍ଷରୁ ରୋଡସୋ

ଭୁବନେଶ୍ୱର,୨୭।୯ (ମହାଭାରତ): କେନ୍ଦ୍ର ବନ୍ଦର, ଜାହାଜ ଚଳାଚଳ ଏବଂ ଜଳପଥ ମନ୍ତ୍ରଣାଳୟ ଅଧୀନସ୍ଥ ପାରାଦୀପ ବନ୍ଦର କର୍ତ୍ତୃପକ୍ଷ ଆଜି ଭୁବନେଶ୍ୱରରେ 'ଭାରତୀୟ ସାମୁଦ୍ରିକ କ୍ଷେତ୍ରର ପରିବର୍ତ୍ତିତ ଦିଗ: ପରିମାଣରୁ ଦୂରଦୃଷ୍ଟି ପର୍ଯ୍ୟନ୍ତ' ବିଷୟବସ୍ତୁ ଉପରେ ଏକ ରୋଡ୍ ଶୋ ସଫଳତାର ସହିତ ଆୟୋଜନ କରିଛନ୍ତି। ଏହି କାର୍ଯ୍ୟକ୍ରମଟି ଭାରତ ସାମୁଦ୍ରିକ ସପ୍ତାହ (ଆଇଏମଡବ୍ଲୁ) ୨୦୨୫ ପୂର୍ବରୁ ଦେଶର ବିଭିନ୍ନ ସ୍ଥାନରେ ଆୟୋଜନ ହେଉଥିବା ବିଭିନ୍ନ ପ୍ରଚାରମୂଳକ କାର୍ଯ୍ୟକ୍ରମ ମଧ୍ୟରେ ଅନ୍ୟତମ। ଏହି ରୋଡଶୋରେ ମୁଖ୍ୟ ଅତିଥି ଭାବେ ସମ୍ପଦ ଚନ୍ଦ୍ର ସ୍ୱାଇଁ, ଶିଳ୍ପ, ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ମନ୍ତ୍ରୀ, ଓଡ଼ିଶା ସରକାର ଯୋଗ ଦେଇଥିବାବେଳେ ଡକ୍ଟର ବିଭୁ ପ୍ରସାଦ ତରାଇ, ସାଂସଦ (ଲୋକସଭା); ହେମନ୍ତ ଶର୍ମା, ଅତିରିକ୍ତ ମୁଖ୍ୟ ସଚିବ, ଶିଳ୍ପ ବିଭାଗ, ଓଡ଼ିଶା ସରକାର ଏବଂ ଇପିକଲ ଅଧ୍ୟକ୍ଷ; ଏବଂ ଶ୍ରୀମତୀ ଉଷା ପାଢୀ, ପ୍ରମୁଖ ସଚିବ, ଗୃହ ନିର୍ମାଣ ଏବଂ ନଗର ଉନ୍ନୟନ ଏବଂ ବାଣିଜ୍ୟ ଓ ପରିବହନ, ଓଡ଼ିଶା ସରକାରଙ୍କ ସହିତ ଶିଳ୍ପ ନେତା, ସରକାରୀ ଅଧିକାରୀ ଏବଂ ସାମୁଦ୍ରିକ ମୂଲ୍ୟ ଶୃଙ୍ଖଳାର ଅଂଶୀଦାରମାନେ ଉପସ୍ଥିତ ଥିଲେ। ସମାରୋହରେ ସ୍ୱାଗତ ଭାଷଣ ଦେଇ, ପାରାଦୀପ ବନ୍ଦରର ଅଧ୍ୟକ୍ଷ ଶ୍ରୀ ପି.ଏଲ୍. ହାରନାଧ ଭାରତର ସାମୁଦ୍ରିକ ଦୃଷ୍ଟିକୋଣ ୨୦୪୭ ଉପରେ ଆଲୋକପାତ କରିବା ସହିତ ସ୍ଥିର ବାଣିଜ୍ୟ ଅଭିବୃଦ୍ଧି, ସ୍ଥାୟୀତ୍ୱ ଏବଂ ଡିଜିଟାଲ୍ ପରିବର୍ତ୍ତନର ବିଶ୍ୱ ସାମୁଦ୍ରିକ ଧାରା ଉପରେ ଆଲୋକପାତ କରିଥିଲେ।

# ଆୟରଲ୍ୟାଣ୍ଡ ଯିବ ଢେଙ୍କାନାଳର ଅମୃତଭଣ୍ଡା

ଭୁବନେଶ୍ୱର,୨୭।୯ (ମହାଭାରତ): ଓଡ଼ିଶାର କୃଷି କ୍ଷେତ୍ରରେ ଏକ ନୂଆ ଅଧ୍ୟାୟ ସୃଷ୍ଟି ହୋଇଛି। ଆଗରୁ ବିଦେଶୀ ଜିନିଷ ଆମଦାନୀ ହେଉଥିବା ବେଳେ ଏବେ ଓଡ଼ିଶାର ପନିପରିବା ବିଦେଶକୁ ରପ୍ତାନୀ ହେଉଛି ଏବଂ ବିଦେଶରେ ଏହାର ଚାହିଦା ମଧ୍ୟ ଖୁବ୍ ରହୁଛି । ଢେଙ୍କାନାଳ ମାଟିରୁ ୧୦୦ କିଲୋ ସାରୁ ଏବଂ ୩୨୦ କିଲୋ ସବୁଜ ଅମୃତଭଣ୍ଡା ନେତାଜୀ ସୁବାସ ଚନ୍ଦ୍ର ବୋଷ ଅନ୍ତର୍ଜାତୀୟ ବିମାନ ବନ୍ଦର, କଲିକତା ଦେଇ ସୁଦୂର ଆୟରଲ୍ୟାଣ୍ଡକୁ ରପ୍ତାନୀ ହୋଇଛି । କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଅଧିନସ୍ଥ ଉଦ୍ୟାନ କୃଷି ନିର୍ଦ୍ଦେଶାଳୟର ଦୃଢ ନେତୃତ୍ୱ , ଗେଟ୍ସ ଫାଉଣ୍ଡେସନର ସହାୟତା ଏବଂ ପାଲାଡିୟମର ମିଳିତ ସମନ୍ୱୟରେ ଏହି ସଫଳତା ସମ୍ଭବ ହୋଇଛି। ଏହି ସଫଳତାର ମଙ୍ଗ ଧରିଛି ଢେଙ୍କାନାଳର 'ସପ୍ତଶଯ୍ୟା କୃଷକ ଉତ୍ପାଦକ କମ୍ପାନୀ', ଯାହା କ୍ଷୁଦ୍ର ଚାଷୀଙ୍କ ସାମୂହିକ ଶକ୍ତିର ପ୍ରତୀକ ପାଲଟିଛି। ଏକ ସମୃଦ୍ଧ କୃଷି ଅର୍ଥନୀତି ଗଠନ, ଚାଷୀ ଭାଇଭଉଣୀଙ୍କୁ ନିଜ ପରିଶ୍ରମର ଉଚିତ ମୂଲ୍ୟ ପ୍ରଦାନ ସହ ବିଶ୍ୱ ବଜାରରେ ଓଡ଼ିଶାର କୃଷିଜାତ ଦ୍ରବ୍ୟର ଚାହିଦା ବୃଦ୍ଧି ଦିଗରେ ସପ୍ତଶଯ୍ୟା କୃଷକ ଉତ୍ପାଦକ କମ୍ପାନୀ ନିଜର ନିରନ୍ତର ଉଦ୍ୟମ ଜାରି ରଖିଛି । ଚଳିତ ଥର ଅମୃତଭଣ୍ଡା ସହ ପ୍ରଥମ ଥର ଉଚ୍ଚ ଗୁଣବତ୍ତା ସମ୍ପନ୍ନ ତଥା ସ୍ୱାଦିଷ୍ଟ ସାରୁ ସୁଦୂର ଆୟରଲ୍ୟାଣ୍ଡକୁ ରପ୍ତାନୀ କରି ଏହି କୃଷକ ଉତ୍ପାଦକ ସଂଗଠନ ନିଜ ସଫଳତାର ଯାତ୍ରାରେ ଆଉ ଏକ ଫର୍ଦ୍ଦ ଯୋଡ଼ିଛି। ଏହା ଓଡ଼ିଶାର ଚାଷୀଙ୍କ ସ୍ୱପ୍ନକୁ ଏକ ବିଶ୍ୱସ୍ତରୀୟ ମଂଚ ଦେବାର ପ୍ରୟାସ। ଏ ଦିଗରେ ନିରନ୍ତର ଉଦ୍ୟମ ଜାରି ରହିବା ସହ କୃଷି ବିଭାଗ ନେତୃତ୍ୱରେ ପାଲାଡିୟମର ସମନ୍ୱୟରେ ୨୦୨୪ ଠାରୁ ଏ ପର୍ଯ୍ୟନ୍ତ ୧୪୦ ମେଟ୍ରିକ ଟନରୁ ଉର୍ଦ୍ଧ୍ୱ ସତେଜ ପନିପରିବା ଓ ଫଳ ୧୦ ଟି ଅନ୍ତର୍ଜାତୀୟ ବଜାରକୁ ରପ୍ତାନୀ କରାଯାଇଛି।

# ସମାଜର ଅନ୍ତିମ ସୋପାନରେ ଥିବା ଲୋକଙ୍କ ବିକାଶ ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ

ଭୁବନେଶ୍ୱର,୨୭।୯ (ମହାଭାରତ): ମହାନ ରାଷ୍ଟ୍ରବାଦୀ, ଜନନାୟକ, ଦାର୍ଶନିକ, ଭାରତୀୟ ଜନସଂଘର ପ୍ରତିଷ୍ଠାତା ସାଧାରଣ ସଂପାଦକ, ଆମ ଦଳର ମାର୍ଗଦର୍ଶକ ତଥା ଏକାତ୍ମ ମାନବ ଦର୍ଶନର ସ୍ରଷ୍ଟା ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ୧୧୦ ତମ ଜନ୍ମ ଜୟନ୍ତୀକୁ ଦେଶବ୍ୟାପୀ ପାଳନ କରାଯାଉଛି । ଏହି ଅବସରରେ ଆଜି ପାର୍ଟୀ ତରଫରୁ ରାଜ୍ୟର ପ୍ରତ୍ୟେକ ବୁଥରେ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ଏବଂ ତାଙ୍କ ଜୀବନ ଓ ଯୋଗଦାନ ବିଷୟରେ ସ୍ମୃତିଚାରଣ କରାଯାଇଛି। ବିଶ୍ୱ ଦରବାରରେ ଭାରତର ମାନ ଓ ସମ୍ମାନ ବୃଦ୍ଧି କରିଛନ୍ତି। ଯଶସ୍ୱୀ ମୋଦିଜୀ ଭାରତକୁ ଆର୍ଥିକ ଓ ସାମରିକ ମହାଶକ୍ତିରେ ପରିଣତ କରି ଆନ୍ତର୍ଜାତିକ ମହଲରେ ଦେଶର ସ୍ଥିତି ସୁଦୃଢ଼ କରିଛନ୍ତି। ଫଳରେ ସାରା ବିଶ୍ୱରେ ଭାରତକୁ ସ୍ୱତନ୍ତ୍ର ମର୍ଯ୍ୟାଦା ମିଳିପାରିଛି। ମୋଦି ଗ୍ୟାରେଂଟିକୁ ଓଡ଼ିଶା ସମେତ ସମଗ୍ର ଦେଶବାସୀ ଦେଖିଛନ୍ତି। ଏଭଳି ଜଣେ ଯୁଗପୁରୁଷଙ୍କ ୭୫ତମ ଜନ୍ମ ଦିବସରେ ମୋଦିଜୀଙ୍କ ସେବା ମନୋଭାବକୁ



ପାଥେୟ କରି ବିଜେପି ତରଫରୁ ଦେଶବ୍ୟାପୀ "ସେବା ଦିବସ" ଓ ସେପ୍ଟେମ୍ବର ୧୭ରୁ ଆସନ୍ତା ଅକ୍ଟୋବର ୨ ତାରିଖ ଗାନ୍ଧୀ ଏବଂ ଶାସ୍ତ୍ରୀ ଜୟନ୍ତୀ ପର୍ଯ୍ୟନ୍ତ 'ସେବାପକ୍ଷ' ଭାବେ ପାଳନ କରାଯାଉଛି। ଏହି ସେବାପକ୍ଷ ଅବସରରେ ଆଜି ବିଜେପିର ବିଚାର ପ୍ରଣେତା ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଜୀଙ୍କ ଜୟନ୍ତୀକୁ ରାଜ୍ୟ, ଜିଲ୍ଲା ଓ ବୁଥସ୍ତରରେ ପାଳନ କରାଯିବା ସହ ଦିବ୍ୟାଙ୍ଗ ଏବଂ ଅନ୍ୟାନ୍ୟ ପ୍ରତିଷ୍ଠିତ ବ୍ୟକ୍ତିଙ୍କୁ ସମ୍ମାନିତ କରାଯାଇଛି। ଏନେଇ ସ୍ୱଚ୍ଛଭାରତ କାର୍ଯ୍ୟକ୍ରମ ଓ 'ମାଁ ପାଇଁ ଗଛଟିଏ ଅଭିଯାନ' ଅନ୍ତର୍ଗତ ବୃକ୍ଷରୋପଣ କରାଯାଇଛି। ଏହି କାର୍ଯ୍ୟକ୍ରମରେ ବୁଥରୁ ଆରମ୍ଭ କରି ରାଜ୍ୟସ୍ତର ଓ ଜିଲ୍ଲା ସ୍ତରରେ ପ୍ରତ୍ୟେକ କାର୍ଯ୍ୟକର୍ତା ନିଜ ନିଜ ଅଂଚଳରେ ଉପସ୍ଥିତ ରହି ସଫେଇ ଓ ବୃକ୍ଷରୋପଣ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭୁବନେଶ୍ୱରରେ ଏବଂ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ ଭଦ୍ରକରେ ଏବଂ ଉପମୁଖ୍ୟମନ୍ତ୍ରୀ କେ.ଭି.ସିଂହଦେଓ ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ସ୍ୱଚ୍ଛଭାରତ ଅଭିଯାନ ଓ 'ମାଁ ପାଇଁ ଗଛଟିଏ ଅଭିଯାନ' ରେ ଯୋଗ ଦେଇଥିଲେ । 'ଏକାତ୍ମ ମାନବ ଦର୍ଶନ' ହେଉଛି ଆମର ମୂଳ ଆଧାର ଏବଂ 'ଅନ୍ତ୍ୟୋଦୟ' ହେଉଛି ସଂକଳ୍ପ। କ୍ଷମତା କେବଳ ଏକ ମାତ୍ର ଲକ୍ଷ୍ୟ ନୁହେଁ, ଜନସେବା ହେଉଛି ମୂଳ ଲକ୍ଷ୍ୟ। ରାଜ୍ୟରେ ବର୍ତ୍ତମାନ ବିଜେପିର ଡବଲ ଇଂଜିନ ସରକାର। ସଶକ୍ତ ଓ ସ୍ୱାବଲମ୍ବୀ ଓଡିଶା ଗଠନ କରିବା ଆମର ପ୍ରାଥମିକତା । ଓଡିଶାବାସୀଙ୍କ ବିପୁଳ ସମର୍ଥନ କାରଣରୁ 'ବିକଶିତ ଓଡିଶାର ମୂଳଦୁଆ' ପଡିସାରିଛି। ୨୦୩୬ ସୁଦ୍ଧା ଓଡିଶା ବିକଶିତ ହେବ ଏବଂ ୨୦୪୭ ସୁଦ୍ଧା ବିକଶିତ ଭାରତ ଗଠନରେ ଓଡିଶା ରାଜ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ ବୋଲି ରାଜ୍ୟ ସଭାପତି ଶ୍ରୀ ସାମଲ କହିଛନ୍ତି।

# ରେଳ ପ୍ରକଳ୍ପ ଗୁଡିକୁ ତ୍ୱରାନ୍ୱିତ ଉପରେ ଗୁରୁତ୍ୱ

ଭୁବନେଶ୍ୱର,୨୭।୯ (ମହାଭାରତ): ରାଜ୍ୟରେ ରେଳ ଭିତ୍ତିଭୂମି ବିକାଶ ନିମନ୍ତେ ଚାଲିଥିବା ବିଭିନ୍ନ ପ୍ରକଳ୍ପଗୁଡ଼ିକର ସମୀକ୍ଷା ବୈଠକ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଓଡ଼ିଶା ଶ୍ରୀମତୀ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ବାଣିଜ୍ୟ ଏବଂ ପରିବହନ ବିଭାଗର ପ୍ରମୁଖ ସଚିବ ଉଷା ପାଢୀ , ପୂର୍ବତଟ ରେଳପଥର ଜେନେରାଲ ମ୍ୟାନେଜର ପି. ଫୁନକୁଲ, କମିଶନର ରେଳ ସଂଯୋଜନା ତଥା ଯୁଗ୍ମ ସଚିବ କୌସ୍ତୁଭ ଦୀପ୍ତ ପାଣିଙ୍କ ସମେତ ବାଣିଜ୍ୟ ଓ ପରିବହନ ବିଭାଗ ଏବଂ ଅନ୍ୟାନ୍ୟ ପଦାଧିକାରୀମାନେ ଉକ୍ତ ବୈଠକରେ ଉପସ୍ଥିତ ଥିଲେ।

ରେଳ ଭିତ୍ତିଭୂମି ବିକାଶ ନିମନ୍ତେ ନିରନ୍ତର ଭାବେ ଜମି ଅଧିଗ୍ରହଣ ସହ ଅନ୍ୟ ଆବଶ୍ୟକୀୟ ମଞ୍ଜୁରୀ ପ୍ରଦାନ, ପୁଞ୍ଜି ବିନିଯୋଗ ଦିଗରେ ଓଡ଼ିଶା ଅଗ୍ରଣୀ ଭୂମିକା ଗ୍ରହଣ କରିଆସୁଛି। ୪୯୨.୧୨ କୋଟି ଟଙ୍କା ବିନିଯୋଗରେ ନିର୍ମାଣ ହେବାକୁ ଥିବା ୩୨ କିଲୋମିଟର ବ୍ୟାପୀ ପୁରୀ -କୋଣାର୍କ ରେଳପଥ ଦ୍ୱାରା ଆଧ୍ୟାତ୍ମିକ ଏବଂ ପର୍ଯ୍ୟଟନ କ୍ଷେତ୍ର ବିକଶିତ ହେବ, ଏହା ସହିତ ଗୋଟିଏ ଷ୍ଟେସନ-ଗୋଟିଏ ଉତ୍ପାଦ ଅଧୀନରେ ସ୍ଥାନୀୟ ଉତ୍ପାଦକୁ ପ୍ରୋତ୍ସାହନ ମିଳିବ।

ମୟୂରଭଞ୍ଜ ଜିଲ୍ଲାର ୩ଟି ପ୍ରକଳ୍ପ ଯଥା ବାଙ୍ଗିରୀପୋଷି- ଗୋରୁମହିସାଣୀ, ବାଦାମପାହାଡ଼-କେନ୍ଦୁଝରଘର ଏବଂ ବୁଢ଼ାମାରା-ଚାକୁଳିଆ ଉତ୍ତର ଓଡ଼ିଶାକୁ ଦକ୍ଷିଣାଂଚଳ ସହ ଯୋଡ଼ିବ। ଏହା ଦ୍ୱାରା ବେତନଟୀ ଠାରୁ ରାଜଗାଙ୍ଗପୁରକୁ ସିଧାସଳଖ ଯୋଗାଯୋଗ ସ୍ଥାପନା ହୋଇପାରିବ। ଅନୁରୂପ ଭାବେ ଜଳେଶ୍ୱର-ଚନ୍ଦନେଶ୍ୱର ନେଇ ମଧ୍ୟ ଯୋଜନା କରାଯାଇଛି, ଯାହା ଦ୍ୱାରା ସମୁଦ୍ର ତଟବର୍ତ୍ତୀ ପର୍ଯ୍ୟଟନରେ ଅଭିବୃଦ୍ଧି ହେବ। ସେହିଭଳି କେବିକେ ଅଂଚଳରେ ଗୁଣୁପୁର-ଥେରୁବାଲି, ଜୁନାଗଡ଼-ନବରଙ୍ଗପୁର ଏବଂ ମାଲକାନଗିରି-ପାଣ୍ଡୁରାଗପୁରମ୍ ଦ୍ୱାରା ରାୟପୁର ଠାରୁ ବିଜୟୱାଡାକୁ ସିଧାସଳଖ ସମ୍ପର୍କ ସ୍ଥାପନ ହୋଇପାରିବ। ଅନ୍ୟ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ମଧ୍ୟରେ ଖୋର୍ଦ୍ଧା-ବଲାଙ୍ଗୀର ନୂତନ ଲାଇନ ଅଭ୍ୟନ୍ତରୀଣ ଅଂଚଳକୁ ଯୋଗାଯୋଗ ସ୍ଥାପନରେ ସହାୟକ ହେବ ଏବଂ ବରଗଡ଼-ନୂଆପଡ଼ା ରୋଡ ନୂତନ ଲାଇନ ଚାଉଳ ଉତ୍ପାଦନକାରୀ ପଶ୍ଚିମ ଓଡ଼ିଶା ଏବଂ ଦକ୍ଷିଣ ଓଡ଼ିଶାର ଅଂଚଳ ଗୁଡ଼ିକୁ ବଜାର ସହ ସହଜରେ ଯୋଡ଼ି ହେବେ ଏହା ସହିତ କୋଇଲ ରପ୍ତାନୀ ଖର୍ଚ୍ଚ ହ୍ରାସ ହେବା ସହ ଅନୁଗୁଳ-ତାଲଚେର ଏବଂ ରାୟପୁରରେ ପ୍ରଦୂଷଣ ହ୍ରାସ କରିବ।

# 'ଗାନ୍ଧୀଜୀଙ୍କ ଦୃଷ୍ଟିକୋଣରେ ନାରୀ' ଆଲୋଚନାଚକ୍ର

ଭୁବନେଶ୍ୱର,୨୭।୯ (ମହାଭାରତ): ଭାରତ ସରକାରଙ୍କ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅଧୀନ କେନ୍ଦ୍ରୀୟ ସଂଚାର ବ୍ୟୁରୋ, (ସିବିସି) ପ୍ରାଦେଶିକ କାର୍ଯ୍ୟାଳୟ ଏବଂ ପତ୍ର ସୂଚନା କାର୍ଯ୍ୟାଳୟ (ପିଆଇବି), ଭୁବନେଶ୍ୱରର ମିଳିତ ଆନୁକୂଲ୍ୟରେ




ଆଜି ଗାନ୍ଧୀଜୀଙ୍କ ଦୃଷ୍ଟିକୋଣରେ ନାରୀ କାର୍ଯ୍ୟକ୍ରମ ସଫଳତାର ସହିତ ଆୟୋଜିତ ହୋଇଛି।

ପିଆଇବି ଓ ସିବିସିର ଅତିରିକ୍ତ ମହାନିର୍ଦ୍ଦେଶକ ଅଖିଳ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ଅବସରରେ ବିଶିଷ୍ଟ ଅତିଥି ଭାବେ ଡ. ହୃଷିକେଶ ମଲ୍ଲିକ, ସ୍ୱତନ୍ତ୍ର ଅତିଥି ଭାବେ ସମ୍ବିତ ତ୍ରିପାଠୀ, ପୂର୍ବତନ ଆୟକର କମିଶନର, ଡ଼. ହିମାଦ୍ରି ତନୟା ମିଶ୍ରଙ୍କ ସମେତ ବହୁ ସରକାରୀ ଅଧିକାରୀ ଓ କର୍ମଚାରୀ ଏବଂ ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଆମନ୍ତ୍ରିତ ଅତିଥିମାନେ ଗାନ୍ଧୀଜୀଙ୍କ ଦୃଷ୍ଟିକୋଣରେ ନାରୀ ବିଷୟରେ ଆଲୋକପାତ କରିଥିଲେ।

କାର୍ଯ୍ୟକ୍ରମରେ ସଭାପତିତ୍ୱ କରି ପିଆଇବି ଏଡିଜି ଶ୍ରୀ ମିଶ୍ର କହିଥିଲେ, ମହାତ୍ମା ଗାନ୍ଧୀଙ୍କ ଚିନ୍ତାଧାରାରେ ନାରୀଙ୍କୁ ଏକ ସଶକ୍ତ ଶକ୍ତି ଭାବରେ ଦେଖାଯାଇଛି। ସେମାନଙ୍କର ସହନଶୀଳତା, ସତ୍ୟ ପ୍ରତି ଅଗାଢ ବିଶ୍ୱାସ ଓ ନୀତିମୂଳକ ଦୃଢତା, ସମାଜକୁ ନୂଆ ଦିଗାରେ ଆଗେଇ ନେବାରେ ସବୁବେଳେ ଶକ୍ତିଶାଳୀ ହୋଇଥାଏ। ଗାନ୍ଧୀଜୀଙ୍କ ମତାନୁସାରେ, ନାରୀଙ୍କୁ ଅବହେଳା କରି ସମାଜର ସମ୍ପୂର୍ଣ୍ଣ ଉନ୍ନତି କେବେ ବି ସମ୍ଭବ ନୁହେଁ। ସେମାନେ ରାଷ୍ଟ୍ର ନିର୍ମାଣରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥା'ନ୍ତି। ଗାନ୍ଧୀଜୀଙ୍କ ସମୟରେ, ନାରୀଙ୍କୁ ସ୍ୱାଧୀନତା ଆନ୍ଦୋଳନରେ ସାମିଲ କରାଇବା ପ୍ରତୀକାତ୍ମକ ପଦକ୍ଷେପ ନଥିଲା, ବରଂ ସମାଜରେ ତାଙ୍କର ସଶକ୍ତ ସ୍ଥାନକୁ ସ୍ୱୀକାର କରିବାର ଏକ ସଚେତନ ପ୍ରୟାସ ଥିଲା।

କାର୍ଯ୍ୟକ୍ରମରେ ବିଶେଷ ଅତିଥି ଡ଼. ହୃଷିକେଶ ମଲ୍ଲିକ ତାଙ୍କର ଅଭିଭାଷଣରେ କହିଥିଲେ, ସାହିତ୍ୟ ଓ ଇତିହାସରେ ଯେପରି ନାରୀଙ୍କ ଅବଦାନ ରହିଛି, ସେହିପରି ଗାନ୍ଧୀଜୀଙ୍କ ଆନ୍ଦୋଳନରେ ମଧ୍ୟ ସେମାନଙ୍କର ଭୂମିକା ଅସାଧାରଣ। ଗାନ୍ଧୀଜୀ ଅନେକ ସମୟରେ କୁସଂସ୍କାର ଓ ଅନ୍ୟାୟ ବିରୋଧରେ ସ୍ୱର ଉଠାଇଥିଲେ। ସମ୍ମାନିତ ଅତିଥି ଡ଼. ହିମାଦ୍ରି ତନୟା ମିଶ୍ର ତାଙ୍କର ଉଦବୋଧନରେ କହିଥିଲେ, ମହାତ୍ମା ଗାନ୍ଧୀଙ୍କୁ ରାଷ୍ଟ୍ରପିତା ଭାବେ ସମ୍ମାନ କରାଯାଏ। ତାଙ୍କ ଜୀବନ ଆଦର୍ଶ, ସତ୍ୟ, ଅହିଂସା ଓ ସରଳତା ଉପରେ ଆଧାରିତ ଥିଲା। ସେ ବିଶ୍ୱାସ କରୁଥିଲେ ଯେ, ସତ୍ୟ ବିନା ଧର୍ମ ନାହିଁ, ଅହିଂସା ବିନା ସତ୍ୟ ପ୍ରତିଷ୍ଠା ପାଇପାରିବ ନାହିଁ। ଗାନ୍ଧୀଜୀଙ୍କ ଦୃଷ୍ଟିକୋଣରେ ନାରୀମାନେ ସଦା ସମାଜର ମୂଳ ଶକ୍ତିୟ ନାରୀଙ୍କୁ ନୀତି, ସଂସ୍କୃତି, ସାହିତ୍ୟ, ଶିକ୍ଷା ଓ ସମାଜସେବାରେ ସମାନ ସୁଯୋଗ ଦେଲେ, ସମାଜର ଅନେକ ସମସ୍ୟାର ସ୍ୱତଃପୂର୍ତ୍ତ ସମାଧାନ ହୋଇଯିବ।

# ଏନ୍ଏସ୍ଏସ୍ ପ୍ରତିଷ୍ଠା ଦିବସ ପାଳିତ

ଭୁବନେଶ୍ୱର,୨୭।୯ (ମହାଭାରତ): ଉଚ୍ଚଶିକ୍ଷା ବିଭାଗ ଆନୁକୂଲ୍ୟରେ ଭୁବନେଶ୍ୱର ସ୍ଥିତ ଜୟଦେବ ଭବନ ଠାରେ ଆଜି ୫୬ତମ ଜାତୀୟ ସେବା ଯୋଜନା (ଏନ୍ଏସ୍ଏସ୍) ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଆଜିର କାର୍ଯ୍ୟକ୍ରମରେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ।



ନିଜର ଅଭିଭାଷଣରେ ଉଚ୍ଚଶିକ୍ଷା ମନ୍ତ୍ରୀ ଶ୍ରୀ ସୂରଜ ଏକ ସଶକ୍ତ ସମାଜ ଗଠନ ଦିଗରେ ଏନ୍ଏସ୍ଏସ୍ ସ୍ୱେଚ୍ଛାସେବୀମାନଙ୍କର ରହିଥିବା ବଳିଷ୍ଠ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ଏଥିସହ ଏକ ପେଡ଼ ମା' କେ ନାମ- ୨.୦ କାର୍ଯ୍ୟକ୍ରମରେ ରାଜ୍ୟରେ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ୧ ଲକ୍ଷ ୪୦ ହଜାରରୁ ଉର୍ଦ୍ଧ୍ୱ ବୃକ୍ଷରୋପଣ କରାଯିବା ଏବଂ ଓଡ଼ିଆ ପକ୍ଷ ପାଳନ ସମୟରେ ଓଡ଼ିଶା ରାଜ୍ୟ ଏନଏସ୍ଏସ୍ ଶାଖା ପକ୍ଷରୁ ଆୟୋଜିତ ହୋଇଥିବା ରକ୍ତଦାନ ଶିବିରରେ ପ୍ରାୟ ୪,୮୦୦ ୟୁନିଟ ରକ୍ତ ସଂଗ୍ରହ କରାଯିବା ଆଦି କାର୍ଯ୍ୟର ପ୍ରଶଂସା କରିଥିଲେ। ବିକଶିତ ଓଡ଼ିଶା ଏବଂ ବିକଶିତ ଭାରତ ଗଠନରେ ନିଜର ଯୋଗଦାନ ଦେବା ସହ ଏକ ସଶକ୍ତ ରାଷ୍ଟ୍ର ନିର୍ମାଣ ନିମନ୍ତେ କାର୍ଯ୍ୟ କରିବାକୁ ମନ୍ତ୍ରୀ ଶ୍ରୀ ସୂରଜ ସମସ୍ତ ଏନଏସ୍ଏସ୍ ସ୍ୱେଚ୍ଛାସେବୀମାନଙ୍କୁ ପ୍ରେରିତ କରିଥିଲେ। ଆଜିର କାର୍ଯ୍ୟକ୍ରମରେ ରାଜ୍ୟ ଏନଏସ୍ଏସ୍ ଶାଖା ପକ୍ଷରୁ ଆୟୋଜିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏଥିସହ ଏନଏସ୍ଏସ୍ ସ୍ୱେଚ୍ଛାସେବୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

କାର୍ଯ୍ୟକ୍ରମରେ ଉଚ୍ଚଶିକ୍ଷା ବିଭାଗର ନିର୍ଦ୍ଦେଶକ କାଳୀପ୍ରସନ୍ନ ମହାପାତ୍ର, ସିଏସ୍ଓ୍ୱାଇଡ଼ି, ଭୁବନେଶ୍ୱରର କୋ-ଫାଉଣ୍ଡର ଡ଼. ଜଗଦାନନ୍ଦ, ଜାତୀୟ ସେବା ଯୋଜନା ଆଞ୍ଚଳିକ ନିର୍ଦ୍ଦେଶାଳୟର ନିର୍ଦ୍ଦେଶିକା ସୁଶ୍ରୀ ସରିତା ପଟେଲ, ରାଜ୍ୟ ଜାତୀୟ ସେବା ଯୋଜନା ଅଧିକାରୀ ତଥା ଉପଶାସନ ସଚିବ ରମେଶ ଚନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

Printed _ Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 _ Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ